


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-17 ◆FRIDAY ◆11 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୭ ◆ଶୁକ୍ରବାର ◆୧୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜି ଓଡ଼ିଶା ଆସୁଛନ୍ତି ରାହୁଲ ଗାନ୍ଧୀ



■ **ଭୁବନେଶ୍ୱର, ୧୦।୭ (ସମିସ):** ଶୁକ୍ରବାର ଓଡ଼ିଶା ଆସିବେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ, ଜାତୀୟ ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ମଧ୍ୟ ଆସନ୍ତାକାଲି ଓଡ଼ିଶାରେ ପହଞ୍ଚିବେ। ପୂର୍ବାହ୍ଣ ୧୧ ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ରାହୁଲ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବେ ଓ ସିଧା ସମାବେଶସ୍ଥଳ ବରମୁଣ୍ଡା ପଡ଼ିଆ ଯିବେ। ମଧ୍ୟାହ୍ନ ୧୨ଟାରେ ସଭାରେ ରାହୁଲ ଯୋଗଦେବେ। ସଭା ଶେଷ ପରେ ମଧ୍ୟାହ୍ନ ଭୋଜନ ସାରି ସେ ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ପହଞ୍ଚିବେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଏବଂ ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ରାହୁଲ ଆଲୋଚନା କରିବେ। ▸ପୃଷ୍ଠା-୭

### ରାଜଧାନୀରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

## ୧୨ରେ ମୁମ୍ବାଇରୁ ଫେରିବେ ନବୀନ



■ **ଭୁବନେଶ୍ୱର, ୧୦।୭ (ସମିସ):** ଆସନ୍ତା ୧୨ ତାରିଖ ଶନିବାର ଓଡ଼ିଶା ଫେରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁନ୍ ୨୦ରେ ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ ଓ ୨୨ ତାରିଖରେ ତାଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ଡାକ୍ତରମାନେ ତାଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ଚିକିତ୍ସାର ତତ୍ତ୍ୱାବଧାନ କରିଥିଲେ।

### ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ସଂଘ ଅଟଳ; ସରକାର ନିଦାବିଷ୍ଟୁ


■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭର ମହାସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ତୃତୀୟ ଦିନରେ ପହଞ୍ଚିଛି। ତିନିଦିନ ହେବ ରାଜ୍ୟରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ସଂକଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ପେଟ୍ରୋଲ୍ ଡିଜେଲର ଅଭାବ ଯୋଗୁଁ ଅନେକ ଟାଙ୍କିରେ ତାଲା ପଡ଼ିଯାଇଥିବା ବେଳେ କଞ୍ଚା ପରିବା, ଗ୍ୟାସ୍ ଓ ଫଳ ଆଦି ସାମଗ୍ରୀ ପରିବହନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଅନେକ ସାମଗ୍ରୀର ଏବେ ଦରଦାମ୍ ବୃଦ୍ଧି ପାଉଥିବା ବେଳେ ଲୋକଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିଛି। ଡ୍ରାଇଭରମାନେ ଏବେ ବି ନିଜ ଜିଦିରେ ଅଟଳ ରହିଥିବା ବେଳ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଆସନ୍ତାକାଲି ଭୁବନେଶ୍ୱର କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶକୁ ଆସୁଥିବା ଗାଡ଼ିଗୁଡ଼ିକୁ ନ ଅଟକାଇବା ପାଇଁ ଡ୍ରାଇଭର୍‌ମାନଙ୍କୁ ସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ନିବେଦନ କରିଛନ୍ତି। ▸ପୃଷ୍ଠା-୭

### ସାରା ରାଜ୍ୟରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ସଂକଟ

### ଆଲୋଚନା ପରିବର୍ତ୍ତେ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି ମନ୍ତ୍ରୀ

### ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବ ସଂଘ: ସଭାପତି


## ତେଲ ପରେ ଗ୍ୟାସ୍ ଚିନ୍ତା



■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଡ୍ରାଇଭରମାନଙ୍କ ଦାବି ପୂରଣ କରିବାରେ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପରିବହନ ମନ୍ତ୍ରୀ ଏହାର ସମାଧାନ କରିବା ପରିବର୍ତ୍ତେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜଧାନୀ ଛାଡ଼ି ନିଜ ବିଧାନସଭା କ୍ଷେତ୍ରକୁ ଚାଲି ଯାଇଛନ୍ତି। ଫଳରେ ଆନ୍ଦୋଳନ ଜାରି ରହିଛି ଓ ସାଧାରଣ ଲୋକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମ ଦୁଇଦିନ ଆନ୍ଦୋଳନରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିଲକ୍ଷିତ ହୋଇଥିବାବେଳେ ତୃତୀୟ ଦିନ ଆନ୍ଦୋଳନ ▸ପୃଷ୍ଠା-୭

### ଭୋଟର ତାଲିକା ସଂଶୋଧନ ସମୟ ଓ ପଦ୍ଧତି ନେଇ ଇସିଆଇଙ୍କୁ ପ୍ରଶ୍ନ

## ବିହାର ନିର୍ବାଚନ ପୂର୍ବରୁ ଏଭଳି ପ୍ରକ୍ରିୟା କାହିଁକି



■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ଯେଉଁ ସମୟରେ ଏଭଳି ସଂଶୋଧନ କରାଯାଉଛି ଏବଂ ଏଥିପାଇଁ ଯେଉଁ ପଦ୍ଧତି ଗ୍ରହଣ କରାଯାଇଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ଅଦାଲତ। କେବଳ ଏତିକି ନୁହେଁ, ଭୋଟର ତାଲିକା ସଂଶୋଧନ ଆଳରେ ଅନ୍ୟ କ୍ଷେତ୍ରରେ ମୁଣ୍ଡ ପୂରାଇଥିବାରୁ କମିସନଙ୍କ ଉପରେ ବର୍ଷିଛନ୍ତି। ଏହାସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରିବା ଲାଗି ନିର୍ବାଚନ କମିସନଙ୍କୁ ପରାମର୍ଶ ଦେଇଛନ୍ତି।

- ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ କ୍ଷମତା ଦେଲା କିଏ ?
- ନାଗରିକତ୍ୱ କାଟିପାରିବେ ନାହିଁ ନିର୍ବାଚନ କମିସନ
- ଆଧାର କାର୍ଡ, ଭୋଟର ପରିଚୟପତ୍ର, ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରାଯାଇପାରିବ

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିରୋଧରେ ଆଗତ ଏକାଧିକ ପିଟିସନକୁ ବିଚାର ପାଇଁ ଗ୍ରହଣ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ କୁ ଧାର୍ଯ୍ୟ କରିଛନ୍ତି କୋର୍ଟ। ଏହି ପିଟିସନ ଉପରେ ଜୁଲାଇ ୨୧ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ▸ପୃଷ୍ଠା-୭

### ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ

## ୧୩ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୦।୭ (ସମିସ):** ଲଘୁଚାପ ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଉତ୍ତରଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇ ବାଲେଶ୍ୱରରେ ପୁଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥିତିରେ ପଛକୁ ପଛ ଆଉ ଦୁଇଟି ଲଘୁଚାପ ଆସୁଥିବାରୁ ଆଗାମୀ ସପ୍ତାହରେ ସାରା ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଆସନ୍ତା ୧୩ ତାରିଖରେ ଗୋଟିଏ ଏବଂ ୨୩ ତାରିଖରେ ଆଉ ଗୋଟିଏ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟର ନଦୀ ଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ▸ପୃଷ୍ଠା-୭

### ମହାରାଷ୍ଟ୍ରରୁ ରାଞ୍ଚିକୁ ସ୍କର୍ପିଓରେ ଚୋରାଚାଲାଣ

## କୋଟିଏ ଟଙ୍କାର ରୁପା ଜବତ

■ **ସମ୍ବଲପୁର, ୧୦।୭ (ସମିସ):** ଗଞ୍ଜେଇ ଯାଞ୍ଚ କରିବା ବେଳେ ଗାଡ଼ିର ସିକ୍ରେଟ୍ ଚାମ୍ବରରୁ ୧୧୦ କେଜିର ରୁପା ସାମଗ୍ରୀ ଜବତ ହେବା ଘଟଣା ସମ୍ବଲପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜବତ ରୁପାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧୦୦ ଗ୍ରାମ ଲେଖାଏଁ ୭୦୦ଟି ରୁପା ବିସ୍କୁଟ, ୫୦ ଗ୍ରାମ ଲେଖାଏଁ ୪୦୦ଟି ସୁନା କଏନ୍ ଓ ୨୦ ଗ୍ରାମ୍ ଲେଖାଏଁ ୧ ହଜାରଟି ରୁପା କଏନ୍ ରହିଛି। ରେଙ୍ଗାଲି ବ୍ଲକ୍ ଅଧୀନ ଝୁରିପଡ଼ା ଛକ ନିକଟରୁ ଅବକାରୀ ବିଭାଗ ଏକ ଧଳା ରଙ୍ଗର ସ୍କର୍ପିଓରୁ ଏହା ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଉକ୍ତ ଗାଡ଼ିରେ ଥିବା ୨ଜଣଙ୍କୁ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ିଛି। ସେମାନେ ହେଲେ, ଗୁଜରାଟର ଚନ୍ଦ୍ରକାନ୍ତ ସୋମଭାଇ(୫୩) ▸ପୃଷ୍ଠା-୭

### ଗଞ୍ଜେଇ ଯାଞ୍ଚ ବେଳେ ସିକ୍ରେଟ୍ ଚାମ୍ବରରୁ ବାହାରିଲା







## ଦୁର୍ଘଟଣାରେ ଗଲା ୫ ଜୀବନ

■ **ପାତ୍ରପୁର/ ଜଗତସିଂହପୁର, ୧୦।୭ (ସମିସ):** ଦୁଇଟି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ଗୁରୁବାର ୫ଜଣଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପ-ପୁଅଙ୍କ ସମେତ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ଼ (୫୫), ତାଙ୍କ ପୁଅ ସୁନୀଲ ଗୌଡ଼ (୨୫) ଏବଂ ବିଏନ୍‌ପୁର ଥାନା ଗଇଲୁଣ୍ଡିର ରାଜେଶ ପାଣିଗ୍ରାହୀ (୨୫)। ସୂଚନାନୁଯାୟୀ, ସାଙ୍ଗମାନଙ୍କ ସହ ରାଜେଶ ବାରିଆପଥରକୁ ବଣଭୋଜି କରିବାକୁ ଯାଇଥିଲେ। ସେଠାରୁ ସେ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦଉ ଓ ସୁନୀଲଙ୍କ ବାଇକ୍ ସହ ଠଣାଗାଁ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ▸ପୃଷ୍ଠା-୭

### ଦୁଇ ବାଇକ୍ ମୁହାମୁହିଁ ଧକ୍କା
### ବାପା-ପୁଅ ସମେତ ୩ ମୃତ
### ପିକଅପ୍ ଭ୍ୟାନ ଧକ୍କାରେ ୨ ମୃତ

# ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନ୍‌ସିଆର)ରେ ଗୁରୁବାର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଦିଲ୍ଲୀଠୁ ୬୦ କିମି ଦୂରରେ ହରିୟାଣାର ଝାଝରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ୧୦ ସେକେଣ୍ଡ ପର୍ଯ୍ୟନ୍ତ ଏହି ଝଟ୍‌କା ଅନୁଭୂତ ହୋଇଥିଲା। ଲୋକେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ତେବେ ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନାହିଁ। ହରିୟାଣାର ଜିନ୍ଦ୍ ଓ ବାହଦୂରଗଡ଼କୁ ବାଦ୍ ଦେଲେ ପଶ୍ଚିମ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା ଓ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଏଠାରେ ଭୂମି ଥରିଥିଲା। ଦିଲ୍ଲୀ ସମେତ ନୋଇଡା, ଗାଜିଆବାଦ୍, ଗୁରୁଗାଁଓ ଓ ଫରିଦାବାଦରେ ଏବଂ ହରିୟାଣାର ସୋନିପତ, ରୋହତକ ଓ ହିସାରରେ ମଧ୍ୟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଗତ ୬ ମାସ ମଧ୍ୟରେ ଦିଲ୍ଲୀ ଓ ଏନ୍‌ସିଆରରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

# ଗୋଟିଏ ରାତିରେ ଭାସିଗଲା ୪୬୬ ଘର

ମଣ୍ଡି, ୧୦।୭(ଏଜେନ୍ସି): ମୌସୁମୀ ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବା ସହ ବନ୍ୟା ସ୍ଥିତି ଉତ୍କଟ ହୋଇଛି। ସ୍ଥାନୀୟ ସିରାଜ ଘାଟିରେ ଗତ ୩୦ ରେ ବାଦଲ ଫଟା ବର୍ଷା ହେବା କାରଣରୁ ଅଚାନକ ବନ୍ୟା ଆସିବା ସହ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ରାତିରେ ହିଁ ୪୬୬ଟି ଘର ଭାସି ଯାଇଥିଲା। ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ନିଖୋଜ ଅଛନ୍ତି। ରାସ୍ତାଘାଟ, ଏବଂ ଚାଷଜମି ଅନାବନା ଅଳିଆ ଗଦାରେ ପରିଣତ ହୋଇଛି। ୯୨ ଦୋକାନ, ୪୫୭ ଗୋଶାଳା, ଗୋଟିଏ ତାପଜ ବିଦ୍ୟୁତ ପ୍ରକଳ୍ପ ସହ ୪୫୬ ଗୃହପାଳିତ ପଶୁ ଭାସି ଯାଇଛନ୍ତି। ୧୫୦୦ ଲୋକ ବାସହରା ହୋଇଛନ୍ତି। ଲୋକେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଣ୍ଡି ଜିଲାର ୯୦ ପ୍ରତିଶତ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି।

# ମାଲେସିଆ ମଡେଲଙ୍କୁ ପୂଜାରୀଙ୍କ ଯୌନ ନିର୍ଯାତନା

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ମାଲେସିଆର ଭାରତୀୟ ବଂଶୋଦ୍ଭବ ଅଭିନେତ୍ରୀ, ମଡେଲ ତଥା ଟିଭି ଉପସ୍ଥାପିକା ଲିସାଲିନି କନରନ ଜଣେ ହିନ୍ଦୁ ପୂଜାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ଏହି ଭାରତୀୟ ପୂଜାରୀ



ଜଣକ ଆଶୀର୍ବାଦ ଦେବା ବାହାନାରେ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି ବୋଲି ସେ କହିଛନ୍ତି। ଲିସାଲିନି ୨୦୨୧ରେ ମିସ୍ ଗ୍ରାଣ୍ଡ ମାଲେସିଆ ଟାଇଟଲ ଜିତିଥିଲେ। ଜୁନ୍ ୨୧ରେ ମାଲେସିଆର ସେଲାଙ୍ଗୁର ରାଜ୍ୟର ସେପାଙ୍ଗ ଜିଲ୍ଲାର ମରିଅମ୍ମନ ମନ୍ଦିରରେ ଏହି ଘଟଣା ଘଟିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଏକା ମନ୍ଦିର ଯାଇଥିଲେ। ପ୍ରଥମେ ପୂଜାରୀ ଜଣକ ତାଙ୍କୁ ଭାରତରୁ ଆଣିଥିବା ପବିତ୍ର ଜଳ ଛିଞ୍ଚିବା ପରେ ରକ୍ଷା ସୂତ୍ର ଦେବା କଥା କହିଥିଲେ। ପରେ ଅଶାଳୀନ ବ୍ୟବହାର କରିଥିଲେ। ଇତିମଧ୍ୟରେ ପୂଜାରୀ ଫେରାର ହୋଇଯାଇଛନ୍ତି ଏବଂ ପୁଲିସ ତାଙ୍କୁ ଖୋଜୁଛି।

# କପିଳ ଶର୍ମାଙ୍କ କାଫେରେ ଖଲିସ୍ତାନୀଙ୍କ ଗୁଳିମାଡ଼

ଓଟାୱା, ୧୦।୭ (ଏଜେନ୍ସି): କାନାଡ଼ାର ବ୍ରିଟିଶ କଲମ୍ବିଆର ସରେ ସ୍ଥିତ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେ ଉପରେ ବୁଧବାର ରାତିରେ ଖଲିସ୍ତାନୀ ଗୁଳିମାଡ଼ କରିଛନ୍ତି। ଉଦ୍‌ଘାଟନର ତିନି ଦିନ ପରେ 'କ୍ୟାପ୍‌ସ କାଫେ' ଉପରେ ୯ ରାଉଣ୍ଡ ଗୁଳି ମାଡ଼ କରାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖଲିସ୍ତାନୀ ଆତଙ୍କବାଦୀ ହରିଜତ ସିଂହ ଲଡ୍ଡା ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ପୂର୍ବରୁ କପିଲ ଦେଇଥିବା ମନ୍ତବ୍ୟ ପାଇଁ ଏହି ଆକ୍ରମଣ କରାଯାଇଥିଲା ବୋଲି ସେ କହିଛି। ଏହି ଆତଙ୍କବାଦୀ ଏନଆଇଏର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଛି। ବବ୍ବର ଖାଲସା ଇଣ୍ଟରନ୍ୟାସନାଲ ସହ ମଧ୍ୟ ଜଡ଼ିତ ରହିଛି। ଆକ୍ରମଣକାରୀ କାଫେ ଉପରେ ଗୁଳିମାଡ଼ର ଭିଡିଓ ରେକର୍ଡ କରିଛି। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଭିଡିଓରୁ ଦେଖିବାକୁ ମିଳୁଛି ଯେ ଆକ୍ରମଣକାରୀ କାର୍‌ରେ ଆସିଥିଲା। କାର୍ ଭିତରୁ ରହି ସେ ଗୁଳିମାଡ଼ କରିଥିଲା।

# ଫେସବୁକ୍ ଲାଇଭ୍‌ରେ ୟୁପି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ ଋଣଗ୍ରସ୍ତ ରିଅଲ ଇଷ୍ଟେଟ ବ୍ୟବସାୟୀ ଫେସ୍‌ବୁକ ଲାଇଭରେ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ମରିବା ପୂର୍ବରୁ ନିଜର ଝିଅ ପାଇଁ ସହାୟତା ମାଗି ନିଜର କରୁଣ କାହାଣୀ କହି ଯାଇଛନ୍ତି। ଆର୍ଥିକ ସ୍ଥିତି ତାଙ୍କର ଏପରି ଖରାପ ହୋଇଯାଇଥିଲା ଯେ ମଧୁମେହ ପୀଡ଼ିତ ଝିଅ ପାଇଁ ଇନ୍‌ସୁଲିନ ବି କିଣିପାରି ନ ଥିଲେ। ପରିବାରକୁ ସହାୟତା କରିବା ପାଇଁ ସେଲିବ୍ରିଟି, ଶିଳ୍ପପତିଙ୍କୁ ଅନୁରୋଧ କରିଥିଲେ। ବକେୟା ଋଣ ଏବଂ ଆର୍ଥିକ ଚାପ ସହି ପାରୁନାହାନ୍ତି ବୋଲି କହିଥିଲେ। ଲାଇଭ୍ ସମୟର ଭିଡିଓ ଦେଖି ତାଙ୍କ ପରିବାର କୌଣସି ସଦସ୍ୟ ପୁଲିସକୁ ସୂଚନା ଦେଇଥିଲେ।

# ବେଲୁଚିସ୍ତାନରେ ବିଏଲ୍‌ଏର ଅପରେସନ ବାମ୍
# ୧୭ ସାମରିକ ଠିକଣା ଉପରେ ଆକ୍ରମଣ

କରାଚୀ, ୧୦।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଯୋଜନାବଦ୍ଧ ଭାବେ ସିରିଜ ଆକ୍ରମଣ କରି ହଇଚଇ ସୃଷ୍ଟି କରିଛି। ବିଏଲ୍‌ଏ ଅପରେସନ ବାମକ୍ଷ ଆରମ୍ଭ କରି ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଜିଲ୍ଲାରେ କ୍ରମାଗତ ଭାବେ ଆକ୍ରମଣ କ ୧୭ଟି ସାମରିକ ଠିକଣା ତଥା ଚେକ୍ ପୋଷ୍ଟକୁ ଧ୍ୱଂସ କରିଦେଇଛି। କିଛି ସରକାରୀ ବାସଭବନ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣ ପାଇଁ ପାକିସ୍ତାନ ସୈନ୍ୟବାହିନୀ ବଡ଼ଧରଣ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି କୁହାଯାଇଛି। ଏହି ଆକ୍ରମଣ ନେଇ ବିଏଲ୍‌ଏ ନିଜକୁ ଦାୟୀ କରିଛି। ପଞ୍ଜଗୁର, ସୁରବ, କେଚ୍ ଓ ଖରାନରେ ବିଏଲ୍‌ଏ ଏହି ଆକ୍ରମଣ କରି ତା'ର ବିଦ୍ରୋହକୁ ଆହୁରି ଜୋରଦାର କରିଛି। ତେବେ ଏ ନେଇ ପାକିସ୍ତାନ କର୍ତ୍ତୃପକ୍ଷ ତରଫରୁ ଏପର୍ଯ୍ୟନ୍ତ ସବିଶେଷ ଭାବେ କିଛି କୁହାଯାଇନାହିଁ। ଏହି ଆକ୍ରମଣକୁ ସ୍ୱାଧୀନତା ସଂଗ୍ରାମର ଏକ ନୂଆ ସକାଳ ବୋଲି ଅବିହିତ କରିଛନ୍ତି ବିଏଲ୍‌ଏ ମୁଖପାତ୍ର ମେଜର ଗ୍ୱହରାମ ବାଲୋଚ୍। ଜବାବରେ ପାକ ସେନା ମଧ୍ୟ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଅପରେସନ ସରିବା ପରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସୂଚନା



ଦିଆଯିବ ବୋଲି ବିଏଲ୍‌ଏ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଏଲ୍‌ଏ ୨୦୦୦ରେ ଗଠନ କରାଯାଇଥିଲା। ଗତ କେତେ ବର୍ଷ ମଧ୍ୟରେ ବିଏଲ୍‌ଏ ପାକିସ୍ତାନ ସେନା ଉପରେ ଏକାଧିକ ଆକ୍ରମଣ କରିଛି। ପାକିସ୍ତାନ ସେନା ପାଇଁ ଏବେ ବିଏଲ୍‌ଏ ମୁଣ୍ଡବ୍ୟଥାର କାରଣ ହୋଇଛି। ଜବାବରେ ପାକିସ୍ତାନ ମଧ୍ୟ ବେଲୁଚିସ୍ତାନରେ ଦମନଲୀଳା ଚଳାଇଛି ବୋଲି ଅଭିଯୋଗ ହୋଇଛି।

# ତାରକାଙ୍କୁ ମହଙ୍ଗା ପଡ଼ିଲା ବେଟିଂ ଆପ୍ ପାଇଁ ପ୍ରଚାର

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବେଆଇନ ବେଟିଂ (ଜୁଆ ଖେଳ) ଆପ୍ କମ୍ପାନୀଗୁଡିକ ସେଲିବ୍ରିଟିଙ୍କୁ ଆଧାର କରି ନିଜର କଳା ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ବିଜ୍ଞାପନରେ କ୍ରିକେଟରଙ୍କଠାରୁ ଅଭିନେତା ସହିତ ବଡ଼ ବଡ଼ ସେଲିବ୍ରିଟିଙ୍କୁ ନେଇ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛନ୍ତି। ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଯୁବ ବର୍ଗଙ୍କୁ



ଭୁଆଁ ବୁଲାଉଛନ୍ତି। ଆଉ ଶେଷରେ ଯୁବ ପିଢ଼ି ରାତାରାତି ଧନୀ ହେବା ପାଇଁ ନିଜର କଷ୍ଟ ଅର୍ଜିତ ସମ୍ପତ୍ତି ଲଗାଇ ବେଟିଂ ଆପ୍‌ରେ ସର୍ବସ୍ୱ ହରାଉଛନ୍ତି। ତଥାପି ଏହି ନିଶା ଛାଡ଼ି ନ ପାରି ଚୋରି, ହତ୍ୟା ଆଦି ବି କରିବାକୁ ପଛାଉ ନାହାନ୍ତି। ଏବେ ଏପରି ଏକ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିନେତା ବିଜୟ ଦେବରକୋଣ୍ଡା, ରାଣା ଦାଗୁବତି, ପ୍ରକାଶ ରାଜ, ମାଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ପ୍ରଣିତା ସୁଭାଷ, ଟିଭି ଉପସ୍ଥାପିକା ଶ୍ରୀମୁଖୀ, ହର୍ଷା ସାଇଙ୍କ ସମେତ ୨୯ ସେଲିବ୍ରିଟିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏମାନେ ବେଆଇନ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର

## ଇଡି ଜାଲ୍‌ରେ ୨୯ ସେଲିବ୍ରିଟି
## ନିବେଶ ପାଇଁ ଉତ୍ସାହିତ କରିବାକୁ ନେଇଥିଲେ କୋଟି କୋଟି ଟଙ୍କା

କରୁଥିବା ଅଭିଯୋଗ ହୋଇଛି। ହାଇଦରାବାଦର ମିୟାପୁରି ପୁଲିସ ଦ୍ୱାରା ରୁଜୁ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ଇଡି ଏହି ମାମଲାରେ ହୋଇଥିବା ଆର୍ଥିକ କାରବାରର ସନ୍ଧାନ କରୁଛି। ଆଉ କିଏ କିଏ ଏହି ଜାଲିଆତିରେ ସାମିଲ ଅଛନ୍ତି ତାହା ଜାଣିବା ଲାଗି ତଦନ୍ତ ଜାରି ରହିଛି।

ଚଳିତ ବର୍ଷ ମାର୍ଚ୍ଚରେ ବ୍ୟବସାୟୀ ପିଏମ ଫଣୀନ୍ଦ୍ର ଶର୍ମା ଏ ନେଇ ଏତଲା ଦେଇଥିଲେ। ନିଜ ଅଞ୍ଚଳରେ ଅନେକ ଯୁବ ବର୍ଗ ଏଭଳି ବେଆଇନ ଆପ୍‌ରେ ଅର୍ଥ ଲଗାଇ ଥିବା ସେ ଜାଣିବାକୁ ପାଇଥିଲେ। ଅର୍ଥ ଲଗାଇବା ପାଇଁ ଲୋକଙ୍କୁ ଉସୁକାଇବା ନିମନ୍ତେ ଏହି ସେଲିବ୍ରିଟିଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଇଥିଲା। ଏହାର ପ୍ରଚାର ମାଧ୍ୟମରେ ବହୁ କୋଟି ଟଙ୍କା ମନି ଲଣ୍ଡରିଂ ହୋଇଛି ବୋଲି ଅଧିକାରୀ କହିଛନ୍ତି।

ଅନ୍ୟପଟେ 'ଏ୨୩ ରମି ଆପ୍' ପାଇଁ ପ୍ରଚାର କରିଥିବା ଅଭିନେତା ବିଜୟ ଦେବରକୋଣ୍ଡା କହିଛନ୍ତି ଯେ ଏହା ଏକ ଦକ୍ଷତା କୈନ୍ଦ୍ରିକ ଗେମିଂ ପ୍ଲାଟଫର୍ମ। ଏହା ବେଆଇନ ବେଟିଂ ଆପ୍ ନୁହେଁ। ଏହି ଆପ୍‌କୁ ସୁପ୍ରିମକୋର୍ଟ ଦକ୍ଷତା କୈନ୍ଦ୍ରିକ ଗେମ୍ ମାନିଥିବା ସେ କହିଛନ୍ତି। ସେହିପରି 'ଜଙ୍ଗଲୀ ରମି' ରାଣା ଏବଂ ପ୍ରକାଶ ରାଜ, 'ଯୋଲୋ ୨୪୭' ଲାଗି ମାଞ୍ଚୁ ଲକ୍ଷ୍ମୀ, ଫେୟାରପ୍ଲେ ପାଇଁ ପ୍ରଣିଥା ଏବଂ ଜିତ୍ ୱିନ୍ ଲାଗି ନିଧି ପ୍ରଚାର କରିଥିଲେ।

# ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ସିଦ୍ଧରମୈୟା



ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ଟଣାଓଟରା ବନ୍ଦ ହେବାର ନା ଧରୁନି। ପ୍ରଭାରୀ ରଣଦୀପ ସୁର୍ଜେୱାଲା ବେଙ୍ଗାଲୁରୁ ଆସି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଶିବକୁମାରଙ୍କ ଗୋଷ୍ଠୀର ବିଧାୟକମାନେ ସାର୍ବଜନୀନ ଭାବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ଦାବି କରୁଛନ୍ତି। ଏହା ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଥିଲେ ବି ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁ ବସିଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ପୁଣି ସିଦ୍ଧରମୈୟା ସାମ୍ନାକୁ ଆସି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର ଚର୍ଚ୍ଚାକୁ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏହି ପଦବୀ ଖାଲି ନାହିଁ। କାରଣ ଏବେ ସେ ପଦବୀରେ ଅଛନ୍ତି। ୫ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ ବୋଲି ପୁଣି ସିଦ୍ଧରମୈୟା ଦାବି କରିଛନ୍ତି।

କିଛି ଦିନ ହେଲା ରାଜ୍ୟରେ ଏହି ପରିବର୍ତ୍ତନ ପବନ ଜୋର୍‌ରେ ବହୁଥିବା ବେଳେ ସିଦ୍ଧରମୈୟା ଦିଲ୍ଲୀ ଗସ୍ତରେ ପହଞ୍ଚିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ, ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଅଢେଇ ବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲା।

# ୩ ବର୍ଷରେ ଏନ୍‌ଏଚ୍‌ରେ ଭୁଶୁଡ଼ିଲାଣି ୨୧ ପୋଲ

ଭଦୋଦରା, ୧୦।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ମହିସାଗର ନୀଦ ଉପରେ ନିର୍ମିତ ଗମ୍ଭୀରା ପୋଲ ଭୁଶୁଡ଼ିବା ଘଟଣା ସରକାରୀ ଅବହେଳାର ଚରମ ନିଦର୍ଶନ। ମୋର୍ବି ଝୁଲା ପୋଲ ଦୁର୍ଘଟଣା ପରେ ବି ସରକାର କିଛି ବି ଶିକ୍ଷା ଗ୍ରହଣ କଲେଣି। ପ୍ରଶାସନିକ ଅବହେଳା, ସୁରକ୍ଷା ମାନଦଣ୍ଡ ପାଳନ ନ କରିବା, ଖାଲି ରଙ୍ଗ ମାରି ମରାମତି କାମ ସାରିଦେବା ଯୋଗୁଁ ମୋର୍ବିରେ ୧୪୧ ଜଣ ନୀରିହଙ୍କ ଜୀବନ ଯାଇଥିଲା। ଗମ୍ଭୀରାରେ ମଧ୍ୟ ତାହାର ପୁନରାବୃତ୍ତି ଘଟିଛି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କଲାନାହିଁ। ଶେଷରେ ବୁଧବାର ସକାଳେ ଏହି ପୋଲର ମଝିର ଗୋଟିଏ ସ୍ଲାବ ନଦୀକୁ ଖସି ପଡ଼ିଥିଲା। ଏଥିଯୋଗୁଁ ୨ଟି ଲେଖାଏଁ ଟ୍ରକ୍ ଓ କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ତଦ୍‌ଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୧୮କୁ ବୃଦ୍ଧି ପାଇଛି। ଆଜି ନଦୀରୁ ଆଉ ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଆହୁରି ୩ ଜଣ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୩ ଜଣ ସଦସ୍ୟ ସାମିଲ ଅଛନ୍ତି। ମୋର୍ବି ଦୁର୍ଘଟଣା ପରେ ସରକାର ଖାଲି ଯାଞ୍ଚ ନିର୍ଦ୍ଦେଶ ଦେଇ ବସି ଯାଇଥିଲେ। କୌଣସି ତତ୍ପରତା ଦେଖାଇ ନ ଥିଲେ। ସେଥିପାଇଁ ପୁଣି ନିରୀହ ଲୋକଙ୍କ ଜୀବନ ଚାଲିଗଲା ବୋଲି ଲୋକେ କହୁଛନ୍ତି।

## ୫ ବର୍ଷରେ ଭାଙ୍ଗି ଯାଇଛି ୪୨ ପୋଲ
## ୪୦ ବର୍ଷରେ ଭୁଶୁଡ଼ିଲାଣି ୨୧୩୦ ପୋଲ

୧୯୮୧-୮୨ରେ ଉତ୍ତର ପ୍ରଦେଶ ରାଜ୍ୟ ସେତୁ ନିଗମ ଗମ୍ଭୀରା ପୋଲ ନିର୍ମାଣ କରିଥିଲା। ସୂଚନା ଅନୁଯାୟୀ ୨୦୧୫ରେ ଏହା ଶୋଚନୀୟ ହୋଇ ଯାଇଥିଲା। ସେ ସମୟରେ ସରକାର ଯାଞ୍ଚ କରି ପୋଲର ବେୟରିଙ୍ଗ ବଦଳାଇ ଥିଲେ। ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏଭଳି ସ୍ଥିତି ହୋଇଥିଲା। ବାରମ୍ବାର ଦେଶରେ ପୋଲ ଭୁଶୁଡୁ ଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି। ଠିକାଦାର, ଅଧିକାରୀ, ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି। କୌଣସି ପ୍ରକଳ୍ପ ପାଇଁ ଲାଞ୍ଚ ନ ଦେଲେ କାର୍ଯ୍ୟ ହେଇପାରୁ ନାହିଁ। ଏହା ସୁରକ୍ଷା ବଦଳରେ ଅର୍ଥ ଉପାର୍ଜନର ଏକ ବଡ଼ ମାଧ୍ୟମ ପାଲଟି ଯାଇଛି। ନିମ୍ନମାନର କାମ କରି ସାଧାରଣ ଜନତାଙ୍କୁ ବଳି ଦିଆଯାଉଛି। ଆଉ ନେତାମନ୍ତ୍ରୀ ଅନୁକମ୍ପାମୂଳକ ସହାୟତା ଦେଇ ଖାଲି ବସି ପଡୁଛନ୍ତି। ମାତ୍ର ସ୍ଥିତି ଯଥା ପୂର୍ବଂ ତଥା ପରଂ ହେଉଛି। କିନ୍ତୁ ପରିତାପର ବିଷୟ ଏହି କି ଯେ ବ୍ରିଟିଶ ଏବଂ ରାଜରାଜୁଡ଼ା ଅମଳର ପୋଲ ଆଜି ଯାଏଁ ସେମିତି ଥିବାବେଳେ ସ୍ୱାଧୀନତା ପରେ ନିର୍ମିତ ଅନେକ ପୋଲ ଭୁଶୁଡ଼ି ଯିବା ଦେଶରେ ଦୁର୍ନୀତି କିଭଳି ଭାବେ ବ୍ୟାପିଛି ତାହାକୁ ଦର୍ଶାଉଛି।

ସରକାର ଉପଗ୍ରହ ମାଧ୍ୟମରେ ରାସ୍ତା ନିର୍ମାଣ ଉପରେ ଧ୍ୟାନ ରଖୁଥିବା ଦାବି କରୁଛନ୍ତି। ମାତ୍ର ରିପୋର୍ଟ ଭିନ୍ନ ତଥ୍ୟ ଦେଉଛି। ସାରା ଦେଶରେ ସାମାନ୍ୟ ବର୍ଷାରେ ଜାତୀୟ ରାଜପଥଗୁଡିକର ସ୍ଥିତି କଣ ତାହା ଭାଇରାଲ ହେବାରେ ଲାଗିଛି। ଗତ ତିନି (୨୦୨୧-୨୦୨୪) ବର୍ଷରେ ଏନଏଚ୍‌ରେ ଥିବା ୨୧ ପୋଲ ଭୁଶୁଡ଼ି ଯାଇଛି। ଏହା ମଧ୍ୟରେ ୬ଟି ନିର୍ମାଣାଧୀନ ପୋଲ ମଧ୍ୟ ସାମିଲ ରହିଛି। ସରକାରଙ୍କ ପକ୍ଷରୁ ରାଜ୍ୟସଭାରେ ଏହି ସୂଚନା ଦିଆଯାଇଥିଲା। ସେହିପରି ଗତ ୫ ବର୍ଷ (୨୦୧୯-୨୦୨୪) ୪୨ଟି ପ୍ରମୁଖ ଏବଂ କ୍ଷୁଦ୍ର ପୋଲ ଭୁଶୁଡ଼ି ଯାଇଥିଲା। ଗତ ବର୍ଷ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ୨୦୨୦ର ଏକ ଅଧ୍ୟୟନ ଅନୁଯାୟୀ ୧୯୭୭ରୁ ୨୦୧୭ ମଧ୍ୟରେ ୨,୧୩୦ ପୋଲ ଭୁଶୁଡ଼ି ଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦.୩ ପ୍ରତିଶତ, ଖରାପ ସାମଗ୍ରୀ ପାଇଁ ୧୦.୧ ପ୍ରତିଶତ ଏବଂ ଓଭରଲୋଡିଂ (ଅତ୍ୟଧିକ ଭାର) ଲାଗି ୩.୨୮ ପ୍ରତିଶତ ପୋଲ

# ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଥରୁରଙ୍କ ବିଷୋଦ୍‌ଗାର

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାରି କରିଥିବା ଜରୁରୀ ପରିସ୍ଥିତି ବା ଏମର୍ଜେନ୍ସିକୁ ବିରୋଧ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି କଂଗ୍ରେସ ସାଂସଦ ଶଶୀ ଥରୁର। ସେ ଏମର୍ଜେନ୍ସିକୁ ଭାରତୀୟ ଇତିହାସର କଳା ଅଧ୍ୟାୟ



ଥିଲା ବୋଲି କହିଛନ୍ତି। ଏଥିରୁ ଶିକ୍ଷା ନେବା ଜରୁରୀ ବୋଲି ମାଲାୟାଲମ ଖବରକାଗଜ 'ଦୀପିକା'ରେ ଲେଖିଥବା ସ୍ତମ୍ଭରେ ସେ ଉଲ୍ଲେଖ କରିଛନ୍ତି। ଇନ୍ଦିରାଙ୍କୁ ସମାଲୋଚନା କରି ସେ ଲେଖିଛନ୍ତି ଯେ ପରିବାର ନିୟନ୍ତ୍ରଣ ପାଇଁ ଜବରଦସ୍ତି ଅସ୍ତ୍ରୋପଚାର ବା ନସବନ୍ଦୀ ଅଭିଯାନ ଏକ କ୍ରୁର ନିଷ୍ପତ୍ତି ଥିଲା। ପୁଅ ସଂଜୟ ଗାନ୍ଧୀଙ୍କ ଏଭଳି ଅଭିଯାନକୁ ଇନ୍ଦିରା ସମର୍ଥନ କରିଥିଲେ। ସେହିଭଳି ଦିଲ୍ଲୀରେ ଯେଉଁଭଳି ବସ୍ତି ଉଚ୍ଛେଦ କରାଗଲା ତାହା ନିର୍ଯାତନାର ସବୁ ସୀମା ଟପିଯାଇଥିଲା। ଏଥିରେ ଅତିଷ୍ଠ ହୋଇ ଦେଶବାସୀ ଇନ୍ଦିରାଙ୍କୁ କ୍ଷମତାଚ୍ୟୁତ କରିଥିଲେ ବୋଲି ଥରୁର ଉଲ୍ଲେଖ କରିଛନ୍ତି। ଅନୁସାଶନ ଓ ବ୍ୟବସ୍ଥା ପାଇଁ ନିଆଯାଉଥିବା ପଦକ୍ଷେପ ବେଳେବେଳେ କ୍ରୂରତାରେ ପରିଣତ ହୋଇଥାଏ। ଏହାକୁ ଉଚିତ ବୋଲି କଦାପି କୁହାଯାଇ ପାରିବ ନାହିଁ। କଂଗ୍ରେସ କାର୍ଯ୍ୟକାରିଣୀର ସଭ୍ୟ ଥାଇ ନିଜ ଦଳର ପ୍ରଧାନମନ୍ତ୍ରୀଙ୍କୁ ଥରୁରଙ୍କ ଏଭଳି ସମାଲୋଚନା ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଦଳ ଭିତରେ ଥାଇ କଂଗ୍ରେସ ସହିତ ତାଙ୍କର ସଂପର୍କ ତିକ୍ତ ରହିଛି। ଆନୁଷ୍ଠାନିକ ଭାବେ କଂଗ୍ରେସ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ଜଣେ ନେତା ଏହାକୁ ଥରୁରଙ୍କ ମୁହଁରେ ବିଜେପି ଭାଷା ବୋଲି କହିଛନ୍ତି।

# ୟୁକ୍ରେନ ଉପରେ ୪୦୦ ଡ୍ରୋନ ଓ ୧୮ କ୍ଷେପଣାସ୍ତ୍ର ମାଡ଼

କିଭ୍, ୧୦।୭ (ଏଜେନ୍ସି): ରୁଷ୍ ପୁଣି ୟୁକ୍ରେନ ଉପରେ ବଡ଼ ଆକ୍ରମଣ କରିଛି। ଗୁରୁବାର ସକାଳେ ୪୦୦ ଡ୍ରୋନ ଏବଂ ୧୮ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଅନେକ କୋଠା, ଗ୍ୟାରେଜ ଏବଂ ପେଟ୍ରୋଲ ପମ୍ପରେ ମଧ୍ୟ ନିଆଁ ଲାଗି ଯାଇଛି। ସପ୍ତାହରେ ତୃତୀୟ ପାଇଁ ରୁଷ୍ ଏଭଳି ଆକ୍ରମଣ କରି ୟୁକ୍ରେନ ବାୟୁରକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି। ଏହା ମଧ୍ୟରେ ଆଜି ୟୁକ୍ରେନ ରାଷ୍ଟ୍ରପତି ରୋମ୍‌ରେ ଆମେରିକା ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ବୈଠକରେ ପୁନଃନିର୍ମାଣକୁ ଧ୍ୟାନ ଦିଆଯିବ ବୋଲି ୟୁକ୍ରେନ ବିଦେଶମନ୍ତ୍ରୀ କହିଛନ୍ତି। ସେହିପରି ଆମେରିକା ବିଦେଶମନ୍ତ୍ରୀ ଆଜି ମାଲେସିଆରେ ନିଜ ରୁଷ୍ ସମକକ୍ଷଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

# ୟୁରୋପୀୟ ସହରରେ ଗ୍ରୀଷ୍ମପ୍ରବାହ; ୨୩୦୦ ମୃତ

ଲଣ୍ଡନ, ୧୦।୭ (ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହା ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ଅସହ୍ୟ ଗୁଳୁଗୁଳି ଲୋକଙ୍କ ଜୀବନ ନେବାରେ ଲାଗିଛି। ଏଥିଯୋଗୁଁ ୧୨ ୟୁରୋପୀୟ ସହରରେ ୨୩୦୦ ଲୋକ ପ୍ରାଣ ହରାଇଲେଣି। କେବଳ ପର୍ତ୍ତୁଗାଲରେ ୨୮୪ ଜଣଙ୍କ ମୃତ୍ୟୁ ହୋଇଛି। ଲଣ୍ଡନର ଇମ୍ପେରିଆଲ କଲେଜ ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁଯାୟୀ ଗତ ୧୦ ଦିନରେ ଲଣ୍ଡନ, ମାଦ୍ରିଦ, ବାର୍ସିଲୋନା ଏବଂ ମିଲାନ ଭଳି ସହର ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ସ୍ପେନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି।

# ଛାଙ୍ଗୁର ବାବାଙ୍କ ଧର୍ମାନ୍ତରୀକରଣର କଳା ସାମ୍ରାଜ୍ୟ

ବଳରାମପୁର, ୧୦।୭(ଏଜେନ୍ସି): ଉତ୍ତରପ୍ରଦେଶ ଧର୍ମାନ୍ତରଣର ମାଷ୍ଟର ମାଇଣ୍ଡ ଜଲାଲୁଦ୍ଦିନ ଓର୍ଫ ଛାଙ୍ଗୁର ବାବାର କଳା ସାମ୍ରାଜ୍ୟ ନେଇ ଧିରେ ଧିରେ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସୁଛି। ତା'ର ୪୦ଟି ବ୍ୟାଙ୍କ ଆକାଉଣ୍ଟ ଥିଲା। ଏଥିରେ ମୋଟ୍ ୧୦୬ କୋଟି ଟଙ୍କା ରହିଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ତାକୁ ଏହି ଅର୍ଥ ମିଳିଥିଲା। ଶନିବାର ଲକ୍ଷ୍ନୌର ଏକ ବିଳାଶପୂର୍ଣ୍ଣ ହୋଟେଲରୁ ଛାଙ୍ଗୁର ବାବା ଓ ତା'ର ସହଯୋଗୀ ନୀତୁ ଓର୍ଫ ନସରିନଙ୍କୁ ପୁଲିସ ଗିରଫ କରିଥିଲା। ଉତ୍ତରପ୍ରଦେଶ ବଳରାମପୁର ଜିଲ୍ଲାରେ ଧର୍ମାନ୍ତରଣ ନେଇ ସେ ଜାଲ ବିଛାଇ ଥିଲା। ସେ ଅତି ଚତୁରତାର ସହ ଏହି ର୍ୟାକେଟ୍ ଚଲାଇଥିଲା। ବହୁ ହିନ୍ଦୁ ଝିଅ ଓ ପୁରୁଷଙ୍କୁ ମୁସଲମାନ କରିବାର ସକ୍ଷମ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ତା'ର କୋଠି ଉପରେ ବୁଲଡୋଜର ଚଳାଯାଇଥିଲା। ବୁଧବାର ସକାଳ ୧୦ଟାରେ ବଳାରମପୁର ପ୍ରଶାସନ ତାର କୋଠୀରେ ପହଞ୍ଚିଥିଲା। ଏହି କୋଠି ଭିତର ଏକ ମିନି ପାଓ୍ୱାର ହାଉସ ଦେଖିବାକୁ ମିଳିଥିଲା। ବାଥରୁମରେ ବିଦେଶୀ ବ୍ରାଣ୍ଡର ଜିନିଷ ଥିଲା। କୋଠିରେ ୬ଟି ଜର୍ମାନୀ ସେଫର୍ଡ କୁକୁର ଓ ଗୋଟିଏ ଘୋଡା ରହିଥିଲା। ଏହି କୁକୁରଗୁଡିକୁ ନିକଟରେ ଥିବା ଗାଁର ଲୋକେ ଉଠାଇ ନେଇଛନ୍ତି। କିନ୍ତୁ ପୁଲିସର ଚେତାବନୀ ପରେ ଗାଁ ଲୋକେ ଏହି କୁକୁରଗୁଡିକ ଫେରାଇ ଦେଇଥିଲେ। ୧୫୦୦ ବର୍ଗଫୁଟ୍‌ରେ ଅବୈଧ ଭାବେ ନିର୍ମିତ ଏହି କୋଠିକୁ ବୁଲଡୋଜର ମାଧ୍ୟମରେ ମାଟିରେ ମିଶାଇ ଦିଆଯାଇଥିଲା ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଆହୁରି ୫୦୦ ବର୍ଗଫୁଟ୍‌ର ଅବୈଧ ନିର୍ମାଣକୁ ମାଟିରେ ମିଶାଇବା ବାକି ରହିଛି। ୩ କୋଟି ଟଙ୍କା ମୂଲ୍ୟରେ ୩ ବିଘା ଜମିରେ ନିର୍ମିତ ଏହି କୋଠିରେ ୭୦ରୁ ଅଧିକ କୋଠରୀ ରହିଥିଲା। ଏହିଠାରେ ରହି ସେ ଧର୍ମାନ୍ତରଣ ନେଟ୍‌ୱର୍କ ଚଳାଉଥିଲା। ସାଥି ନୀତୁର ଧର୍ମ ପରିବର୍ତ୍ତନ କରି ତାକୁ ନାସରିନ ବନାଇଥିଲା ଏହି ବାବା। ପୁଲିସ ତା ନାମରେ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ତଦନ୍ତ ଆଗକୁ ଚାଲିଲେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

## ୪୦ ଆକାଉଣ୍ଟରେ ୧୦୬ କୋଟି ଟଙ୍କା
## କୋଠିରେ ୬ ଜର୍ମାନୀ ସେଫର୍ଡ, ୧ ଘୋଡ଼ା



ଗରିବ, ଶ୍ରମିକ, ବିଧବା, ଅସହାୟ ମହିଳା, ଅତି ଗରିବଶ୍ରେଣୀ ଲୋକଙ୍କୁ ଆର୍ଥିକ ସହାୟତା, ବିବାହ କରାଇଦେବାର ପ୍ରଲୋଭନ ଦେଖାଇ ସେ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଥିଲା। ଅବଶ୍ୟକ ପଡ଼ିଲେ ସେ ଏଥିପାଇଁ ବଳ ପ୍ରୟୋଗ ମଧ୍ୟ କରୁଥିଲା ବୋଲି ପୁଲିସ କହିଛି। ଛାଙ୍ଗୁର ବାବାର ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିଲା କି ନା ତାହା ଜାଣି ଲାଗି ତଦନ୍ତ ଜାରି ରହିଛି। ଏକଦା ସାଇକେଲର ଯନ୍ତ୍ରାଂଶ ବିକ୍ରି କରୁଥିବା ଏହି ବାବା ଗାଁ ମୁଖିଆ ହୋଇଥିଲା ଓ ଏହାପରେ ଜାଲ ବିଛାଇ କୋଟିପତି ହେବାରେ ସଫଳ ହୋଇଥିଲା। ଛାଙ୍ଗୁର ବାବାର ଏହି କାର୍ଯ୍ୟକଳାପ କେବଳ ସାମାଜ ନୁହେଁ, ଦେଶ ବିରୋଧରେ ଉଦ୍ଦିଷ୍ଟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

## ଡାକ୍ତରଙ୍କ ଘରୁ 'ସ୍ପେସାଲ୍-୨୬' ଶୈଳୀରେ ଡକାୟତି

# ଭିଜିଲାନ୍ସ ଅଧିକାରୀ କହି ସର୍ବସ୍ୱ ଲୁଟିନେଲେ

ଡେରାବିଶ, ୧୦।୭ (ସମିସ): ବଲିଉଡ୍ ସିନେମା 'ସ୍ପେସାଲ-୨୬' ଶୈଳୀରେ ଆଜି କିଛି ଦୁର୍ବୃତ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ ଜଣେ ଡାକ୍ତରଙ୍କ ଘରୁ ଲୁଟ୍‌ପାଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପାଖାପାଖି ୬ଜଣ ଦୁର୍ବୃତ୍ତ ନିଜକୁ ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ଦିନ ଦି'ପହରରେ ଏହି ଘଟଣା ଘଟାଇଛନ୍ତି। ଲୁଟ୍‌ର ଶିକାର ଡାକ୍ତରଜଣଙ୍କ ହେଲେ, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଢ଼ି



ଗାଁର ମହମ୍ମଦ ଜଲିଲ୍ ଅହମ୍ମଦ ଖାଁ। ଦୁର୍ବୃତ୍ତମାନେ ତାଙ୍କ ଘରୁ ୧୫୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଦୁଇଲକ୍ଷ ଟଙ୍କା ଓ ତିନୋଟି ମୋବାଇଲ ଲୁଟି ନେଇଛନ୍ତି। ଡେରାବିଶ ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଆଜି ଅପରାହ୍ଣ ପାଖାପାଖି ୨ଟାରେ ୩ଟି ବାଇକ୍‌ରେ ପାଖାପାଖି ୬ଜଣ ଲୋକ ଡାକ୍ତର ଖାଁଙ୍କ ଘର ପାଖରେ ପହଞ୍ଚିଥିଲେ। ଦୁଇଜଣ ଘର ବାହାରେ ରହିଥିବା ବେଳେ ଅନ୍ୟ ଚାରିଜଣ ଘର ଭିତରକୁ ପଶିଥିଲେ। ସେମାନେ ନିଜକୁ ଭିଜିଲାନ୍ସ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା କହି ଚଢ଼ଉ କରିବାର ବାହାନା କରିଥିଲେ। ଜଲିଲ୍ ସେମାନଙ୍କ ପରିଚୟପତ୍ର ଓ ଚଢ଼ଉ ଜନିତ କାଗଜପତ୍ର ଦେଖାଇବା ପାଇଁ କହିବାରୁ ସେମାନେ ଓଲଟି ଧମକଚମକ ଦେଇଥିଲେ। ଅଯଥାରେ ପ୍ରଶ୍ନ ନକରି ସହଯୋଗ କର ବୋଲି ଧମକାଇଥିଲେ। ପରେ ସେମାନେ ଘରର ସମସ୍ତ ବ୍ୟକ୍ତିଙ୍କ ପାଖରୁ ସେମାନଙ୍କ ମୋବାଇଲ ନେଇଯାଇ ସେମାନଙ୍କୁ ଅଟକ ରଖିଥିଲେ। ପରେ ଘରେ ଲାଗିଥିବା ସମସ୍ତ ସିସିଟିଭି ସଂଯୋଗକୁ କାଟିଦେଇଥିଲେ। ଜଲିଲ ଓ ତାଙ୍କ ପରିବାର ରହୁଥିବା ପ୍ରତ୍ୟେକ ରୁମ୍‌କୁ ଯାଇ ସେଠାରେ ଥିବା ଆଲମିରା ଚାବି ଓ ଲକର୍ ଚାବି ମାଗିଥିଲେ। ପ୍ରତ୍ୟେକ ଘରର ଆଲମିରା ଓ ଲକର ଖୋଲି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଇତ୍ୟାଦି ବାହାର କରି ସେଗୁଡ଼ିକ ହିସାବ କରିବା ପାଇଁ ଗୋଟିଏ ସ୍ଥାନରେ ରଖିଥିଲେ। ଇତିମଧ୍ୟରେ ଜଲିଲ ଠକାମିର ଶିକାର ହେଉଥିବା ସନ୍ଦେହ କରି ବାରମ୍ବାର ସେମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ବିରକ୍ତିଭାବ ପ୍ରକାଶ କରିବା ସହିତ ଜଲିଲ, ତାଙ୍କ ସ୍ତ୍ରୀ, ପୁଅ ଓ ଭାଇଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦେଇ ବାହାରୁ କବାଟ ବନ୍ଦ କରିଦେଇଥିଲେ।

ପରେ ସେମାନେ ଘରର ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଡାକ ପକାଇବାରୁ ଜଲିଲଙ୍କ ପଡ଼ୋଶୀ, ପୁତୁରା ଆସି ସେମାନଙ୍କୁ କବାଟ ଖୋଲି ପଦାକୁ ବାହାର କରିଥିଲେ। ତେବେ ଦୁର୍ବୃତ୍ତମାନେ ପାଖାପାଖି ଦେଢ଼ ଘଣ୍ଟା ଧରି ଏହି ଜଲିଲଙ୍କ ଘରୁ ଲୁଟପାଟ୍ କରି ଫେରାର୍ ହୋଇଯାଇଥିଲେ ମଧ୍ୟ ପଡ଼ୋଶୀ ଏହାର କୌଣସି ସୁରାକ ପାଇ ନ ଥିଲେ।

## ଜମିରେ ପାଣି ମଡ଼ାଇବା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଶଳା-ଭିଣୋଇ ମୃତ

କୋକସରା, ୧୦।୭ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜମିରେ ପାଣି ମଡ଼ାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀଦ୍ୱୟ ହେଲେ, ବଡ଼ପୋଡ଼ାଗୁଡ଼ା ଗ୍ରାମର ଧନୁର୍ଜ୍ୟ ମଶ୍ରା ଓ କଛାରପଡାର ଅନିରୁଦ୍ଧ ନାଏକ। ସେମାନେ ସଂପର୍କରେ ଶଳା-ଭିଣୋଇ ବୋଲି ଜଣାଯାଇଛି।





ସକାଳୁ ସକାଳୁ ଅନିରୁଦ୍ଧ ଓ ଧନୁର୍ଜ୍ୟ ବଡ଼ପୋଡାଗୁଡା ମୁଟୁରା ନଦୀକୂଳରେ ଥିବା ଚାଷ ଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ଚାଷ ଜମିରେ ପମ୍ପ ଯୋଗେ ପାଣି ମଡ଼ାଉଥିବା ସମୟରେ ସେମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଆମପାଣି ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉଭୟ ଅନିରୁଦ୍ଧ ଓ ଧନୁର୍ଜ୍ୟ ଗରିବ ଶ୍ରେଣୀର। ସେମାନେ ଘରର ମୁରବୀ ଥିଲେ। ସେମାନଙ୍କ ରୋଜଗାରରେ ପରିବାର ଚାଲୁଥିଲା। ଏହି ଘଟଣା ପରେ ସେମାନଙ୍କ ପରିବାରଲୋକେ ଭାଙ୍ଗି ପଡିଛନ୍ତି। ଘଟଣା ପରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ସେହିଭଳି ଉଭୟଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗାଁ ଲୋକେ ମଧ୍ୟ ଦାବି କରିଛନ୍ତି।

## ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ

# ସରକାର ଭୁଲିଗଲେ ରାଜ୍ୟବାସୀଙ୍କ ସ୍ୱାର୍ଥ

**■ କେବଳ ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କ ସେବା ଦାବି**
**■ ନିଜକୁ ନିଜେ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ**

ଭୁବନେଶ୍ୱର, ୧୦।୭ (ସମିସ): ରାଞ୍ଚିଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ କରିବେ ବୋଲି ଆଶା ରଖିଥିଲେ ରାଜ୍ୟବାସୀ। ମାତ୍ର ଏହି ଦିନିକିଆ ବୈଠକରେ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କେବଳ ନିଜ ସରକାରଙ୍କ ପ୍ରଶଂସା ଗାଇଛନ୍ତି ଓ ନିଜ ପିଠି ନିଜେ ଥାପୁଡ଼େଇଛନ୍ତି। ମାଳମାଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସରକାରଙ୍କ ପାଇଁ ଗୌଣ ହୋଇ ଯାଇଛି। କେନ୍ଦ୍ରୀୟ ସହାୟତା ହ୍ରାସ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ୧୬୦ରୁ ଊର୍ଦ୍ଧ୍ୱ ବର୍ଗଙ୍କୁ ଅନୁସୂଚୀତ ଜାତି ମାନ୍ୟତା, କୋଇଲା ରାଜଭାଗ ବୃଦ୍ଧି, ଗ୍ରୀନ୍ ସେସ୍‌ରୁ ଭାଗ, ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ସ୍ଥାପନ, ଉପାନ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପରି ରାଜ୍ୟବାସୀଙ୍କ ଅନେକ ଦାବି ଏହି ବୈଠକରେ ସରକାର ଉଠାଇନାହାନ୍ତି। ତେବେ ରାଜ୍ୟର ୬୭୯୪ଟି ଗ୍ରାମ ପଞ୍ଚାୟତରୁ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ଉପଲବ୍ଧ ନଥିବା ୪୩୭୩ ପଞ୍ଚାୟତରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ସ୍ଥାପନ କରିବା ପାଇଁ ଗୋଟିଏ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ମୁଖ୍ୟମନ୍ତ୍ରୀ ନିଜ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବୈଠକରେ ବଖାଣିଛନ୍ତି।

ପୂର୍ବରୁ କ୍ଷେତ୍ରୀୟ ପରିଷଦ ବୈଠକଗୁଡ଼ିକରେ ତତ୍କାଳୀନ ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଲଗାତାର ଭାବେ ଉତ୍ଥାପନ କରି ଆସୁଥିଲେ। କୋଇଲା ରାଜଭାଗ, ବୃଦ୍ଧି, ରାଜ୍ୟରେ ଟେଲିକମ୍ ସେବାର ଉନ୍ନତିକରଣ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତିର ମାନ୍ୟତା ପ୍ରଦାନ ଦାବି ସହ କେନ୍ଦ୍ରୀୟ ଅନୁଦାନରେ ଅର୍ଥ ହ୍ରାସକୁ ନେଇ ଉଦବେଗ ପ୍ରକାଶ କରୁଥିଲେ। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୃଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା, ଆମେ ପଢ଼ିବା ଆମ ଭାଷାରେ, ଗୋପବନ୍ଧୁ-ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା, ଜାତୀୟ ଶିକ୍ଷା ନୀତି-୨୦୨୦ର ଲାଗୁ ହେବା, ରାଜ୍ୟରେ ଫାଷ୍ଟଟ୍ରାକ କୋର୍ଟର ପ୍ରତିଷ୍ଠା, ସହରାଞ୍ଚଳ ମାଷ୍ଟର ପ୍ଲାନ, ଶ୍ରୀ ଅନ୍ନ ଅଭିଯାନ, ଶକ୍ତି କ୍ଷେତ୍ରରେ ସଂସ୍କାର ମୂଳକ ନୀତି କଥା ବଖାଣିଛନ୍ତି। ଏହାବ୍ୟତୀତ ରାଜ୍ୟରେ ଗ୍ରାମ ପଞ୍ଚାୟତସ୍ତରରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚର ଉପଲବ୍ଧତା ନେଇ ନିଜର ଉଦବେଗ ପ୍ରକାଶ କରିଛନ୍ତି। ଯେଉଁ ପଞ୍ଚାୟତରେ ଏହି ସେବା ଉପଲବ୍ଧ ନାହିଁ, ସେଠାରେ ରାଜ୍ୟ ସରକାର ୬ଟି ବ୍ୟାଙ୍କ ସହ ଆଲୋଚନା କରି ଗ୍ରାହକ ସେବା କେନ୍ଦ୍ର(ସିଏସପି) ଆଉଟଲେଟ ଖୋଲିବାର ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସପି ଆଉଟଲେଟ ଖୋଲା ଯାଇଥିବା ବେଳେ ବଳକା ୧୬୩୧ ଗ୍ରାମ ପଞ୍ଚାୟତରେ ଖୁବଶୀଘ୍ର ଖୋଲାଯିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବୈଠକରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେବାରେ କୌଣସି ଅସ୍ୱାଭାବିକତା ନାହିଁ। ତେବେ ରାଜ୍ୟର ମୌଳିକ ସମସ୍ୟା, ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ ଉତ୍ଥାପନ ନକରି ଏକ ବଡ଼ ସୁଯୋଗ ହାତଛଡ଼ା କରିଛନ୍ତି ବୋଲି ମତପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ପ୍ରୟୋଗଶାଳା ହେବ ବୋଲି କହି ଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୁଖରତାର ସହ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରିବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଫସର ଫାଟିଲା ସରକାରୀ ଷଡ଼ଯନ୍ତ୍ର

## ରାହୁଲଙ୍କ ସଭାକୁ ଯାଉଥିବା ଗାଡ଼ିକୁ ରୋକିବନି ମହାସଂଘ

**■ ଡ୍ରାଇଭର ସଂଘର ସହଯୋଗ ଲୋଡ଼ିଥିଲେ ପିସିସି ସଭାପତି**
**■ କଂଗ୍ରେସର ସବୁ ଗାଡ଼ିକୁ ଛାଡ଼ିବାକୁ ସଂଘ ସଭାପତିଙ୍କ ବାର୍ତ୍ତା**

ଭୁବନେଶ୍ୱର, ୧୦।୭ (ସମିସ): ରାହୁଲ ଗାନ୍ଧୀଙ୍କ ସମାବେଶକୁ ଆସୁଥିବା ସବୁ ଗାଡ଼ି ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛି ଓଡ଼ିଶା ଡ୍ରାଇଭର ମହାସଂଘ। ସଭାପତି ପ୍ରଶାନ୍ତ ମେଣ୍ଡୁଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ରାହୁଲଙ୍କ ସଭାକୁ ଆସୁଥିବା ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ଆନ୍ଦୋଳନରତ ଡ୍ରାଇଭରମାନଙ୍କୁ ବାର୍ତ୍ତା ପଠାଇଛନ୍ତି। ସେ କହିଛନ୍ତି ଯେ ଶୁକ୍ରବାର ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସୁଛନ୍ତି; ତେଣୁ ପିସିସି ସଭାପତିଙ୍କଠାରୁ ଆରମ୍ଭ କରି ବିଧାୟକମାନେ କଂଗ୍ରେସ କର୍ମୀମାନଙ୍କୁ ଆଣୁଥିବା ଗାଡ଼ି ଛାଡ଼ିବା ପାଇଁ ନିବେଦନ କରିଥିଲେ। ସେମାନଙ୍କୁ କୌଣସି ହଇରାଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହି ଆଧାରରେ କଂଗ୍ରେସ କର୍ମୀମାନେ ଯାଉଥିବା କୌଣସି ଗାଡ଼ିକୁ ଆନ୍ଦୋଳନରତ ଡ୍ରାଇଭରମାନେ ନ ଅଟକାଇବାକୁ ଶ୍ରୀ ମେଣ୍ଡୁଲି କହିଛନ୍ତି। ଏହାସହିତ ଏହି ଗାଡ଼ିଗୁଡ଼ିକ ଯେଉଁ ଚାଳକମାନେ ଚଲାଉଛନ୍ତି, ତାଙ୍କୁ ମଧ୍ୟ କୌଣସି ହଇରାଣ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଡ୍ରାଇଭର ମହାସଂଘର ସଭାପତିଙ୍କ ଏଭଳି ବାର୍ତ୍ତା ପରେ କଂଗ୍ରେସକୁ ଆଶ୍ୱସ୍ତି ମିଳିଛି। ଡ୍ରାଇଭରମାନଙ୍କ ଦାବି ପୂରଣ ଦିଗରେ ସରକାର ଦେଖାଉଥିବା ଉଦାସୀନତା ଓ କଂଗ୍ରେସ ସମାବେଶକୁ ଭଣ୍ଡୁର ପାଇଁ ସରକାରୀ ଦଳ ରଚିଥିବା ପରୋକ୍ଷ ଷଡ଼ଯନ୍ତ୍ର ଫସର ଫାଟିଥିବା ଚର୍ଚ୍ଚା ହେଉଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ବ୍ୟାପକ ଆୟୋଜନ କରିଛି। 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ରାହୁଲ ଯୋଗ ଦେଇ ଓଡ଼ିଶାର କଂଗ୍ରେସ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରମୁଣ୍ଡା ପଡିଆରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶାର କୋଣ ଅନୁକୋଣରୁ ବହୁ କଂଗ୍ରେସ କର୍ମୀ ରାଜଧାନୀମୁହାଁ ହୋଇଛନ୍ତି। ଏହି ସମୟରେ ରାଜ୍ୟରେ ଜାରି ରହିଥିବା ଡ୍ରାଇଭର ସଂଘର ଆନ୍ଦୋଳନ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି ହୋଇଥିଲା। ଏହା ପଛରେ ସରକାରୀ ଷଡ଼ଯନ୍ତ୍ର ଥିବା କଂଗ୍ରେସ ଗନ୍ଧ ବାରିଥିଲା। ରାହୁଲଙ୍କ ସମାବେଶକୁ ଭଣ୍ଡୁର ପାଇଁ ଡ୍ରାଇଭରଙ୍କ ଦାବି ପୂରଣକୁ ଜାଣିଶୁଣି ସରକାର ବିଳମ୍ବିତ କରୁଛନ୍ତି ବୋଲି କଂଗ୍ରେସ ନେତାମାନେ କହିବା ସହ କ୍ଷମତାରେ ଥିବା ବିଜେପିର ଏଭଳି ଆଭିମୁଖ୍ୟକୁ ବରଦାସ୍ତ କରାଯିବନି ବୋଲି ପିସିସି ସଭାପତି ଚେତାବନୀ ଦେଇଥିଲେ।

ଅନ୍ୟପଟେ ଡ୍ରାଇଭର ସଂଘକୁ ଗୋଟିଏ ଦିନ ଆନ୍ଦୋଳନ ପ୍ରତ୍ୟାହାର କିମ୍ବା କଂଗ୍ରେସର ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ପିସିସି ସଭାପତି ଅନୁରୋଧ କରିଥିଲେ। କଂଗ୍ରେସ କର୍ମକର୍ତ୍ତାଙ୍କୁ ଆଣୁଥିବା ଗାଡିକୁ କୌଣସି ସ୍ଥାନରେ ନ ଅଟକାଇବାକୁ ନିବେଦନ କରିଥିଲେ। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଦେଇଛି ଓ ଆଗାମୀ ଦିନରେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ମଧ୍ୟ କଂଗ୍ରେସ କର୍ମୀ ଡ୍ରାଇଭରମାନଙ୍କ ସହ ଆନ୍ଦୋଳନରେ ଅଂଶ ଗ୍ରହଣ କରିବେ ବୋଲି ସେ କହିଥିଲେ। ପିସିସି ସଭାପତି ଆହୁରି କହିଥିଲେ ଯେ ରାହୁଲଙ୍କ ଗସ୍ତକୁ ଡ୍ରାଇଭର ମହାସଂଘ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିଲେ ଆମେ କୃତଜ୍ଞ ହେବୁ। ବିଜେପି ସରକାର ଜାଣିଶୁଣି ଡ୍ରାଇଭରଙ୍କ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଗଡ଼େଇ ଚାଲିଛି। ଡ୍ରାଇଭର ମହାସଂଘର କାନ୍ଧରେ ବନ୍ଧୁକ ରଖି କଂଗ୍ରେସର ମହାସମାବେଶରେ ପ୍ରତିବନ୍ଧକ ସୃଷ୍ଟି କରିବାପାଇଁ ବିଜେପି ପ୍ରୟାସ କରୁଛି ବୋଲି କଂଗ୍ରେସ କହିଛି।

# ପୋଖରୀରେ ବୁଡ଼ି ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ

ଟିଟିଲାଗଡ଼, ୧୦।୭ (ସମିସ): ଟିଟିଲାଗଡ଼ କୁମୁଡ଼ା ପାହାଡ଼ ଉପରେ ଥିବା ପୋଖରୀରେ ବୁଡ଼ି ଜଣେ ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋଳାବାରୁଦ କାରଖାନା ଟାଉନ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ସେକ୍ସନ୍‌ର ଜୁନିଅର ୱର୍କସ୍ ମ୍ୟାନେଜର୍ ସୁନୀଲ କୁମାର ଗହିରଙ୍କ ପୁଅ ବିପୁଳ ଗହିର(୧୮)। ବିପୁଳ



ଭିସୁଟ୍ ବୁର୍ଲା କଲେଜର ବି.ଟେକ୍ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସୂଚନାନୁଯାୟୀ, ବିପୁଳଙ୍କ ସହ ୯ଜଣ ଏକାଠି ହୋଇ ଟିଟିଲାଗଡ଼ର ହୋଟେଲ ଡିଏନ୍ ରିସୋର୍ଟକୁ ଖାଇବାକୁ ଆସିଥିଲେ। ହୋଟେଲର ସୁଇମିଂପୁଲ କାର୍ଯ୍ୟକ୍ଷମ ନ ଥିବାରୁ ସେମାନେ ହୋଟେଲରେ ଖାଇବା ଅର୍ଡର୍ ଦେଇ କୁମୁଡ଼ା ପାହାଡ଼ ଉପରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସନ୍ତରଣ ଜାଣି ନଥିବା ସବୁ ସାଙ୍ଗ ମେଳି ହୋଇ ପୋଖରୀକୁ ପଶିଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପାହାଡ଼ ଉପରେ ଥିବା କିଛି ଯୁବକ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ବିପୁଳଙ୍କୁ ମୃତ ଘୋଷଣା କରିଥିଲେ।

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

ମାଲକାନଗିରି, ୧୦।୭ (ସମିସ): ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ପୁଲିସ ସମ୍ମୁଖରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିମଧ୍ୟରୁ ୯ ଜଣ ମାଓବାଦୀଙ୍କ ଉପରେ ମୋଟ ୨୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ସଂପୃକ୍ତ ଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୫ ଜଣ ନକ୍ସଲ ହିଂସାର ପଥ ଛାଡି ପୁନର୍ବାସିତ ହୋଇଛନ୍ତି, ଯେଉଁଥିରେ ୨୦୫ ଜଣ ପୁରସ୍କୃତ ନକ୍ସଲ ମଧ୍ୟ ସାମିଲ ଅଛନ୍ତି।

ଛତିଶଗଡର ସୁକୁମା ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡଛନ୍ତି ୬ ଜଣ ମାଓବାଦୀ। କୋଣ୍ଟା ଥାନା ଅଞ୍ଚଳରୁ ଦୁଇ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ବେଜି ଥାନା ଅଞ୍ଚଳରୁ ୪ ଜଣଙ୍କୁ ଗିରଫ କରାଯାଇଛି। ଡିଆରଜି ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ଏହି ୬ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩ କିଲୋଗ୍ରାମ ଓଜନର ଗୋଟିଏ ଟିଫିନ ବୋମା, ୭ ମିଟର କୋଡେକ୍ସ ତାର, ୧୫ ମିଟର ବୈଦ୍ୟୁତିକ ତାର, ୫ ଟି ଡିଟୋନିଟର ଜବତ କରାଯାଇଛି।

## ବିଦ୍ୟୁତ୍ ଆଘାତରେ କୃଷ୍ଣସାର ମୃତ

# କାର୍ଯ୍ୟରେ ଅବହେଳା ପାଇଁ ବନପାଳ ନିଲମ୍ବିତ

ଜଗନ୍ନାଥପ୍ରସାଦ, ୧୦।୭ (ସମିସ): ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚଭୂତି ବିଟ୍ ହାଉସ୍ ଯାତ୍ରାକୁମୁଟି ଗ୍ରାମ ନିକଟ କାଜୁତୋଟାରେ ଗତ ୭ ତାରିଖ ରାତିରେ ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିଲା। ମୃଗର ମୃତ୍ୟୁ ସ୍ୱାଭାବିକ ନଥିବା ଜଣାପଡ଼ିବା ପରେ ପଞ୍ଚଭୂତି ବନପାଳ ପଲ୍ଲବୀ ନନ୍ଦଙ୍କୁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଛନ୍ତି।



ଗତ ୭ ତାରିଖ ରାତିରେ ଯାତ୍ରାକୁମୁଟି କାଜୁତୋଟାରେ ଶିକାରୀ ବିଦ୍ୟୁତ ତାର ବିଛାଇ ବିରଳ କୃଷ୍ଣସାର ମୃଗ ଶିକାର କରିଥିଲେ। ମୃଗଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ପରେ ଅଞ୍ଚଳରେ ବିଦ୍ୟୁତ କଟି ଯାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ଖୋଜାଖୋଜି ପରେ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ତାରଗୁଡ଼ିକୁ ସଂଗ୍ରହ କରିବା ସହ ବନପାଳଙ୍କୁ ଡାକି ବିଦ୍ୟୁତ ଉପକରଣ ଓ ମୃତ କୃଷ୍ଣସାର ମୃଗ ହସ୍ତାନ୍ତର କରି ଚାଲି ଯାଇଥିଲେ। ତେବେ ବନପାଳ ପଲ୍ଲବୀ ନନ୍ଦ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ନଦେଇ ତରବରିଆ ଭାବେ କର୍ମଚାରଙ୍କୁ ଲଗାଇ ଗାତ ଖୋଳି ମୃତ ମୃଗଟିକୁ ପୋତି ଦେଇଥିଲେ। ସକାଳ ପାଇବା ପରେ ଖବର ଚାରିଆଡ଼େ ବ୍ୟାପିବା ହେବା ସହ ଭିଡ଼ିଓ ଭାଇରଲ ହୋଇଥିଲା। ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବନବିଭାଗ ଅଧିକାରୀ ପଞ୍ଚଭୂତିରର ବନପାଳଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପୋତା ଯାଇଥିବା ମୃଗର ମୃତଦେହକୁ ଖୋଳି ବାହାର କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ମୃଗଟିର ବୟସ ୪/୫ବର୍ଷ ଓ ସେ ଗର୍ଭବତୀ ଥିବା ଡାକ୍ତର ସୂଚନା ଦେଇଥିଲେ। ଏନେଇ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶିକାରୀଙ୍କୁ ଚିହ୍ନଟ କରି ଗିରଫ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି। ଅପରପକ୍ଷେ, କାର୍ଯ୍ୟରେ ଅବହେଳା ଓ ସୁରକ୍ଷାରେ ଢିଳାପଣ ଯୋଗୁଁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ ପଞ୍ଚଭୂତିରେ କାର୍ଯ୍ୟରତ ବନପାଳ ପଲ୍ଲବୀ ନନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି।

# ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ ମନୋନୀତ

ଭୁବନେଶ୍ୱର, ୧୦।୭ (ସମିସ): ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ମହାନ୍ତି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୬ବର୍ଷ କିମ୍ବା ତାଙ୍କୁ ୬୨ବର୍ଷ ବୟସ ହେବା ପର୍ଯ୍ୟନ୍ତ



ରହିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ମହାନ୍ତି ପୂର୍ବରୁ ଅତିରିକ୍ତ ସଚିବ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଭବାନୀପାଟଣା, ୧୦।୭ (ସମିସ): କଳାହାଣ୍ଡି ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ ଗୁରୁବାର ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ଭବାନୀପାଟଣା ସହରର ଦୟାନିଧି ଛକରେ ୨୦୨୦ ମସିହାରେ ରିକ୍ସା ପାର୍କିଂକୁ ନେଇ ଘଟିଥିବା ହତ୍ୟା ଘଟଣାର ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ବାହାଦୂର ବଗିଚାପଡାର ପୂର୍ଣ୍ଣ ମେହେରକୁ ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ରାୟ ପ୍ରକାଶ ପାଇଛି। ୨୦୨୦ ମସିହା ଜୁଲାଇ ୧୩ ତାରିଖରେ ରିକ୍ସା ପାର୍କିଂକୁ ନେଇ ଅଭିଯୁକ୍ତ ପୂର୍ଣ୍ଣ ଭବାନୀପାଟଣା ସହର ବଡ଼ପଡାର ପିଲା ବାଗଙ୍କୁ କାତିରେ ଗଳା କାଟି ହତ୍ୟା କରିଥିଲା। ଏହି ଘଟଣାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପିପି ଜିତେନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

## ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜଧାନୀରେ ମହିଳା ବିଜେଡିର ସ୍ୱାଭିମାନ ରାଲି, କୁଶପୁତ୍ତଳିକା ଦାହ

**■ ବିଧାୟକଙ୍କୁ ତୁରନ୍ତ ଗିରଫ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ**
**■ କାର୍ଯ୍ୟାନୁଷ୍ଠାନ ନ ହେଲେ ପ୍ରତି ଜିଲ୍ଲାରେ ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର, ୧୦।୭ (ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ରାଜଧାନୀରେ ରାଜରାସ୍ତାକୁ ଓହ୍ଲାଇଛି ମହିଳା ବିଜୁ ଜନତା ଦଳ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି, ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକମାନେ ନୀତି-ନୈତିକତା ଭୁଲି ଯାଉଛନ୍ତି। ବିଜେପି ସରକାରରେ ମହିଳା କେତେ



ଅସୁରକ୍ଷିତ, ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଜଣେ ମହିଳାଙ୍କ ପ୍ରତି ଶ୍ରୀ ଖଟୁଆଙ୍କ ଏପରି ଅଶାଳୀନ ବ୍ୟବହାର ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅପରାହ୍ନରେ ଏକ ପ୍ରତିନିଧିମଣ୍ଡଳୀ ପୁଲିସ ଡିଜି ୱାଇ ବି ଖୁରାନିଆଙ୍କୁ ତାଙ୍କ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଥିଲା।

ଦଳର ବରିଷ୍ଠ ନେତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନକୁ ଭୁଲି ଯାଇଛନ୍ତି। ଲେଖଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଦଳ ପକ୍ଷରୁ ଆନ୍ଦେଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟୀ ମେୟର ମଞ୍ଜୁଲତା କହଁର, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ସାମିଲ୍ ଥିଲେ।

# ଘରୁ ରାଗି ପଳାଇଥିବା ନାବାଳିକା ଚେନ୍ନାଇରୁ ଉଦ୍ଧାର

ବୌଦ୍ଧ, ୧୦।୭ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ ପୁଲିସ୍ ଚେନ୍ନାଇରୁ ଉଦ୍ଧାର କରିଛି। ତାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମେ' ୩୦ରୁ ସେ ନିଖୋଜ ଥିଲେ। କୌଣସି କଥାକୁ ନେଇ ନାବାଳିକାଜଣଙ୍କ ଘରୁ ରାଗି ଟ୍ରେନ୍‌ରେ ଚେନ୍ନାଇ ପଳାଇ ଯାଇଥିଲେ। ସେଠାରେ ରହୁଥିବା ଅନୁଗୋଳ ଅଞ୍ଚଳର ଏକ ଦମ୍ପତି ତାଙ୍କୁ ଆଶ୍ରୟ ଦେଇଥିଲେ। ପରେ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ। ଘରଲୋକେ ଜାଣିବା ପରେ ହରଭଙ୍ଗା ଥାନାରେ ଜଣାଇଥିଲେ। ଆଇଆଇସି ନଳିନୀକାନ୍ତ ଦାଶ ଏକ ଟିମ ଗଠନ କରି ଚେନ୍ନାଇ ପଠାଇଥିଲେ। ନାବାଳିକାଙ୍କୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ଅମୃତ ଯୋଜନାରେ ଦୁର୍ନୀତିର ଗନ୍ଧ

# ଲଗାଣ ବର୍ଷାରେ ଭୁଶୁଡ଼ିଲା ସୀମା ପ୍ରାଚୀର

ରାଜଗାଙ୍ଗପୁର, ୧୦।୭ (ସମିସ)

କେନ୍ଦ୍ର ସରକାରଙ୍କର ଅମୃତ ସରୋବର ଯୋଜନା କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ରହିଥିବା ଏବେ ଚର୍ଚ୍ଚା ହେଉଛି। ସାରା ଦେଶରେ ଜଳ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ପୋଖରୀ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବା ଯୋଜନାର ଲକ୍ଷ୍ୟ ରହିଥିବାବେଳେ ଏହାର କାର୍ଯ୍ୟକାରୀତାରେ ଦୁର୍ନୀତି ଯୋଗୁଁ ଏବେ ଲଗାଣବର୍ଷାରେ ସୀମା ପ୍ରାଚୀର ଭୁଶୁଡ଼ି ପଡ଼ିଥିବା ଜାଣିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରାଜଗାଙ୍ଗପୁର ପୌରପାଳିକା ୱାର୍ଡ ନମ୍ବର ୧ ରେ। ଏଠାରେ ଥିବା ବାବା ତାଲାବର ଅମୃତ ସରୋବର ଯୋଜନାରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେବେ କିଛିଦିନ ହେଲା ଲଗାଣ ବର୍ଷା ଫଳରେ ଏଠାରେ ଥିବା ସୀମା ପ୍ରାଚୀର ଭୁଶୁଡ଼ି ପଡ଼ିଥିଲା।



ସୂଚନାଯୋଗ୍ୟ ଯେ ପ୍ରାୟ ଛଅ ମାସ ଧରି ଅମୃତ ସରୋବର ଯୋଜନା ଅଧୀନରେ କାମ ଚାଲିଥିବାବେଳେ ଏଥିରେ ୧୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ବାବା ତାଲାବର ଅବସ୍ଥା ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇଯାଇଛି। ଗତ କିଛିଦିନ ଧରି ଲଗାଣ ବର୍ଷା ହେବା ଯୋଗୁଁ ବାବା ତାଲାବରେ ହେଉଥିବା ନିମ୍ନମାନର କାର୍ଯ୍ୟ ପଦାରେ ପଡ଼ିଯାଇଛି। ଯାହା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ମରାମତି କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ପୋଖରୀରୁ କାଦୁଅ ଅନ୍ୟ ସ୍ଥାନରେ ନ ପକାଇ ଠିକାଦାର ପୋଖରୀ ଚାରିପାଖରେ ଜମା କରିଦେଇଛନ୍ତି। କାଦୁଅକୁ ରୋକିବା ପାଇଁ ଏକ ସୀମା ପାଚେରି ମଧ୍ୟ ନିର୍ମାଣ କରାଯାଉଛି। ଅପରପକ୍ଷେ କାର୍ଯ୍ୟସ୍ଥଳରେ ଆବଶ୍ୟକ ସୂଚନା ବୋର୍ଡ ମଧ୍ୟ ଲଗାଯାଇ ନାହିଁ। ସେହିପରି ଅମୃତ ସରୋବର ଯୋଜନାରେ ବାବା ତାଲାବରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଉଲ୍ଲଂଘନ କରାଯାଉଛି। ବର୍ଷା ସମୟରେ କାର୍ଯ୍ୟ କରାଯିବା ଯୋଗୁଁ ଏଭଳି ଘଟୁଥିବା କୁହାଯାଉଛି। କାର୍ଯ୍ୟ ଚାଲିଥିବାବେଳେ ନିମ୍ନମାନର କାମ ନେଇ ବିଭାଗୀୟ ଅଧିକାରୀଙ୍କୁ ଲୋକେ ବହୁବାର ଜଣାଇଥିଲେ ହିଁ କେହି ଦୃଷ୍ଟି ନ ଦେବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

■ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି

# ପେଟ୍ରୋଲ ପମ୍ପରୁ ସରିଲାଣି ତେଲ



ରାଉରକେଲା, ୧୦।୭ (ସମିସ): ବିଭିନ୍ନ ସମସ୍ୟା ନେଇ ଡ୍ରାଇଭରମାନେ ଚଳାଇଥିବା ଷ୍ଟିୟରିଂଛାଡ଼ ଆନ୍ଦୋଳନ ଜାରି ରହିଛି। ଯାହାର ପ୍ରଭାବରେ ବିଭିନ୍ନ ପେଟ୍ରୋଲ୍ ପମ୍ପରୁ ଇନ୍ଧନ ତୈଳ ଶେଷ ହେବାକୁ ବସିଲାଣି। ଗତକାଲି ମିଳିତ କେନ୍ଦ୍ରୀୟ ଶ୍ରମ ସଂଗଠନ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହୋଇଥିଲା। ଫଳରେ ସହରରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପକୁ ତେଲ ଗାଡ଼ି ଆସିପାରି ନ ଥିଲା। ଯାହାର ସିଧାସଳଖ ପ୍ରଭାବ ଆଜି ଦେଖିବାକୁ ମିଳିଥିଲା। ଅପରପକ୍ଷେ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଜାରି ରହିଥିବାବେଳେ ତେଲ ଗାଡ଼ିକୁ ବିଭିନ୍ନ ସ୍ଥାନରେ ଅଟକାଇ ଦିଆଯାଇଛି। ଫଳରେ ସହରରେ ଥିବା ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ଇନ୍ଧନ ତୈଳ ସମସ୍ୟା ଦେଖାଦେଇଛି। ସେଥିରୁ କିଛି ପମ୍ପରେ ଅଳ୍ପ ତେଲ ମହଜୁଦ ରହିଥିବା ଜଣାପଡ଼ିଛି। ମାତ୍ର ଆଜି ତେଲ ଗାଡ଼ି ନଆସିଲେ ଆସନ୍ତାକାଲି ତେଲ ସମସ୍ୟା ବଢ଼ିବାର ସମ୍ଭାବନା ରହିଥିବା ଜଣାପଡ଼ିଛି। କେତେକ ପେଟ୍ରୋଲ୍ ପମ୍ପରେ କେବଳ ସ୍ପିଡ୍ ତେଲ ମିଳୁଥିବା ଜଣାପଡ଼ିଛି। ଆଗାମୀ ଦିନରେ ଯଦି ସମସ୍ୟା ବଢ଼ିବ ତେବେ ଲୋକଙ୍କ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ତେଣୁ ଲୋକେ ତେଲ ସଂଗ୍ରହ କରିବାରେ ଲାଗି ପଡ଼ିଛନ୍ତି।

ସୂଚନାଯୋଗ୍ୟ ପାନପୋଷ ରୁପୁଟୋଲା ଛକଠାରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର୍ସ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯିବାକୁ ଦାବି କରାଯାଇଛି। ଏହାସହ ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବାବେଳେ ତାଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯିବା, ଗାଡ଼ି ପାର୍କିଂ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିଲୋମିଟର ଅନ୍ତରରେ କରାଯିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ କାମ କରିବା ପାଇଁ ଅଗ୍ରାଧିକାର ଦିଆଯାଇ କାରଖାନା ଗୁଡ଼ିକରେ ୭୦ ପ୍ରତିଶତ ଓଡ଼ିଶାର ଡ୍ରାଇଭରଙ୍କୁ ନିୟୋଜିତ କରାଯିବା, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବା ଓ ଗାଡ଼ିର କାଗଜପତ୍ର ଯାଞ୍ଚ କରିବା କ୍ଷମତାକୁ ପୁଲିସ ବିଭାଗକୁ ଦିଆନଯିବା ଆଦି ଦାବିରେ ଆନ୍ଦୋଳନ ଜାରିରହିଛି।

# ଗୋଷ୍ଠୀ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ଆର୍‌ଏସ୍‌ପି



ରାଉରକେଲା, ୧୦।୭ (ସମିସ): ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଗୋଷ୍ଠୀ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଲାଠିକଟା ବ୍ଲକର ବଡ଼ମାରାଇନ୍ ଗ୍ରାମର ସଡ଼କଟୋଲିଠାରେ ଏକ ଆଧୁନିକ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଛି। ଆର୍‌ଏସ୍‌ପିର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ଅଭିଯାନ ଅଧୀନରେ ନିର୍ମିତ ଏହି ଭିତ୍ତିଭୂମି, ଗ୍ରାମବାସୀଙ୍କୁ ବିଭିନ୍ନ କାର୍ଯ୍ୟଧାରା ପାଇଁ ଏକ ସୁରକ୍ଷିତ ଓ ଅନୁକୂଳ ସ୍ଥାନ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ମୀନା ଏକ୍କା, ଆର୍‌ଏସ୍‌ପି ପ୍ରତି ତାଙ୍କର କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି ଯେ ଆମେ ବର୍ଷ ବର୍ଷ ଧରି ଆମ ଗ୍ରାମର ବିଭିନ୍ନ ସଭା, ବିବାହ କାର୍ଯ୍ୟକ୍ରମ ଏବଂ ଏସ୍‌ଏଚ୍‌ଜି ବୈଠକ ନିମନ୍ତେ ଏକ ଉପଯୁକ୍ତ ସ୍ଥାନଟିଏ ପାଇଁ ସଂଘର୍ଷ କରୁଥିଲୁ। ଆମେ ପ୍ରାୟତଃ ଏକ ଗଛ ତଳେ ଏକାଠି ହେଉଥିଲୁ, କିନ୍ତୁ ଏହା ଅନୁକୂଳ ନଥିଲା। ବିଶେଷକରି ଲକ୍ଷ୍ମୀ ପୂଜା ସମୟରେ ହଠାତ୍ ପ୍ରବଳ ବର୍ଷା ଯୋଗୁଁ ଉପୁଜିଥିବା ଅସୁବିଧା ଆମେ ଏକ କମ୍ୟୁନିଟି ସେଣ୍ଟରର ଆବଶ୍ୟକତା ଅନୁଭବ କରିଥିଲା। ଏହାର ବାସ୍ତବତା ନେଇ ଆର୍‌ଏସ୍‌ପି ସହଯୋଗ କରିଛି। ଫଳରେ ଆମର ଏହି ସ୍ୱପ୍ନ ବାସ୍ତବରେ ପରିଣତ ହୋଇପାରିଛି। ଏହି କମ୍ୟୁନିଟି ସେଣ୍ଟରରେ ଏକ ବଡ଼ ହଲ୍, ଦୁଇଟି କୋଠରି ଏବଂ ବିଦ୍ୟୁତ୍ ସଂଯୋଗ ସହିତ ଏକ ସମ୍ମୁଖ ବାରଣ୍ଡା ରହିଛି। ଗ୍ରାମବାସୀ ଏବେ ଆରାମଦାୟକ ଏବଂ ମର୍ଯ୍ୟାଦାଜନକ ଭାବେ ଏଠାରେ ବିଭିନ୍ନ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶିକ୍ଷାଗତ କାର୍ଯ୍ୟକ୍ରମ ପରିଚାଳନା କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବିନା ବାଧାରେ ସେମାନଙ୍କର ବୈଠକ କରିପାରିବେ। ଆର୍‌ଏସ୍‌ପିର ସିଏସ୍‌ଆର୍ କାର୍ଯ୍ୟାଳୟ ଏହି ପ୍ରକଳ୍ପକୁ ବାସ୍ତବ ରୂପ ପ୍ରଦାନ ପାଇଁ ଗ୍ରାମବାସୀ ଏବଂ ଜିଲ୍ଲା ପରିଷଦ ସଦସ୍ୟ ରମେଶ ନାଗଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲା। ଉଦ୍‌ଘାଟନ ହୋଇଥିବା କମ୍ୟୁନିଟି ସେଣ୍ଟର ଗ୍ରାମବାସୀଙ୍କୁ କେବଳ ଏକ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ନାହିଁ ବରଂ ଗ୍ରାମବାସୀଙ୍କୁ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ଆଗେଇ ନେବା ପାଇଁ ସଶକ୍ତ କରିଛି। ଏହି ପ୍ରକଳ୍ପ ଗ୍ରାମର ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

# ଆର୍‌ଏସ୍‌ପି କୋକ୍ ଓଭେନ୍ସ ବିଭାଗର ସଫଳତା

ରାଉରକେଲା, ୧୦।୭ (ସମିସ): ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କୋକ୍ ଓଭେନ୍ସ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟ ଦକ୍ଷତା ଏବଂ ଉତ୍ପାଦନ କ୍ଷେତ୍ରରେ ସଫଳତା ହାସଲ କରିଛି। ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା ଉନ୍ନତୀକରଣ ଏବଂ ପ୍ରକ୍ରିୟାର ସର୍ବଶ୍ରେଷ୍ଠ ଉପଯୋଗିତା ପ୍ରଦର୍ଶନ କରି ବିଭାଗ ଇସ୍ପାତ କାରଖାନାର ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ବର୍ଷ ମଧ୍ୟରେ, ବିଭାଗ ନୂତନ ରେକର୍ଡ ପୂର୍ବକ ଉତ୍ପାଦନ ହାସଲ ସହ ଅନେକ ପାରାମିଟରରେ ପୂର୍ବ ଶ୍ରେଷ୍ଠତାକୁ ମଧ୍ୟ ଅତିକ୍ରମ କରିଛି। ମୋଟ କୋକ୍ ଉତ୍ପାଦନର ସର୍ବକାଳୀନ ରେକର୍ଡ ଛୁଇଁବା ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍‌କୁ ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ କୋକ୍ ଯୋଗାଣକୁ ମଧ୍ୟ ସୁନିଶ୍ଚିତ କରିଛି। ଏହାଦ୍ୱାରା କାରଖାନାର ଉନ୍ନତ ଉତ୍ତପ୍ତ ଧାତୁ ଉତ୍ପାଦନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି। ଏହି ବର୍ଷର ଏକ ପ୍ରମୁଖ ସଫଳତା ମଧ୍ୟରେ ଆପେକ୍ଷିକ କୋକ୍ ବ୍ୟବହାରରେ ଉଲ୍ଲେଖନୀୟ ହ୍ରାସ ସାମିଲ ରହିଛି। ଯାହା କାର୍ଯ୍ୟକ୍ଷମ ପାରାମିଟରଗୁଡ଼ିକର ଉତ୍ତମ ତଦାରଖ, ସର୍ବୋତ୍ତମ ଅଭ୍ୟାସ ଗ୍ରହଣ ଏବଂ କାର୍ବନାଇଜେସନ୍ ପ୍ରକ୍ରିୟାରେ ନିରନ୍ତର ଉନ୍ନତି ମାଧ୍ୟମରେ ହାସଲ କରାଯାଇଥିଲା। ଏହି ବିଭାଗ ଗତ ଆର୍ଥିକ ବର୍ଷରେ ପ୍ରତି ଟନ୍ ହଟ୍ ମେଟାଲ୍ ପିଛା ସର୍ବକାଳୀନ ଶ୍ରେଷ୍ଠ ୩୯୧ କିଲୋଗ୍ରାମ କୋକ୍ ବ୍ୟବହାର କରି ରେକର୍ଡ ପ୍ରଦର୍ଶନ କରିଛି। ଯାହା କାରଖାନାର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା ସଙ୍ଗେ ସଙ୍ଗେ ସ୍ଥାୟିତ୍ୱ ପ୍ରତି ଥିବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ବିଭାଗ ଅନେକ ଗୁରୁତ୍ୱପୂର୍ଣ୍ଣ ରକ୍ଷଣାବେକ୍ଷଣ ଏବଂ ପୁନଃନିର୍ମାଣ କାର୍ଯ୍ୟକଳାପକୁ ସଫଳତାର ସହିତ ସମାପ୍ତ କରିଛି। ଫଳରେ କାରଖାନାର ଉପକରଣ ନିର୍ଭରଯୋଗ୍ୟତା ଏବଂ ସୁରକ୍ଷା ମାନଦଣ୍ଡ ବୃଦ୍ଧି ପାଇଛି। ଆର୍‌ଏସ୍‌ପିର ସ୍ଥାୟିତ୍ୱ ଏବଂ ପରିବେଶଗତ ପରିଚାଳନା ପ୍ରତି କାରଖାନାର ପ୍ରତିବଦ୍ଧତା ସହିତ କୋକ୍ ଓଭେନ୍ସ ବିଭାଗର ନିର୍ଗମନ ହ୍ରାସ ଏବଂ ଶକ୍ତି ଦକ୍ଷତାକୁ ଆହୁରି ଉନ୍ନତ କରିବାର ପ୍ରୟାସକୁ ଦୃଢ଼ କରିଛି। ଉପ-ଉତ୍ପାଦ ଗ୍ୟାସ ପୁନରୁଦ୍ଧାର, କୋକ୍ ଓଭେନ୍ ଗ୍ୟାସ ସଫା କରିବା ପ୍ରଣାଳୀର ଉନ୍ନତି ଏବଂ ଉନ୍ନତ ଟାର୍ ଏବଂ ଆମୋନିଆ ପୁନରୁଦ୍ଧାର ଭଳି ପଦକ୍ଷେପଗୁଡ଼ିକ ଏକ ସବୁଜ ଏବଂ ସ୍ୱଚ୍ଛ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିଛି। ଏହା ବ୍ୟତୀତ ବିଭାଗ ତାଲିମ, ଦକ୍ଷତା ଉନ୍ନତୀକରଣ ଏବଂ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରି ମାନବ ସମ୍ବଳ ବିକାଶରେ ଉତ୍କର୍ଷତା ହାସଲ କରିଛି। ବର୍ଷସାରା କରାଯାଇଥିବା ବିଭିନ୍ନ ସୁରକ୍ଷା ଅଭିଯାନ ଏବଂ ସଚେତନତା କାର୍ଯ୍ୟକ୍ରମ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ସହିତ କର୍ମକ୍ଷେତ୍ରର ଦୁର୍ଘଟଣାଗୁଡ଼ିକୁ ହ୍ରାସ କରିବାରେ ସଫଳ ହୋଇଛି। କାର୍ଯ୍ୟକ୍ଷମ ଉତ୍କର୍ଷତାର ଏକ ଦୃଢ଼ ଭିତ୍ତିଭୂମି ଏବଂ ଏକ ଭବିଷ୍ୟମୁଖୀ ଆଭିମୁଖ୍ୟ ସହିତ କୋକ୍ ଓଭେନ୍ସ ବିଭାଗ ଏହାର ଅଭିବୃଦ୍ଧି ଜାରି ରଖିବା ସହ ଆଗାମୀ ବର୍ଷଗୁଡ଼ିକରେ ସେଲ୍‌, ରାଉରକେଲା ଇସ୍ପାତ କାରଖାନାର ସଫଳତାର କାହାଣୀରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରସ୍ତୁତ ରହିଥିବା ସୂଚନା ମିଳିଛି।



# ତାଲା ଭାଙ୍ଗି ଘରୁ ଚୋରି

ରାଉରକେଲା, ୯।୭ (ସମିସ): ଉଦିତନଗର ଥାନା ବାସନ୍ତୀ କଲୋନୀ, ଡିଇ/୧୮୨ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ଘରେ ପୁରୁଷୋତ୍ତମ କୁମାର ରୁହନ୍ତି। ଗତ ମାସେରୁ ହେବ ସେ ସହର ବାହାରକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରି ନେଇଥିଲେ। ଘଟଣା ସମ୍ପର୍କରେ ତାଙ୍କର ସମ୍ପର୍କୀୟ ରାଜୀବ ଲୋଚନ ଗଡ଼ନାୟକ ମଙ୍ଗଳବାର ସୂଚନା ଦେଇଥିଲେ। ବୁଧବାର ସକାଳେ ଅଭିଯୋଗକାରୀ ସହରରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ଫ୍ରିଜ୍, ଇନ୍‌ଭର୍ଟର ବ୍ୟାଟେରୀ, ଗ୍ୟାସ୍ ସିଲିଣ୍ଡର ଓ ପ୍ରାୟ ୨୦ ହଜାର ଟଙ୍କା ଚୋରି କରି ନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ବିଜେଡି ବ୍ଲକ୍ ସଭାପତିଙ୍କ ନାମ ଘୋଷଣା

ରାଉରକେଲା, ୧୦।୭ (ସମିସ): ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଗୃହୀତ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି ପାଇଥିବା ରାଉରକେଲା ଜିଲ୍ଲା ବିଜେଡିର ନଗର ଓ ବ୍ଲକ ସଭାପତିଙ୍କ ନାମ ପ୍ରକାଶ ପାଇଛି। ଏ ନେଇ ରାଉରକେଲା ଜିଲ୍ଲା ନିର୍ବାଚନ ଅଧିକାରୀ ଜୟନ୍ତ କୁମାର ମିଶ୍ର ଘୋଷଣା କରିଛନ୍ତି। ବଣାଇଁ ସଭାପତି ଭାବେ ବାଣେଶ୍ୱର ସାହୁ, ଲହୁଣୀପଡ଼ା ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ରସୱେଲ ଓରାମ, କୋଇଡ଼ା କରୁଣାକର ପାତ୍ର, କୁଆଁରମୁଣ୍ଡା ଉମାକାନ୍ତ ଦାସ, ନୂଆଗାଁ ପ୍ରକାଶ ସାହୁ, ବିଶ୍ରା ଫିଙ୍କୁ ତୀର୍କି, ଲାଠିକଟା ଯତ୍ରୁ ଓରାମ ଓ ବୀରମିତ୍ରପୁର ମାନଭଜନ ଦେଓ ପ୍ରମୁଖ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

# ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଗୁରୁ ପୂର୍ଣ୍ଣିମା

ରାଉରକେଲା, ୧୦।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ସେକ୍ଟର -୧୯ସ୍ଥିତ ଶାରଳା ମନ୍ଦିର ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇ ଥିଲା। ଏହି ପବିତ୍ର ଦିନରେ ସର୍ବପ୍ରଥମେ ବୈଦିକ ରୀତି ଅନୁଯାୟୀ ଅରବିନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଏବଂ ଯଜମାନ ରମାନାଥ ସ ଏବଂ ପତ୍ନୀ କୁନ୍ତଳା ସଙ୍କ ଦ୍ୱାରା ସମସ୍ତଙ୍କ ମଙ୍ଗଳ ପାଇଁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନି ସ୍ୱାଇଁ, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଜିଲ୍ଲା ବିଏସ୍‌ଟି ମହାମନ୍ତ୍ରୀ ଆରତୀ ସାହୁ ପ୍ରମୁଖ ଏହି ପର୍ବର ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସାରଳା ମନ୍ଦିର କମିଟିର କର୍ମକର୍ତ୍ତା ସମସ୍ତ ପ୍ରକାର ସହଯୋଗ କରିଥିଲେ। ସହଯୋଗୀ ଶିକ୍ଷକ ପ୍ରଶିକ୍ଷଣରେ ଉତ୍ତୀର୍ଣ୍ଣଙ୍କୁ ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲା ମହିଳା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଜିଲ୍ଲା ମହିଳା କୋଷାଧକ୍ଷା ବିଷ୍ଣୁପ୍ରିୟା ଦାଶ, ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ବିଶ୍ରା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା, ଜିଲ୍ଲା ବିସ୍ତାରକ ଶରତ ଚନ୍ଦ୍ର ଦାସ, ବରିଷ୍ଠ ଯୋଗ ଶିକ୍ଷକ ମନୋରମା ରାଉତ, ଅନୁସୂୟା ବାରିକ, କନକଲତା ଜେନା, ତପସ୍ୱିନୀ ସାହୁ, ପୁଷ୍ପାଞ୍ଜଳି ନାୟକ, ପ୍ରଭାତୀ ବେହେରା, ନଗେନ୍ଦ୍ରନାଥ ସ୍ୱାଇଁ, ଗଙ୍ଗାଧର ପୁହାଣ, ସସ୍ମିତା ସାହୁ, ସନ୍ଧ୍ୟାରାଣୀ ମାଇତି, ପୁଷ୍ପଲତା ଜେନା, ସତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ଯୋଗ ଶିକ୍ଷକ, ସାଧକ ସାଧିକାମାନେ ଉପସ୍ଥିତ ଥିଲେ।



# ତୃତୀୟ ପର୍ଯ୍ୟାୟ ପ୍ରଧାନଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଣାଇଁ, ୧୦।୭ (ସମିସ): ବଣାଇଁସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଆରମ୍ଭ ହୋଇଛି। ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିରକୁ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଉଦ୍‌ଘାଟନ କରିଥିଲେ। ଶିବିର ସମ୍ବନ୍ଧରେ ଶ୍ରୀ ପ୍ରଧାନ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଥମ ଦିବସର ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦାନ କରି ଆଗାମୀ ଦିନରେ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷା କ୍ଷେତ୍ରରେ ଗୁଣବତ୍ତା ବୃଦ୍ଧି ତଥା ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଣୟନ ସମ୍ବନ୍ଧରେ ବଣାଇଁ ଉପଖଣ୍ଡର ସମସ୍ତ ୬୫ଟି ଉଚ୍ଚ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସଚେତନ କରାଇଥିଲେ। ଆଗାମୀ ୫ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଆଧୁନିକ ଶିକ୍ଷାଦାନ କୌଶଳ ସହିତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣ ଶିବିରରେ ସୁନ୍ଦରଗଡ଼ ଶିକ୍ଷା ଜିଲ୍ଲାର ପି.ସି ଅମାତ୍ୟ ପ୍ରଧାନ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ। ପ୍ରଶିକ୍ଷଣ ଶିବିରଟିକୁ ପ୍ରଶିକ୍ଷକ ସୁଶ୍ରୀ ଗାୟତ୍ରୀ ସେଠୀ, ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଦିତନଗର, ରାଉରକେଲା, ତନୁଜା ନନ୍ଦିନୀ ତନ୍ତୀ, ଭାରପ୍ରାପ୍ତ ଅଧ୍ୟକ୍ଷା, ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୁଣ୍ଟଗାଁ, ନୂଆଗାଁ ବ୍ଲକ, ଦଳୀନ୍ଦ୍ର ତନ୍ତୀ, ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ଲଇକେରା, କାଶୀନାଥ ବେହେରା, ପ୍ରଧାନ ଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଣାଇଁଗଡ଼, ପରିଚାଳନା କରିଥିଲେ।




# ଏନ୍‌ଆଇଟି ଗବେଷକଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କ ଯତ୍ନ ସମ୍ପର୍କିତ ଗବେଷଣା

ରାଉରକେଲା, ୧୦।୭ (ସମିସ)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ବିକାଶଜନିତ ଦିବ୍ୟାଙ୍ଗଙ୍କ ଯତ୍ନ ସମ୍ପର୍କିତ ଗବେଷଣା ଆରମ୍ଭ ହୋଇଛି। ଏନ୍‌ଆଇଟିର ମାନବୀୟ ଓ ସାମାଜିକ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ବିଶ୍ୱାଳ ଏବଂ ତାଙ୍କର ବରିଷ୍ଠ ଗବେଷକ ଅଭିଜିତ ପାଠକଙ୍କ ସମେତ ଗବେଷଣା ଦଳ ବିକାଶଜନିତ ଅକ୍ଷମତା ଥିବା ପିଲାର ଲାଳନପାଳନ କିପରି ପିତାମାତାଙ୍କ ମଙ୍ଗଳ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ତାହା ଏହି ଗବେଷଣା ଦ୍ୱାରା ସମୀକ୍ଷା କରିଛନ୍ତି। ଏସିଆ ପାସିଫିକ୍ ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ୱାର୍କ ଆଣ୍ଡ ଡେଭଲପ୍‌ମେଣ୍ଟରେ ପ୍ରକାଶିତ ଏହି ଅଧ୍ୟୟନରେ ଯତ୍ନର ନିରନ୍ତର ଚାହିଦା କିପରି ପିତାମାତାଙ୍କ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ଏବଂ ସେମାନଙ୍କ ଜୀବନର ସାମଗ୍ରିକ ଗୁଣବତ୍ତା ଉପରେ ପ୍ରଭାବ ପକାଏ, ତାହା ଉପରେ ବିଶେଷ କରି ଏହି ଅନୁସନ୍ଧାନ କରାଯାଇଛି।

ସୂଚନାଯୋଗ୍ୟ ଯେ ବିକାଶଜନିତ ଅକ୍ଷମତା ଥିବା ପିଲାଟିର ଲାଳନପାଳନ କରିବା ଅନନ୍ୟ ଏବଂ ପ୍ରାୟତଃ ଜୀବନବ୍ୟାପୀ ଏକ ଚ୍ୟାଲେଞ୍ଜ ସୃଷ୍ଟି କରେ। ମୌଳିକ ଆତ୍ମ-ଯତ୍ନ ଶିଖାଇବା ଠାରୁ ଆରମ୍ଭ କରି ଆଚରଣଗତ ଓ ଇନ୍ଦ୍ରିୟଗତ ଅସୁବିଧାଗୁଡ଼ିକୁ ପରିଚାଳନା କରିବା ପର୍ଯ୍ୟନ୍ତ, ପିତାମାତାମାନେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ଯାହା ଅନ୍ୟମାନେ କେବେ ଅନୁଭବ କରିପାରନ୍ତି ନାହିଁ। ଏହା ଗଭୀର ଭାବପ୍ରବଣ କ୍ଳାନ୍ତି ଓ ମୁଣ୍ଡବିନ୍ଧା, ପେଟ ଘାଆ, ଦୀର୍ଘକାଳୀନ ଯନ୍ତ୍ରଣା ଏବଂ ଥକ୍କାପଣ ଭଳି ଶାରୀରିକ ଲକ୍ଷଣ ସୃଷ୍ଟି କରେ, ବିଶେଷକରି ମାଆମାନଙ୍କ ମଧ୍ୟରେ, ଯେଉଁମାନେ ପ୍ରାୟତଃ ଯତ୍ନ ନେବାର ପ୍ରମୁଖ ଦାୟିତ୍ୱ ତୁଲାନ୍ତି। ସମୟ ସହିତ, ଏହି ଶାରୀରିକ ରୋଗଗୁଡ଼ିକ ସେମାନଙ୍କର ଯତ୍ନ ନେବାର କ୍ଷମତାକୁ ଆହୁରି ହ୍ରାସ କରେ।

ସୂଚନାଯୋଗ୍ୟ ଯେ ଏହି ଅଭିଜ୍ଞତାଗୁଡ଼ିକୁ ବୁଝିବା ପାଇଁ ଗବେଷକମାନେ ଅଟିଜିମ୍, ଆଟେସ୍‌ସନ୍ ଡେଫିସିଟ୍ ହାଇପରଆକ୍ଟିଭିଟି ଡିସ୍‌ଅର୍ଡର୍ (ଏଡିଏଚ୍‌ଡି), ସେରେବ୍ରାଲ୍ ପାଲ୍ସି ଓ ବହୁବିଧ ଅକ୍ଷମତା ଭଳି ରୋଗରେ ପୀଡ଼ିତ ପିଲାମାନଙ୍କର ୪୦୦ ପିତାମାତାଙ୍କ ସର୍ଭେ କରିଥିଲେ। ସାଂସ୍କୃତିକ ଭାବରେ ଅନୁକୂଳିତ ଉପକରଣ ଓ ଉନ୍ନତ ପରିସଂଖ୍ୟାନ କୌଶଳ ବ୍ୟବହାର କରି ଏନ୍‌ଆଇଟି ରାଉରକେଲାର ଗବେଷକ ଦଳ ଜାଣିପାରିଲେ ଯେ ପିତାମାତାଙ୍କ ଶାରୀରିକ ସ୍ୱାସ୍ଥ୍ୟ ସେମାନଙ୍କ ଶରୀର, ମନୋଭାବ ଓ ସମ୍ପର୍କକୁ କିପରି ଭାବରେ ପ୍ରଭାବିତ କରେ।





ଗବେଷଣାର ପ୍ରମୁଖ ନିଷ୍କର୍ଷ ବିଷୟରେ ଡକ୍ଟର ରାମକୃଷ୍ଣ ବିଶ୍ୱାଳ କହିଛନ୍ତି, ବିକାଶଜନିତ ଅକ୍ଷମତା ଥିବା ଶିଶୁର ଯତ୍ନ ନେବା କେବଳ ପିତାମାତାଙ୍କ ଉପରେ ନିର୍ଭର କରିବା ଉଚିତ ନୁହେଁ, ଏହା ପରିବାର, ପଡ଼ୋଶୀ ଓ ସମାଜର ଏକ ମିଳିତ ଦାୟିତ୍ୱ ଅଟେ। ଯତ୍ନ ନେବା ଏକ ଦାବିପୂର୍ଣ୍ଣ ଯାତ୍ରା, କିନ୍ତୁ ନିଃସର୍ତ୍ତ ତଥା ନିରପେକ୍ଷ ସମର୍ଥନ ଓ ବିଶ୍ୱସ୍ତ ବ୍ୟକ୍ତି ତଥା କମ୍ୟୁନିଟିର ପୂର୍ଣ୍ଣ ସହଯୋଗ ସହିତ, ଯତ୍ନ ନେଉଥିବା ବ୍ୟକ୍ତିମାନେ ଶକ୍ତି, ଆଶ୍ୱସ୍ତି ଓ ବୈଧତା ପାଇପାରିବେ। ଗବେଷକମାନେ ବାୟୋସାଇକୋସୋସିଆଲ୍ ମଡେଲ୍ ବ୍ୟବହାର କରିଥିଲେ। ଯାହା ସ୍ୱାସ୍ଥ୍ୟକୁ ଶାରୀରିକ, ମାନସିକ ଓ ସାମାଜିକ ଶକ୍ତି ମଧ୍ୟରେ ଜଟିଳ ପାରସ୍ପରିକ କ୍ରିୟା ଦ୍ୱାରା ଅଂଶୀଦାର ବୋଲି ବିବେଚନା କରେ। ଏହି ମଡେଲ୍ ଗବେଷକଙ୍କୁ ଚାପର ପରସ୍ପର ସମ୍ବନ୍ଧିତ ପ୍ରଭାବ ଓ ଚାପ ଯୋଗୁଁ ଏବଂ ଏହାର ପ୍ରଭାବକୁ ଗଭୀର କରୁଥିବା ଏକ କାରକ ଭାବରେ ଶାରୀରିକ ସ୍ୱାସ୍ଥ୍ୟ କିପରି କାର୍ଯ୍ୟ କରେ ତାହା ରେକର୍ଡ କରିବାରେ ସକ୍ଷମ।

# ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ରାଜସ୍ୱ ମନ୍ତ୍ରୀ



ଝାରସୁଗୁଡ଼ା,୧୦।୭ (ସମିସ): ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡ଼ା ଜିଲ୍ଲାରେ ହୋଇଥିବା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ଏହି ଅବସରରେ ବ୍ରଜରାଜନଗର, କୁତାବଗା, ରେମଜା, ଇଟଭଟା, ରାଜପୁର, ଦେଓଗାଁ ପରି ବିଭିନ୍ନ ବର୍ଷା ପ୍ରଭାବିତ ଅଞ୍ଚଳ ସେ ଦେଖିଥିଲେ। ଏହାସହ କୋଲାବିରା, କିର୍ମିରା, ଲାଇକେରା ଆଦି ଅଞ୍ଚଳ ପରିସ୍ଥିତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ତଦାରଖ କରିଛନ୍ତି। ସେଠାରେ ହୋଇଥିବା କ୍ଷୟକ୍ଷତି ଏବଂ ଲୋକେ ଭୋଗିଥିବା ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ବର୍ଷାରେ ଲୋକଙ୍କ ଚାଷ, ଜମି ଘରଦ୍ୱାର ଏବଂ ନଷ୍ଟ ହୋଇଥିବା ଅନ୍ୟାନ୍ୟ ସାମଗ୍ରୀର କ୍ଷୟକ୍ଷତି ଆକଳନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟ ନମ୍ବରରେ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ, ଜିଲ୍ଲା ପ୍ରଶାସନ ଅଧିକାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ଗାଁରେ ପଶିପାରୁନି ଆମ୍ବୁଲାନ୍ସ

# ବର୍ଷାରେ ରାସ୍ତା ପାଲଟିଛି ମୃତ୍ୟୁଫାଶ



- ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ବିଡିଓ, ସରପଞ୍ଚ ସବୁ ନିଦାବିଷ୍ଟ
- ବାଜି ଲାଗିଛି ଛାତ୍ରଛାତ୍ରୀ ଓ ଗର୍ଭବତୀଙ୍କ ଜୀବନ

ଝାରସୁଗୁଡ଼ା,୧୦।୭ (ସମିସ): ବିକଶିତ ଜିଲ୍ଲା ଭାବେ ପରିଗଣିତ ହେଉଥିବା ଝାରସୁଗୁଡ଼ା ଜିଲ୍ଲାର ସଦର ବ୍ଲକ୍ ଅଧୀନ କଦଲିମୁଣ୍ଡା ଗାଁ ରାସ୍ତା ଅବସ୍ଥା ଦୀର୍ଘ ବର୍ଷ ହେବ ଶୋଚନୀୟ ହୋଇ ପଡିରହିଛି। ବର୍ଷା ହେଲେ ଗ୍ରାମବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ। ଲୋଇସିଂହ ପଞ୍ଚାୟତ ବାରଖଣ୍ଡିଆ କଦଳୀମୁଣ୍ଡା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ପିଲା, ମହିଳା ଏବଂ ସମସ୍ତ ଗ୍ରାମବାସୀ ପ୍ରତିଦିନ କଷ୍ଟ ଭୋଗୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଠାରେ ସରପଞ୍ଚ, ବିଡିଓ, ଜିଲ୍ଲାପାଳ ତଥା ସରକାର ନିଦାବିଷ୍ଟ ସାଜିଛନ୍ତି। ୭୦ରୁ ଅଧିକ ପରିବାର ଏଠାରେ ରୁହନ୍ତି। ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ଏହି କାଦୁଅ ପଚପଚ ରାସ୍ତାରେ ପାଠପଢ଼ିବାକୁ ଯିବାକୁ ବାଧ ହେଉଛନ୍ତି। ଗାଁରେ ୫ ଜଣ ଗର୍ଭବତୀ ମହିଳା ଅଛନ୍ତି। ଅଧିକାଂଶ ବ୍ୟକ୍ତି ଗାଁରେ ଆଦିବାସୀ ଏବଂ ଦିନ ମଜୁରିଆ ଭାବେ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଗାଁରେ କାହାକୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଡାକ୍ତରଖାନା ନେବାକୁ ପଡିଲେ ଗାଁ ମୁଣ୍ଡରେ ଆମ୍ବୁଲାନ୍ସକୁ ଅଟକି ରୁହେ ଏବଂ ରୋଗୀକୁ ଅନ୍ୟମାନେ ଆମ୍ବୁଲାନ୍ସ ଯାଏଁ ବୋହି ନେବାକୁ ହୋଇଥାଏ। ଗ୍ରାମବାସୀ ଏନେଇ ସ୍ଥାନୀୟ ଲୋଇସିଂହ ସରପଞ୍ଚଙ୍କଠୁ ଆରମ୍ଭ କରି ବିଡିଓ, ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ବିଭିନ୍ନ ଫୋରମରେ ଅଭିଯୋଗ କରି ସାରିଛନ୍ତି। ହେଲେ ଏଯାଏଁ ଆଠ ଶହ ମିଟରର ରାସ୍ତାଟି ନିର୍ମାଣ ହୋଇପାରିଲା ନାହିଁ। ଅଭିଯୋଗ ଶୁଣାଣି କେବଳ କାଗଜ କଲମରେ ଚାଲିଛି। ଏଠି ବାସ୍ତବିକ ସ୍ଥିତିକୁ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବରଗଡ଼ ସାଂସଦ ଥିବା ସମୟରୁ ତାଙ୍କ ନିକଟରେ ମଧ୍ୟ ଗ୍ରାମବାସୀ ଅନେକଥର ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଜଣେ ଟାଣୁଆ ମନ୍ତ୍ରୀ ଏହି ଅଞ୍ଚଳର ବିଧାୟକ। ଏକ ବର୍ଷ ପୂର୍ତ୍ତି ହୋଇ ସମାରୋହ ହେଇଯାଇଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ପଡୁନାହିଁ। ରାସ୍ତାର ଅବସ୍ଥା ପ୍ରତି ଦୃଷ୍ଟି ଦେଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ରାସ୍ତା ଅବସ୍ଥାକୁ ନେଇ ବୁଧବାର ସରପଞ୍ଚଙ୍କ ନିକଟକୁ ଗାଁର ମହିଳା ମାନେ ଭେଟିବାକୁ ଯାଇଥିବା ବେଳେ ତାଙ୍କର ଦେଖା ମିଳି ନଥିଲା। ଗୁରୁବାର ସକାଳୁ ପୁଣି କଦଲିମୁଣ୍ଡା ଗାଁର ମହିଳା ମାନେ ବର୍ଷାରେ ଭିଜି ଭିଜି ସରପଞ୍ଚ ନିକଟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଦେବା ସମୟରେ ଫୋଟୋ କିମ୍ବା ଭିଡିଓ ଉତ୍ତୋଳନ ପାଇଁ ସରପଞ୍ଚ ସନାତନ ରୋହିଦାସ ମନା କରିବା ସହିତ ସେଠାରୁ ଚାଲିଯିବା ପାଇଁ ଗ୍ରାମବାସୀଙ୍କୁ କହିଥିବା ଅଭିଯୋଗ ହୋଇଛି। ଏହାପରେ ଗାଁର ମହିଳାମାନେ ସରପଞ୍ଚଙ୍କୁ ରାସ୍ତା ଦେଖିବା ପାଇଁ ବାରମ୍ବାର ଅନୁରୋଧ କଲାପରେ ସେମାନଙ୍କ ସହିତ ସରପଞ୍ଚ ଯାଇ ରାସ୍ତା ନିରୀକ୍ଷଣ କରିଥିଲେ। ସରପଞ୍ଚ ରାସ୍ତାର ଅବସ୍ଥାରେ ସୁଧାର କରିବା ନିମନ୍ତେ ବିଡିଓ ଏବଂ ଉଚ୍ଚପଦସ୍ତ ଅଧିକାରୀଙ୍କ ନିକଟରେ ଅନୁରୋଧ କରିଥିବା ପ୍ରକାଶ କରିଥିଲେ। ତେବେ ଜିଲ୍ଲା ପ୍ରଶାସନ କୌଣସି ଅଘଟଣକୁ ଅପେକ୍ଷାକୁ କରିଥିବା ଏବଂ ଆଦିବାସୀ ମଜୁରିଆ ହୋଇଥିବାରୁ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆ ଯାଉ ନଥିବା ବୋଲି କହି କଦଲିମୁଣ୍ଡା ବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ପ୍ଲାଣ୍ଟ ପ୍ରଦୂଷଣ ନେଇ ପରିବେଶ ସୁରକ୍ଷା କମିଟି ଆର୍‌ଡିସିଙ୍କ ଦ୍ୱାରସ୍ଥ



ଇବଥର୍ମାଲ,୧୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା କୁମ୍ଭାରବନ୍ଧ ତଥା ତେଲେନପାଲି ପଞ୍ଚାୟତ ସ୍ଥିତ ଓପିଜିସି ବନହରପାଲି ପାୱାରପ୍ଲାଣ୍ଟ ଗୁଡିକର ଚିମିନିରୁ ପାଉଁଶ ବାହାରିବା ଏବଂ ବେଆଇନ ପାଉଁଶ ପରିବହନ ଫଳରେ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ବଢ଼ୁଛି। ଏହାର ସମାଧାନ ନେଇ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକାନି ପଞ୍ଚାୟତ ଜନସାଧାରଣଙ୍କୁ ନେଇ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ସଦସ୍ୟ ଗୁରୁବାର ସମ୍ବଲପୁର ଉତ୍ତରାଞ୍ଚଳ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛି। ଆର୍‌ଡିସି ଆଜି ତାଙ୍କ କାର୍ଯ୍ୟାଳୟରେ ନଥିବାରୁ ତାଙ୍କ କାର୍ଯ୍ୟାଳୟର ଆଡିସିନାଲ ସେକ୍ରେଟାରୀ ସରୋଜ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପାୱାରପ୍ଲାଣ୍ଟ ଚିମିନିରୁ ଗତ କିଛିମାସ ହେବ ପାଉଁଶ ବର୍ଷା ହୋଇ ଘନ କୁହୁଡିର ଭ୍ରମ ସୃଷ୍ଟି କରିବା ସହିତ ଅଞ୍ଚଳରେ ପ୍ରବଳ ପ୍ରଦୂଷଣ ସୃଷ୍ଟି କରୁଛି। ଏହାଛଡା ଓପିଜିସି ପାୱାରପ୍ଲାଣ୍ଟରୁ ଦିନରାତି ବେଆଇନ ଭାବେ ଭାରିଯାନରେ ଓଭରଲୋଡ୍ କରି ପାଉଁଶ ପରିବହନ କରାଯାଉଛି। ଫଳରେ ଇବଥର୍ମାଲ ଠାରୁ ରମ୍ପେଲା ସେତୁଦେଇ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପର୍ଯ୍ୟନ୍ତ ଯାତାୟତ କରୁଥିବା ସାଧାରଣ ନାଗରିକଙ୍କ ଜନଜୀବନ ପ୍ରଭାବିତ ହେଉଛି। ତେଲେନପାଲି ଠାରୁ ରେଙ୍ଗାଲି ରାସ୍ତା ଏବେ ଏହି ଭାରିଯାନ ଚଳାଚଳ ପାଇଁ ମରଣଯନ୍ତା ପାଲଟିଛି। ପରିବହନ ଜନିତ ପାଉଁଶ ପ୍ରଦୂଷଣ ଓ ଚିମିନିରୁ ନିର୍ଗତ ପାଉଁଶ ପ୍ରଦୂଷଣରେ ଅଞ୍ଚଳବାସୀ ଅତିଷ୍ଠ ହୋଇଥିବା ବେଳେ ସମଗ୍ର ଅଞ୍ଚଳର ଜଳ, ସ୍ଥଳ, ଜଙ୍ଗଲ, ଚାଷଜମି ମଧ୍ୟ ପ୍ରଦୂଷିତ ହେଉଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସହ କୃଷି, ଜୀବଜନ୍ତୁଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଯଥାଶୀଘ୍ର ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପାୱାରପ୍ଲାଣ୍ଟ ଗୁଡିକୁ ପରିବେଶ ପ୍ରଦୂଷଣର ନୀତିନିୟମ ପାଳନ ପାଇଁ ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ଉମାକାନ୍ତ ପଣ୍ଡା, ଉପସଭାପତି ଲିଙ୍ଗରାଜ ବଡ଼େଇ, ସାଧାରଣ ସମ୍ପାଦକ ଭୋନାଥ ବଡ଼େଇ, କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ନାଏକ, ହେମନ୍ତ ପ୍ରଧାନ, ଦେବାଶିଷ ପାଟଯୋଶୀ, କିଶୋର କିସାନ, ବିଦ୍ୟାଧର ଚାନ୍ଦ, ଚିତ୍ତରଞ୍ଜନ ପୂଜାରୀ, ଦେନିସ୍ ସାହୁ, ସୁଶିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ମେଲଛାମୁଣ୍ଡା,୧୦।୭ (ସମିସ): ବରଗଡ଼ ଜିଲ୍ଲା ଘେଁସ ଗାଁର ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ବରିହାଙ୍କ ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବରରେ ଘେଁସ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଏକମାତ୍ର ପୁଅ ଶିକ୍ଷକ ଜୟନ୍ତ ବରିହା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବରିହାଙ୍କ ଶେଷଦର୍ଶନ ପାଇଁ ତାଙ୍କ ବନ୍ଧୁବାନ୍ଧବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶିକ୍ଷକତା ବ୍ୟତୀତ ସେ ଜଣେ ଭଲ ଜ୍ୟୋତିର୍ବିଦ୍ ଭାବେ ବେଶ୍ ପରିଚିତ ଥିଲେ।

# ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କମିଟି ଗଠିତ

ପଦ୍ମପୁର,୧୦।୭ (ସମିସ): ପଦ୍ମପୁର କଟାବନ୍ଧ ଶିବ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ତଥା ନନ୍ଦୋତ୍ସବ ପାଳନ ପାଇଁ କମିଟି ଗଠିତ ହୋଇଛି। ସଭାପତି ମୋହନ ବଛାର, ଉପସଭାପତି ବିଜୟ ମାଝୀ, ସମ୍ପାଦକ ସୁଦର୍ଶନ ଗୌଡ଼, ସହ ସଂପାଦକ ମଙ୍ଗଲୁ ନିଆଲ, କୋଷାଧ୍ୟକ୍ଷ କିସନ ହଂସ, ସହଯୋଗୀ କାଳିଆ ଭୋଇ, କମିଟି ଉପଦେଷ୍ଟା ଗଙ୍ଗାଧର ଚିରଗୁନ୍, ଗଣପତି ବଗର୍ତୀ, ରାଜୁ ଘିବେଲା, ଆନନ୍ଦ ଜାଲ, ସୁନୀଲ ମାଝୀ ପ୍ରମୁଖ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି।

# ଆତ୍ମା କମିଟିର ବୈଠକ

ବରଗଡ଼,୧୦।୭ (ସମିସ): ଅତାବିରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଆତ୍ମା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆତ୍ମା କମିଟିର ଅଧ୍ୟକ୍ଷ ମିଳନ ସେଠଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କୃଷି ଅଧିକାରୀ ପିଙ୍କୁସେନ କର, ଅତିରିକ୍ତ କୃଷି ଅଧିକାରୀଣି ଶ୍ରୀୟା ହୋତା, ଅଙ୍କିତା ପଣ୍ଡା, ଏଏଚଓ ରଜବାଲା ମହାପାତ୍ର, ମତ୍ସ୍ୟବିଭାଗ ଅଧିକାରୀ ବାଣୀ ନିର୍ମାଲ୍ୟ ରାଉତ, ପଶୁ ସମ୍ପଦ ବିଭାଗ ଅଧିକାରୀ ସଗ୍ରାମ ଦାସ, ଏଟିଏମ ପ୍ରଶାନ୍ତ ଭୋଇ, ମିନତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ମମତା ପ୍ରଧାନ, ସମିତି ସଭ୍ୟ ବିଦ୍ୟାଧର ପ୍ରଧାନ, ସମିତି ସଭ୍ୟା ମଞ୍ଜୁଳତା ବଡ଼େଇ, କମିଟିର ସଦସ୍ୟ ଦଶରଥ ଭୋଇ, ନିର୍ମଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ଦୂର୍ଲଗାରେ ବନ ମହୋତ୍ସବ ପାଳିତ



ଝାରସୁଗୁଡ଼ା,୧୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲାର ସଦର ବ୍ଲକ୍ ଦୂର୍ଲଗା ଠାରେ ଗୁରୁବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ୭୬ ତମ ବନମହୋତ୍ସବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ନିଜ ମାଁଙ୍କ ପାଇଁ ଗଛଟିଏ ରୋପଣ କରିବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ ଯୋଗ ଦେଇଥିଲେ। ଜିଲ୍ଲାରେ ପରିବେଶ ସଚେତନତା ରଥର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଅଶୋକ ମନୁ ଭଟ୍ଟ, ଜିଲ୍ଲାସ୍ତରୀୟ ଓ ଜଙ୍ଗଲ ବିଭାଗର ବହୁ ଅଧିକାରୀଙ୍କ ସମେତ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବିଜେପୁର ଏନ୍‌ଏସିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିଜେପୁର,୧୦।୭ (ସମିସ): ବରଗଡ଼ ଜିଲ୍ଲା ବିଜେପୁରରେ ନୂତନ ଭାବେ ନିର୍ମିତ ହୋଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟ ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସନତ ଗଡତିୟାଙ୍କ କରକମଳରେ ଗୁରୁବାର ଉଦ୍‌ଘାଟିତ ହୋଇ ଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଲଲାଟ ଲୁହା, ବିଡିଓ ସରୋଜ ବିଶ୍ୱାଳ, ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୀତା ବାରିକ, ଉପାଧ୍ୟକ୍ଷ ଉମାକାନ୍ତ ବେସନ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞ ବିଭୁଦତ୍ତ ସାହୁ, ସହକାରୀ ଯନ୍ତ୍ରୀ ଅଜୟ ପାତ୍ର, ପୌର ଯନ୍ତ୍ରୀ ପ୍ରିୟଙ୍କା ବେହେରା, ପରିମଳ ବିଭାଗୀୟ ଅଧିକାରୀ ଅର୍ଜୁନ ସିଂ, ଦିବ୍ୟ କିଶୋର ପୁରୋହିତ, ରଞ୍ଜନ ସାହୁ, ଜମାଦାର ଦିନବନ୍ଧୁ ପଣ୍ଡା, ସିଓ ଛନ୍ଦାମିତ୍ରା ମିଶ୍ର, ଲିଙ୍ଗରାଜ ମେହେର, ସୁପଭାଇଜର ତୁଷାର କାନ୍ତ ମେହେର, ମୋତିଲାଲ ଖମାରୀ, ବିନୋଦ ସିଂଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜେପୁର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ପରିଷଦର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଉଦ୍‌ଘାଟନୀ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି।



# ରାସ୍ତାକଡ଼ ବେଆଇନ ମାଂସ ଦୋକାନ ସ୍ଥାନାନ୍ତର ଦାବି

ଝାରସୁଗୁଡ଼ା,୧୦।୭ (ସମିସ): ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ବେଆଇନ ଭାବେ ରାସ୍ତାକଡ଼ରେ ଥିବା ମାଂସ ଦୋକାନ ସ୍ଥାନାନ୍ତର କରିବା ନେଇ ଗୁରୁବାର ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀଙ୍କୁ ବ୍ରଜରାଜନଗର ହିନ୍ଦୁ ଚେତନା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାସ୍ତା ପାଶ୍ୱର୍ରେ ମାଂସ ଦୋକାନ ଯୋଗୁଁ ବ୍ରଜରାଜନଗରର ବିଭିନ୍ନ ଅଞ୍ଚଳ ପରିବେଶ ଉପରେ ଖରାପ ପ୍ରଭାବ ପଡୁଥିବା ହିନ୍ଦୁ ଚେତନା ମଞ୍ଚ ପକ୍ଷରୁ କୁହାଯାଇଛି। ଡିଏଭି ପବ୍ଲିକ ସ୍କୁଲ, ମନ୍ଦିର, ସହିତ ସମାଜିକ ସ୍ଥଳୀ ନିକଟରେ ମାଂସ ଦୋକାନ ଗୁଡିକ ରହିବା ଦ୍ୱାରା ବିଦ୍ୟାଳୟକୁ ଯାଉଥିବା ଶିଶୁ ଏବଂ ରାସ୍ତାରେ ଯିବା ଆସିବା କରୁଥିବା ଜନସାଧାରଣଙ୍କ ଉପରେ ଖରାପ ପ୍ରଭାବ ପଡୁଛି। ହିନ୍ଦୁ ମାନଙ୍କର ଧର୍ମୀୟ ଭାବନା ଏବଂ ସାମାଜିକ ଓ ଆଧ୍ୟାତ୍ମିକ ଚେତନା ଉପରେ ଏହାର ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ଆଗକୁ ଶ୍ରାବଣ ମାସ ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଞ୍ଚ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାନୁ ପ୍ରକାଶ ସିଂହ, ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସମେତ ହିନ୍ଦୁ ଚେତନା ମଞ୍ଚର ଅନେକ ସଦସ୍ୟ ଉପସ୍ଥିତ ଥିଲେ।



# ବନ୍ୟା ପୀଡ଼ିତଙ୍କୁ ସହାୟତା ଦାବି କଲା ମହିଳା ସମିତି

ବରଗଡ଼,୧୦।୭ (ସମିସ)



ମୌସୁମୀ ଜନିତ ଲଗାଣ ବର୍ଷା କାରଣରୁ ଜୀରାନଦୀ ବନ୍ୟାଜଳ ଦ୍ୱାରା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବାକୁ ବରଗଡ଼ ମହିଳା ସମିତି ଜିଲ୍ଲା ପ୍ରଶାସନକୁ ଅନୁରୋଧ ଜଣାଇଛି। ସମିତିର ଏକ ପ୍ରତିନିଧି ଦଳ ଗୁରୁବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୋନାଲି ପଟ୍ଟନାୟକଙ୍କୁ ପ୍ରସ୍ତାବ ପତ୍ର ପ୍ରଦାନ କରିଥିଲା। ସେଥିରେ ସମିତି ପକ୍ଷରୁ ବରଗଡ଼ ୱାର୍ଡ ନମ୍ବର୍ ୧ ଜୀରା କଲୋନୀରେ ରିଲିଫ ବଣ୍ଟନ ସମୟରେ ବନ୍ୟା ପ୍ରଭାବିତ ଲୋକ ଦର୍ଶାଇଥିବା ତାଙ୍କ ଜରୁରୀ ଆବଶ୍ୟକତା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟତଃ ଏ ଦୁଃସ୍ଥିତି ଲାଗି ରହିଥିବା ଯାଏଁ ରନ୍ଧା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା, ଚାଳଘର ଛାଉଣୀ ପାଇଁ ମୋଟା ଜରି, ବନ୍ୟା ଜଳରେ ଭାସି ଆସୁଥିବା ବିଷାକ୍ତ ଜୀବ ଭୟରୁ ରକ୍ଷା ପାଇଁ ରାତ୍ରି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଆଲୁଅ ବ୍ୟବସ୍ଥା, ନିୟମିତ ସ୍ୱାସ୍ଥ୍ୟ ସେବା ଓ ପରିବେଶ ସ୍ୱଚ୍ଛତା, ଅନେକେ ବସ୍ତ୍ର ଅଭାବ ରହିଥିବାରୁ ଶୁଖିଲା ବସ୍ତ୍ର ବ୍ୟବସ୍ଥା ଓ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

ତାଙ୍କ ପକ୍ଷରେ ଯାହା ସମ୍ଭବ ତୁରନ୍ତ ବ୍ୟବସ୍ଥା କରିବେ ଏବଂ ସମିତିର ପ୍ରସ୍ତାବକୁ ଜିଲ୍ଲାପାଳଙ୍କ ପାଖକୁ ପଠାଇବେ ବୋଲି ତହସିଲଦାର ସୋନାଲି ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ମମତା ମିଶ୍ର, ଜୟଗୀତା ପଣ୍ଡା, ମନ୍ଦାକିନୀ ପତି, ଜୟନ୍ତୀ ପ୍ରଧାନ ଓ ବାସନ୍ତୀ ଗଡତିଆ ସାମିଲ ଥିଲେ।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡା,୧୦।୭ (ସମିସ): ଭାରତୀୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡା ଜିଲ୍ଲାର ବ୍ରଜରାଜନଗର ଓ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଅଧୀନ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେଙ୍କ ତତ୍ତ୍ୱାବଧାନରେ ଜୁଲାଇ ୮ରୁ ୧୦ ତାରିଖ ଯାଏଁ ହେଉଥିବା ଏହି ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ୫୧୬ ଜଣ ବୁଥସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ବେଲପାହାଡ ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ଓ ଲଖନପୁର ସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ, ପୌରପରିଷଦ ସଭାଗୃହ ଏବଂ କୋଲାବିରା, କିର୍ମିରା ତଥା ଲଇକେରା ପଞ୍ଚାୟତ ସମିତି ସଭାଗୃହରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏହାର ପରିଚାଳନା କରିଥିଲେ। ଏଥିରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ବିଏଲଓ ଆପ୍, ଭୋଟର ହେଲ୍ପ ଲାଇନ ଆପ୍‌ର ବ୍ୟବହାର ଓ ଉପଯୋଗୀତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।



ସକାଳ THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଷ୍ଟ ପରୀକ୍ଷା ବୋର୍ଝ

ରାଜ୍ୟର ପ୍ରାଥମିକ ଓ ନିମ୍ନମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରିବା ପାଇଁ ଓଡ଼ିଶା ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପୁଣି ଥରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ବାର୍ଷିକ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେବେ ସେମାନଙ୍କୁ ଦୁଇ ମାସ ପରେ ପୁଣି ଥରେ ପରୀକ୍ଷା ଦେବାକୁ ପଡ଼ିବ। ସେଥିରେ ମଧ୍ୟ ଫେଲ୍ ହେଲେ ଉପର ଶ୍ରେଣୀକୁ ଉନ୍ନୀତ ହୋଇପାରିବେ ନାହିଁ। ପାସ୍‌ଫେଲ ବ୍ୟବସ୍ଥା ପୁନଃପ୍ରଚଳନ ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜୱାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

ବାର୍ଷିକ ପରୀକ୍ଷାରେ ଫେଲ୍ ହେଲେ ତଳ ଶ୍ରେଣୀର ପିଲାମାନଙ୍କ ସହିତ ବସି ପାଠ ପଢ଼ିବାର ହୀନମନ୍ୟତା ଯୋଗୁଁ ପିଲାମାନେ ଆଉ ସ୍କୁଲ୍ ଆସୁ ନ ଥିଲେ। ଏହାଛଡ଼ା ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଏ ଦିଗରେ ପ୍ରତିବନ୍ଧକ ଥିଲା। ଏଣୁ କ୍ରମଶଃ ସେମାନେ ପାଠପଢ଼ାର ମୁଖ୍ୟଧାରାରୁ ଦୂରେଇ ଯାଇ ପାରିବାରିକ ରୋଜଗାର ପନ୍ଥା କିମ୍ବା କୌଳିକ ବୃତ୍ତିକୁ ଆପଣେଇ ନେଉଥିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନେ ପରିସ୍ଥିତିର ଚାପରେ ଶିଶୁଶ୍ରମିକ ହେବାକୁ ବାଧ୍ୟ ହେଉଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ଉଦ୍‌ବେଗଜନକ ହେଉଥିବା ପରିଲକ୍ଷିତ ହୋଇଥିଲା। ଉଦ୍‌ବେଗଜନ ଭାବେ ବୃଦ୍ଧି ପାଉଥିବା ଏଭଳି ଡ୍ରପ୍ ଆଉଟ୍(ଅଧାରୁ ପାଠ ଛାଡ଼ିବା) ହାରକୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷା ଅଧିକାର ଆଇନ୍(ଶିଶୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବା ଆରଟିଇ) ୨୦୦୯ର ଧାରା ୧୬ରେ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ବା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ଦେବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଥିଲା। ଅର୍ଥାଭାବରୁ କୌଣସି ଶିଶୁ ଯେପରି ପ୍ରାଥମିକ ଓ ମୌଳିକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଥିଲା ଶିକ୍ଷା ଅଧିକାର ଆଇନର ମୂଳ ଲକ୍ଷ୍ୟ।

ସମ୍ପ୍ରତି ରାଜ୍ୟରେ ପାସ୍‌ଫେଲ୍ ବ୍ୟବସ୍ଥା ପୁନଃପ୍ରଚଳନ ନିଷ୍ପତ୍ତିକୁ କେତେକ ଶିକ୍ଷାବିତ୍ ସ୍ୱାଗତ କରିଥିବା ଆଉ କେତେକ ମହଲ ନାପସନ୍ଦ କରିଛନ୍ତି। ସପକ୍ଷବାଦୀଙ୍କ ଯୁକ୍ତି ହେଲା ପରୀକ୍ଷା ବ୍ୟବସ୍ଥା ଉଠିଯାଇଥିବାରୁ ପିଲାମାନେ ପାଠ ପଢ଼ା ପ୍ରତି ବିମୁଖ ହେଉଛନ୍ତି ଏବଂ ତଳ ଶ୍ରେଣୀର ପାଠ ଉପର ଶ୍ରେଣୀର ପିଲାମାନେ ପଢ଼ିବାରେ ଅକ୍ଷମ ହେଉଛନ୍ତି। ପରୀକ୍ଷାରେ ଫେଲ୍ ହେବାର ଭୟ ରହିଲେ ପିଲାମାନେ ପାଠ୍ୟକ୍ରମ ପ୍ରତି ଗୁରୁତ୍ୱ ଦେବା ସହିତ ସେମାନଙ୍କ ମେଧାଶକ୍ତି ବୃଦ୍ଧି ପାଇବ ଏବଂ ସେମାନେ ବିଭିନ୍ନ ପ୍ରତିଯୋଗିତାପୂର୍ଣ୍ଣ ପରୀକ୍ଷାରେ ସଫଳ ହେବେ। ଅପରପକ୍ଷରେ ରାଜ୍ୟ ସରକାରଙ୍କ ସଦ୍ୟତମ ନିଷ୍ପତ୍ତିକୁ ବିରୋଧ କରୁଥିବା ମହଲର ଯୁକ୍ତି ହେଉଛି ଏହାଦ୍ୱାରା ପୁଣି ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବ ଏବଂ ସରକାରଙ୍କ ମୂଳଲକ୍ଷ୍ୟ ସୁଦୂର ପରାହତ ହେବ। ବର୍ତ୍ତମାନର ଆହ୍ୱାନ ହେଉଛି ପିଲାମାନଙ୍କୁ ସ୍କୁଲ୍‌ମନସ୍କ କରିବା, ପରୀକ୍ଷାମନସ୍କ ନୁହେଁ।

ଏହି ଦୁଇ ପକ୍ଷର ଯୁକ୍ତିରୁ ଉର୍ଦ୍ଧ୍ୱରେ ଆମ ମତରେ ସରକାରଙ୍କ ଉଚ୍ଚାକାଂକ୍ଷା ସ୍ୱାଗତଯୋଗ୍ୟ। କିନ୍ତୁ ରାଜ୍ୟର ଶିକ୍ଷା ଭିତ୍ତିଭୂମି ଆଧାରରେ ପାସ୍‌ଫେଲ୍ ବ୍ୟବସ୍ଥାର ପୁନଃପ୍ରଚଳନକୁ ତର୍ଜମା କଲେ ଭବିଷ୍ୟତରେ ଶୈକ୍ଷିକ ପରିବେଶରେ ଘୋର ସଙ୍କଟ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ଓଡ଼ିଶାର ସ୍ଥିତି ଅନ୍ୟ ବିକଶିତ ରାଜ୍ୟ ଭଳି ନୁହେଁ। ଉପକୂଳ ଓଡ଼ିଶାରେ ଏବେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବର୍ଷାଦିନେ ଭରା ନଦୀ ନାଳ ପାର ହୋଇ ସ୍କୁଲ୍ ଆସିବାକୁ ପଡ଼ୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଇଲ୍ ମାଇଲ୍ ବାଟ ଚାଲିବା ପରେ ଶ୍ରେଣୀ ଗୃହ ପାଠ କିମ୍ବା ମଧ୍ୟାହ୍ନ ଭୋଜନ ଭାଗ୍ୟରେ ଜୁଟୁଛି। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମେଧାସ୍ତର ଯାହା ସେଥିରେ ହଠାତ୍ ବାର୍ଷିକ ପରୀକ୍ଷା କଲେ ପାସ୍ ତୁଳନାରେ ଫେଲ୍ ହାର ଢେର ଅଧିକ ହେବାର ଆଶଙ୍କା ଅଧିକ। ତେଣୁ ଫେଲ୍ ହେବା ପରେ ପୁଣି ଥରେ ସେମାନେ ଯେ ସ୍କୁଲ୍ ବାରଣ୍ଡା ମାଡ଼ିବେ ସେ ବିଶ୍ୱାସ ଆସୁନାହିଁ। ଏହାଛଡ଼ା ଆମ ଶୈକ୍ଷିକ ଭିତ୍ତିଭୂମି ଅବସ୍ଥା ଯାହା ସେଥିରେ ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀ ଏବଂ ଏକାଧିକ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀରେ ପାଠପଢ଼ା ଯେନତେନପ୍ରକାରେ ଚାଲୁଛି। ଯଦି କୌଣସି ସ୍କୁଲ୍‌ରେ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ପିଲା ଫେଲ୍ ହୁଅନ୍ତି ତେବେ ତଳ ଶ୍ରେଣୀ ସହିତ ସେମାନଙ୍କୁ ମିଶାଇ ପାଠପଢ଼ାଇବା ପାଇଁ ଶ୍ରେଣୀଗୃହର ଗୁରୁତର ଅଭାବ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟାହ୍ନଭୋଜନ ବୋଝ ମଧ୍ୟ ବଢ଼ିବ। ଏବେ ମଧ୍ୟାହ୍ନଭୋଜନ ପାଇଁ ବଜେଟ୍ ବ୍ୟବସ୍ଥା ନୈରାଶ୍ୟଜନକ। ସେଥିରେ ପୁଣି ପିଲା ସଂଖ୍ୟା ବଢ଼ିଲେ ଖାଦ୍ୟର ମାନରେ ନିଶ୍ଚିତ ଭାବେ ସାଲିସ୍ କରିବାକୁ ପଡ଼ିବ।

ବର୍ତ୍ତମାନର ବିଜେପି ସରକାର କେବଳ ଯଦି ରାଜନୈତିକ ଉଦେଶ୍ୟପ୍ରଣୋଦିତ ଭାବେ ପୂର୍ବ ସରକାରଙ୍କ ଅମଳରେ ପ୍ରଣୀତ ନିଷ୍ପତ୍ତିମାନଙ୍କୁ ବଦଳାଇବା ମାନସିକତାରେ ଏଭଳି ପଦକ୍ଷେପ ନେଇଥା'ନ୍ତି ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ପାସ୍‌ଫେଲ୍ ବ୍ୟବସ୍ଥା ସହିତ ଯେଉଁ ଆନୁଷଙ୍ଗିକ ସମସ୍ୟାମାନ ଜଡ଼ିତ ଅଛି ସେଗୁଡ଼ିକର କିପରି ଯଥାଯଥ ସମାଧାନ ହୋଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ। ଯେଉଁମାନେ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ସେମାନେ ସମସ୍ତେ ଅବୋଧ ନଥିଲେ। କିନ୍ତୁ ଏହା ଭିତରେ ଶିକ୍ଷା କ୍ଷେତ୍ରରେ ଏଭଳି କ'ଣ ଉନ୍ନତି ହୋଇଥିବା ସରକାର ହୃଦ୍‌ବୋଧ କଲେ ଯେ ତାହାକୁ ତରବରିଆ ଭାବେ ଉଚ୍ଛେଦ କରିଦେଲେ ସେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଜନକଲ୍ୟାଣ ସହିତ ଜଡ଼ିତ କୌଣସି ଯୋଜନା ପ୍ରଣୟନ କିମ୍ବା ସଂଶୋଧନ କରିବା ପୂର୍ବରୁ ବିଧାନସଭାରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇପାରିଥା'ନ୍ତା। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସରକାରଙ୍କ ନିଷ୍ପତ୍ତି ହିଁ କାଏମ୍ ରହିବ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଲୋଚନା ଓ ସମାଲୋଚନାକୁ ଗୁରୁତ୍ୱ ଦେବା ବିଧେୟ। ଏବେ ମଧ୍ୟ ବିଶେଷ ବିଳମ୍ବ ହୋଇନାହିଁ। ବର୍ତ୍ତମାନର ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ପ୍ରତ୍ୟାହାର କରିବାର କେତେକ ଉଦାହରଣ ଆମେ ଅତୀତରେ ଦେଖିଛୁ। ତେଣୁ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ପଥ ପ୍ରସ୍ତୁତ କରିବା ଉଚିତ ହେବ। ଏଥିସହିତ ଶିକ୍ଷାବିତ୍‌ମାନଙ୍କୁ ନେଇ ରାଜ୍ୟସ୍ତରୀୟ ବିଚାରବିମର୍ଶ ହୋଇ ସେ ନିଷ୍କର୍ଷ ଆଧାରରେ ଯଦି ସରକାର ପାସ୍‌ଫେଲ୍ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତେ ତେବେ ଅପରିଣାମଦର୍ଶୀର କଳଙ୍କ ମୁଣ୍ଡାଇବାକୁ ପଡ଼ନ୍ତା ନାହିଁ। ଆଶା ସରକାର ଏହାକୁ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ।

## ସର୍ଜନଶୀଳ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱବିଖ୍ୟାତ। ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିର ସ୍ଥାପତ୍ୟ କଳାରେ ତା'ର ଉତ୍କର୍ଷ ଚରମ ସୀମାରେ ପହଞ୍ଚି ସାରିଥିଲା, ଯା'ର ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। ଶିଳ୍ପକଳା ଦୃଷ୍ଟିରୁ ଏହା ପୃଥିବୀ ପ୍ରସିଦ୍ଧ। କୋଣାର୍କ କେବଳ ଧର୍ମ, ଅର୍ଥ ଓ ପରମାର୍ଥର ତୀର୍ଥସ୍ଥଳୀ ନୁହେଁ, ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। କବି ଦୃଷ୍ଟିରେ ଏହା ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗର ସ୍ଥାପତ୍ୟ ଧାରାରେ ତା'ର ସ୍ଥାନ କେବଳ ଶୀର୍ଷରେ ନୁହେଁ, ତାହା ବିଶ୍ୱରେ ବିସ୍ମୟ। ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟ ନେଇ ଲେଖାଯାଇଛି ଅନେକ କାବ୍ୟ କବିତା। 'ଧର୍ମପଦ'କାବ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସ କିମ୍ବଦନ୍ତୀକୁ ଆଧାର କରି ତ୍ୟାଗର ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାରି ଭିତରେ ନିହିତ ସୂକ୍ଷ୍ମ ସର୍ଜନଶୀଳତାର ନିଦର୍ଶନ। ଧର୍ମପଦ ଇତିହାସ ନୁହେଁ, କିମ୍ବଦନ୍ତୀ। ମାତ୍ର କବି ଗୋପବନ୍ଧୁଙ୍କ ଲେଖନୀ ସ୍ପର୍ଶ ପାଇ ସେ ପାଲଟି ଯାଇଛି ଇତିହାସଠାରୁ ବୃହତ୍ତର ସତ୍ୟ। ଓଡ଼ିଆ ଜନଜୀବନ ସହିତ ସେ ପୂର୍ଣ୍ଣମାତ୍ରାରେ ଯୋଡ଼ି ହୋଇଯାଇଛି, ଯାହା ସମ୍ଭବ ହୋଇନାହିଁ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବଙ୍କ ଭାଗ୍ୟରେ।

ଓଡ଼ିଆ କବି ଶବ୍ଦ କୋଣାର୍କର ଶିଳ୍ପୀ। ସେ ଲେଖିପାରେ 'ଗୀତ ଗୋବିନ୍ଦ' ଭଳି ଅନନ୍ୟ, ଅନୁପମ ଓ ଅମଳିନ କାବ୍ୟ। ଗୀତଗୋବିନ୍ଦର କାନ୍ତକୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଏହା ପୃଥିବୀର ବହୁ ଭାଷାରେ ଅନୂଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଗୋଟିଏ ଛୋଟିଆ କାବ୍ୟ ରଚନା କରି ଜୟଦେବ ଯେଭଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ। ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଚାହିଁ ବହୁ ଜଟିଳ ତତ୍ତ୍ୱର ସରଳ ସୂତ୍ର ଆବିଷ୍କାର କରିପାରେ ଏହି ମାଟିର ଖଗୋଳ ବିଜ୍ଞାନୀ। ଏହି ମାଟିରେ ଜନ୍ମ ନେଇଛି ଦଶମିକ ଭଗ୍ନାଂଶ, ଯାହା ଗଣିତ ଶାସ୍ତ୍ରକୁ ଏକ ଯୁଗାନ୍ତକାରୀ ଅବଦାନ ବୋଲି ସ୍ୱୀକାର କରିଛି ସାରା ବିଶ୍ୱ। ଏହି ଆଧ୍ୟାତ୍ମିକ ଭୂଇଁରୁ ଆତ୍ମପ୍ରକାଶ କରିଛି ଅଭିନବ ଧର୍ମଧାରା ମହିମାଧର୍ମ। ଜାତିସଂଘର ଲଲାଟପଟରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଆ କବିର ମହାନ ବାଣୀ -'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।'

ଏକଦା ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧ ସାହିତ୍ୟ, ବୌଦ୍ଧ ସାହିତ୍ୟ, ତନ୍ତ୍ର ସାହିତ୍ୟ, ଲୋକ ସାହିତ୍ୟ ଏବଂ ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ପୋଥି। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ଏବଂ ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ ଉଚ୍ଚକୋଟୀର। ପୋଥିର ନିମପତ୍ର ଓ ହଳଦୀ ଲେପଦେଇ ଏବଂ ନିୟମିତ ବ୍ୟବଧାନରେ ଖରାରେ ଶୁଖାଇ ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି।

ଶିଳ୍ପକଳା ଓଡ଼ିଆ ଜାତିର ଅସ୍ଥି ମଜ୍ଜାଗତ। ଯେଉଁଠି ପଥରର ପ୍ରାଚୁର୍ଯ୍ୟ, ସେହି ଏକାମ୍ରରେ ଓଡ଼ିଆ ଶିଳ୍ପୀ ଶତାବ୍ଦୀରେ ଗଢ଼ିଥିଲା ହଜାର ହଜାର ମନ୍ଦିର। ପ୍ରତିଟି ପଥର ଖଣ୍ଡରେ ଲେଖିଥିଲା କଳାର କବିତା। ଭୁବନେଶ୍ୱରର ଦେଉଳ ପରି ଶିଳ୍ପୋନ୍ନତ ଓ ଦେବୋପମ ସ୍ଥାପତ୍ୟର ଦୃଷ୍ଟାନ୍ତ ବିରଳ। ଏ ଜାତି ସୁନାରୁପାରେ କରେ ତାରକସି କାମ। ରୁପା ତାରକସି ପାଇଁ ରୁପେଲି ସହର କଟକ ବିଶ୍ୱବିଖ୍ୟାତ। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱ ଦେଖିଛି ଓଡ଼ିଆ ତାରକସି କାମର ଝଲକ। ପଥର ଖୋଦନ ଓଡ଼ିଆ ଜାତିର ଏକ ପୁରାତନ ଶିଳ୍ପ। ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପଥର କାନ୍ଥରେ ଖୋଦିତ ହାତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପୁରାତନ ପ୍ରସ୍ତର କଳାକୃତି ମଧ୍ୟରେ ଅନ୍ୟତମ। କଂସା ଓ ପିତଳ ହାଣ୍ଡି ଉପରେ ସୁନ୍ଦର ଖୋଦନ ଓଡ଼ିଆ ସୂକ୍ଷ୍ମକଳାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ଓଡ଼ିଶାର ଘରେ ଘରେ ଦେଖିବାକୁ ମିଳେ ଧାତୁ ନିର୍ମିତ କଳାକୃତି।

ଓଡ଼ିଶାରେ ଏପରି କାରିଗର ମଧ୍ୟ ଅଛନ୍ତି, ଯେଉଁମାନେ ଗୋରୁର ଶିଙ୍ଗରୁ ତିଆରି କରିପାରନ୍ତି ପାନିଆ, ଫୁଲ ଓ କଲମ ଷ୍ଟାଣ୍ଡ ଆଦି ବିଭିନ୍ନ ଜିନିଷ। ଓଡ଼ିଶାରେ କାଠ ଖୋଦେଇ କାମ ମଧ୍ୟ ବହୁଳ ଲୋକପ୍ରିୟ। ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱ ସମ୍ପର୍କରେ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ଜଣା କାଠରେ ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ସେ ଏକାଧିକ ବୋଇତକୁ ଯୋଡ଼ି ନିର୍ମାଣ କରିପାରୁଥିଲା ବିଶାଳକାୟ ଓ ସୁଦୃଶ୍ୟ ବୋଇତ।

ଓଡ଼ିଆଙ୍କ ଜୀବନଦର୍ଶନ, ଚିନ୍ତାଚେତନା, ଭାବଭାବନା ଆଦି ସବୁଠି ରହିଛି ଅନନ୍ୟ କଳାତ୍ମକ ପରିପ୍ରକାଶ। ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସାରିତ ହୋଇଛି ଓଡ଼ିଶାର ସୂକ୍ଷ୍ମ କଳାରୂପ। ସମ୍ବଲପୁର ବୟନକଳାର ଗୁଣବତ୍ତା ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ। ସମ୍ବଲପୁରୀ ବାନ୍ଧକଳା ବିଶ୍ୱପ୍ରସିଦ୍ଧ, ଯାହା ଲୋକରୁଚି, ଲୋକଚଳଣିର ଓ ଲୋକ ଅଭିବ୍ୟକ୍ତିକୁ ନେଇ ସମୃଦ୍ଧ ଓ ରୁଦ୍ଧିମନ୍ତ। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ପଟ୍ଟଚିତ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ କଳା। ଏହାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଅଦ୍ୟାବଧି ମୌଳିକ ଭାବରେ ଭାସ୍ୱର। ପଟ୍ଟଚିତ୍ରରେ ଓଡ଼ିଶାର ସାଂସ୍କୃତିକ ଚିତ୍ରାବଳୀର ମହିମାନ୍ୱିତ ରୂପ ଅନ୍ତରାଳରେ ରହିଛି ତା'ର ଶୈଳୀଗତ ଅବବୋଧ। ପଟ୍ଟଚିତ୍ର ନିମନ୍ତେ ରଙ୍ଗ ପ୍ରସ୍ତୁତି ଓ ତା'ର ପ୍ରୟୋଗ ମଧ୍ୟ ଭିନ୍ନ ଏକ କଳାତ୍ମକ ଦିଗ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଟ୍ଟଚିତ୍ରର ମୁଖ୍ୟ ଉପଜୀବ୍ୟ। ତେଣୁ ଜଗନ୍ନାଥ ସଂସ୍କୃତି ସହିତ ପଟ୍ଟଚିତ୍ର ପରମ୍ପରା ଓତପ୍ରୋତ ଭାବରେ ଜଡ଼ିତ।

ଓଡ଼ିଆ ଜାତି ଭକ୍ତି ଭିତରେ ଏମିତି ଶକ୍ତି ଖଞ୍ଜି ଦେଇ ପାରେ ଯେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଅଟକାଇ ଦେଇ ପାରେ ସାଲବେଗ ଓ ବଳରାମ ଦାସଙ୍କ ପରି ଭକ୍ତଙ୍କ ଭାବ ବିହ୍ୱଳିତ ଆବେଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି କେଉଁ ସ୍ମରଣାତୀତ କାଳରୁ ଓଡ଼ିଆ ଜନଜୀବନରେ ପ୍ରବାହିତ ହୋଇଛି ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ। ଏହା ଯେତିକି ଭକ୍ତି ଭାବାପନ୍ନ, ସେତିକି କଳାତ୍ମକ ଚେତନାରେ ରସାଣିତ। ତେଣୁ ଓଡ଼ିଆ ଜାତି 'ଜଗନ୍ନାଥ କ୍ଷେତ୍ର'କୁ 'କ୍ଷେତ୍ର' ନକହି କହିଲା 'ଶ୍ରୀକ୍ଷେତ୍ର'। ମନ୍ଦିରକୁ କହିଲା 'ଶ୍ରୀମନ୍ଦିର'। ପ୍ରସାଦକୁ କହିଲା 'ମହାପ୍ରସାଦ'। ମହାପ୍ରଭୁଙ୍କ ମହାତ୍ମ୍ୟ ଓ ମହନୀୟତାକୁ ମର୍ମେ ମର୍ମେ ଅନୁଭବ କରିଥିବା ଓଡ଼ିଆ ଜାତିର ମଗଜରୁ ଉତୁରି ଆସିଲା ନୀଳକନ୍ଦର, ନିର୍ମାଲ୍ୟ, କୈବଲ୍ୟ କଣିକା, ଶରଧାବାଲି ଓ କଳ୍ପବଟ ଆଦି ସୁନ୍ଦର ଶବ୍ଦ।

କେବଳ ଆଧ୍ୟାତ୍ମିକ ଭାବ ଓ ଭାବନାରେ ନୁହେଁ, ନଦୀଠାରୁ ନକ୍ଷତ୍ର ଓ ଭୂମିଠାରୁ ଭୂଧର ଆଦି ପ୍ରତ୍ୟେକ କ୍ଷେତ୍ରରେ ଚୟନ କରିଛି କଳା ବିଭୂଷିତ ନାମ। ସର୍ଜନଶୀଳତାର ତୁଙ୍ଗିମା ଆରୋହଣ କରି ନଦୀକୁ କହିଲା ମହାନଦୀ ଓ ସମୁଦ୍ରକୁ କହିଲା ମହୋଦଧି। ନଦୀର ନାମ ଦେଲା ସୁବର୍ଣ୍ଣରେଖା, ସାଳନ୍ଦୀ, ତମସା, ଋଷିକୂଲ୍ୟା, ଚିତ୍ରୋତ୍ପଳା, ମହେନ୍ଦ୍ରତନୟା ଇତ୍ୟାଦି। ଉଭୟ ଗୁଣାତ୍ମକ ଓ କଳାତ୍ମକ ଦିଗକୁ ଦୃଷ୍ଟିରେ ରଖି ପାହାଡ଼ର ନାଆଁ ଦେଲା ମେଘାସନ, ସ୍ୱର୍ଣ୍ଣଚୂଡ଼, ଦେଓମାଳି, ମହେନ୍ଦ୍ରଗିରି, ମଣିକର୍ଣ୍ଣିକା, ଗୋନାସିକା ଓ ଗୋକର୍ଣ୍ଣିକା ଏବଂ ଏମିତି ଆହୁରି ଅନେକେ ସୁନ୍ଦର ନାମ। ଗ୍ରାମ ଓ ନଗର ନାମକରଣରେ ମଧ୍ୟ ବୋଳି ହୋଇଗଲା ସମ୍ଭ୍ରାନ୍ତୀୟ ଛାପ। ଜନପଦର ନାମ ଦେଲା ଅସ୍ତରଙ୍ଗ, ନିଶ୍ଚିନ୍ତକୋଇଲି, ମଧୁବନ, ଚନ୍ଦ୍ରାବାଲି, ଚାନ୍ଦବାଲି ଇତ୍ୟାଦି। କଳାତ୍ମକ ନାମ ଚୟନରେ ଓଡ଼ିଆ ଜାତି ଯେ ସବା ଆଗରେ ତା'ର ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛି ଓଡ଼ିଆ କାବ୍ୟର ନାନ୍ଦନିକ ନାମକରଣ। ଯେଉଁ ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ଭଳି କବି ସମ୍ରାଟ, ସଙ୍ଗୀତ ସମ୍ରାଟ ଓ ଶବ୍ଦ ସମ୍ରାଟ ଜନ୍ମ ନିଅନ୍ତି, ସେହି ଜାତି କେବଳ ତା'ର କାବ୍ୟର ନାମକରଣ କରିବାକୁ ଯାଇ ରଖିପାରେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରହସ୍ୟ ମଞ୍ଜରୀ, ଚନ୍ଦ୍ରଭାଗା, ହେମଶସ୍ୟ ଆଦି ନାମ।

ଅତୀତରେ ଓଡ଼ିଶା କେବେ କଳିଙ୍ଗ ତ କେବେ କଙ୍ଗୋଦ, କେବେ ଉଡ୍ର ତ କେବେ ଉତ୍କଳ ଓ ମହାକାନ୍ତାର ଆଦି ନାମରେ ପରିଚିତ ହୋଇଥିଲେ ମଧ୍ୟ ଶେଷରେ ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ମାନ୍ୟତା ପାଇଛି, ଯାହା ତା'ର ନାନ୍ଦନିକ ଦିଶା ଓ ଦର୍ଶନର ଦର୍ପଣ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ପ୍ଲାଷ୍ଟିକ ବିନା ଜୀବନ

ଡ. ବିଜୟ କେତନ ପଟ୍ଟନାୟକ

ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ପ୍ଲାଷ୍ଟିକ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ, ପ୍ରାକୃତିକ ପ୍ରକ୍ରିୟାରେ ଯାହାର ସଂପୂର୍ଣ୍ଣ ବିଘଟନ ନିମନ୍ତେ ୭୦୦ ରୁ ୧୦୦୦ ବର୍ଷ ଲାଗିଯାଏ। ସଂପୂର୍ଣ୍ଣ ବିଘଟନ ପୂର୍ବରୁ ନାନୋପ୍ଲାଷ୍ଟିକ୍ ବା ପ୍ଲାଷ୍ଟିକ୍ କଣିକା ରୂପରେ ଭିନ୍ନ ଭିନ୍ନ ମାଧ୍ୟମରେ ଏହା ଆମର ଖାଦ୍ୟଶୃଙ୍ଖଳରେ ମଧ୍ୟ ପହଞ୍ଚିଯାଏ। ହାଲ୍‌କା, ନମନୀୟ, ସୁଲଭ, ଦୀର୍ଘସ୍ଥାୟୀ, ଗନ୍ଧହୀନ, ସ୍ୱାଦହୀନ, ସ୍ୱଚ୍ଛ ଓ ବର୍ଷା ଜଳରେ ଭିଜି ଯାଉ ନଥିବା ହେତୁ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ଆଦୃତି ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକର ଉଦ୍ଭାବନ ୧୮୬୨ ମସିହାରୁ ହେଲାଣି। କିନ୍ତୁ ୧୯୯୦ ପରେ ହିଁ ପ୍ଲାଷ୍ଟିକ ପଲିଥିନ ମୁଣାର ବ୍ୟବହାର ଆମ ଦେଶ ଓ ରାଜ୍ୟର ସହର, ବଜାର, ଗାଁ ଗଣ୍ଡା ଚାରିଆଡ଼େ ବ୍ୟାପିଗଲା। ୧୯୯୦ ରେ ଆମ ଦେଶରେ ଯେତିକି ପରିମାଣରେ ପ୍ଲାଷ୍ଟିକ ପ୍ରସ୍ତୁତ ହେଉଥିଲା, ଏବେ ତା'ର ୨୦ ରୁ ୨୫ ଗୁଣ ଅଧିକ ଉତ୍ପାଦନ ଓ ବିକ୍ରୟ ହେଉଛି।

ଦେଖାଯାଇଛି ବର୍ଷ ବର୍ଷ ଧରି ବିଘଟନ ନ ହୋଇ ଦୃଶ୍ୟକଟୁ ଭାବେ ରାସ୍ତାକଡ଼ରେ ଗଦା ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରମୁଖ ଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ ଥରେମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ। ଏହାର ପରିମାଣ ମୋଟ ବର୍ଜ୍ୟର ୭୫ ପ୍ରତିଶତ। ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର କେତୋଟି ଛୋଟ ଉଦାହରଣ ଦିଆଯାଇପାରେ। ପ୍ରାତଃଭ୍ରମଣରେ ପ୍ଲାଷ୍ଟିକ କପରେ ଚା' ପିଇ କପକୁ ଫୋପାଡ଼ି ଦିଅ। ଅଥବା ଜଳଖିଆ ଖାଇ ପ୍ଲାଷ୍ଟିକ ପ୍ଲେଟ୍‌କୁ ଫିଙ୍ଗି ଦିଅ। ପ୍ରାତଃଭ୍ରମଣରୁ ଫେରିବା ସମୟରେ ଅନେକ ବରିଷ୍ଠ ନାଗରିକ ରାସ୍ତାକଡ଼ରେ ବସୁଥିବା ବେପାରୀମାନଙ୍କଠାରୁ କିଛି ବିଫା ଶାଗ, କଖାରୁ ଫୁଲ, ପନିପରିବା ଜରି ମୁଣାରେ ଧରି ଘରକୁ ଫେରନ୍ତି। ବେଳେ ବେଳେ ଠେଲା ଜଳଖିଆ ଗାଡ଼ିରୁ ଗରମ ବରା, ପିଆଜି, ମଟର ତରକାରୀ ଦୋକାନୀ ଦେଉଥିବା କଳାଜରିରେ ନେଇ ଆସନ୍ତି। କଳା ଜରିମୁଣାରେ ଗରମ ଖାଦ୍ୟ ଆଣିଲେ ସେଥିରେ ରଙ୍ଗରୁ ଉଦ୍‌ବୃତ ବିଷ ସଞ୍ଚରି ଯାଏ। ବଜାରକୁ ଗଲା ବେଳେ ସାଙ୍ଗରେ କ'ଣ କନା ବ୍ୟାଗଟିଏ ବା ଛୋଟ ଟିଫିନ କ୍ୟାରିୟରଟିଏ ନିଆଯାଇ ପାରନ୍ତନି!

ବରିଷ୍ଠ ନାଗରିକମାନେ ସେମାନଙ୍କର ପିଲାଦିନ ଓ ସ୍କୁଲ ଜୀବନ କଥା ମନେ ପକାଇଲେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବେ ଯେ ସେ ସମୟରେ ପ୍ଲାଷ୍ଟିକର ପ୍ରଚଳନ ଆଦୌ ନଥିଲା। ଗାଁ ଗହଳିରେ ଆମେ ମାନେ କଂସା ପିତ୍ତଳ ବାସନରେ ବା କଦଳୀ ପତ୍ରରେ ଖାଉଥିଲୁ। କାଚ ବା ପିତ୍ତଳ ଗ୍ଲାସରେ ପାଣି ପିଉଥିଲୁ। ମାଟି ହାଣ୍ଡିରେ ଭାତ, ଡାଲି ରାନ୍ଧୁଥିଲୁ। ଏବେ ବି ସେହି ପରମ୍ପରାକୁ ବଜାଇ ରଖି ପ୍ରଭୁ ଜଗନ୍ନାଥଙ୍କର ଅନ୍ନ, ବ୍ୟଞ୍ଜନ ମାଟି କୁଡୁଆରେ ପ୍ରସ୍ତୁତ କରାଯାଉଛି। ଭୋଜିଭାତରେ ଶାଳପତ୍ର କିମ୍ବା ଶିଆଳି ପତ୍ରରୁ ପ୍ରସ୍ତୁତ ଖଲିରେ ଖାଦ୍ୟ ପରଷି ଦିଆଯାଉଥିଲା। ମାଟି ସରାରେ କ୍ଷୀରି, ଦୋକାନରୁ ସଉଦାପତ୍ର, ପନିପରିବା କିମ୍ବା ମାଛ, ମାଂସ ଆଣିବାକୁ ଗଲା ବେଳେ ଆମେ ସାଙ୍ଗରେ ଝୋଟରୁ ପ୍ରସ୍ତୁତ ଅଖାବ୍ୟାଗ ବା କନାବ୍ୟାଗ ନେଇ ଯାଉଥିଲୁ। ଦୋକାନୀ କାଗଜ ଠୁଙ୍ଗାରେ ନଚେତ୍ ପୁରୁଣା ଖବର କାଗଜରେ ଗୁଡ଼ାଇ ତେଜେରାତି ସଉଦା ଦିଏ। ତେଲ ଆଣିବା ପାଇଁ ସାଙ୍ଗରେ କାଚ ବୋତଲଟିଏ ନେଉଥିଲୁ। ଦୋକାନୀ କାହାଳି ଓ ପଳାରେ ମାପି କରି ତେଲ ଦେଉଥିଲା। କିରୋସିନି ପାଇଁ ଟିଣଡବା। ସଞ୍ଜବେଳେ ସ୍ତ୍ରୀ ଲୋକମାନେ ପତ୍ର ଠୋଲାରେ ବିଲରୁ ଧରିଥିବା ଚୂନାମାଛ ଆଣି ବିକୁଥିଲେ। ଦିନରେ ଗଉଡୁଣୀ ମଧ୍ୟ ପତ୍ର ଠୋଲାରେ ଦହି ବିକୁଥିଲା କିମ୍ବା କାଚପାତ୍ରରେ ଅଜାଡ଼ି ଦେଉଥିଲା। କୂଅରୁ ପାଣି କାଢ଼ିବା ପାଇଁ କତାରୁ ପ୍ରସ୍ତୁତ ଦଉଡ଼ି ବ୍ୟବହାର ହେଉଥିଲା। ଯାନିଯାତ୍ରାରୁ ବା ମେଳଣ ପଡ଼ିଆରୁ ପିଲାମାନେ କାଠକଣ୍ଢେଇ କିମ୍ବା ମାଟି କଣ୍ଢେଇ କିଣୁଥିଲେ। ପଇସା ସଞ୍ଚିବା ନିମନ୍ତେ ମାଟିର ସରାଗାତ ଆଣୁଥିଲେ। ଦାନ୍ତ ଘସିଲାବେଳେ ନିମ, ମୁତୁରୀ ବା କରଞ୍ଜ ଗଛର ଦାନ୍ତ କାଠି ବ୍ୟବହାର କରଉଥିଲେ। ଶିଙ୍ଗ ପାନିଆରେ ମୁଣ୍ଡ କୁଣ୍ଡଉଥିଲେ। ଶୋଇବା ପାଇଁ ହେଂସ, ଖଜୁରୀ ପଟି ବା ସପ ମସିଣା ବ୍ୟବହାର କରୁଥିଲୁ। ତାଳପତ୍ର ବିଞ୍ଚଣାରେ ବିଞ୍ଚି ହେଉଥିଲୁ। ବିଛେଇ ଶୋଇବା ପାଇଁ ବୋଉ ଶାଢ଼ିକୁ ସିଲେଇ କରି କନ୍ଥା ତିଆରି କରୁଥିଲା। ସେହିପରି ପୁରୁଣା ପ୍ୟାଣ୍ଟକୁ କାଟି କନାବ୍ୟାଗ୍ ତିଆରି କରୁଥିଲା। ଖଡ଼ିକା ଝାଡୁ ବା ଫୁଲ ଝାଡୁରେ ଘର ଓଳା ଯାଉଥିଲା। କୁଲା, ବାଉଁଶିଆ, ଡାଲା ଗାଣ୍ଡୁଆ ଆଦି ବେତରାମାନେ ବାଉଁଶରୁ ପ୍ରସ୍ତୁତ କରି ବିକୁଥିଲେ। ଚମଡ଼ା ଚପଲ ପିନ୍ଧି ସ୍କୁଲକୁ ଯାଉଥିଲୁ। କଲମ, କାଳିରେ ଲେଖୁଥିଲୁ। ଖଟ, ପଲଙ୍କ, ଟେବୁଲ, ଚୌକି, ଆଲମିରା ଆଦି ଘରର ଆସବାବପତ୍ର କାଠରେ ନିର୍ମିତ ହେଉଥିଲା। ବାଉଁଶ ଓ ନଡ଼ାରେ ଘର ଛପର ହେଉଥିଲା। ସେ ସମୟର ପ୍ଲାଷ୍ଟିକ ବିନା ଜୀବନ ଚଳୁଥିଲା ନା ଅଚଳ ହୋଇ ପାଉଥିଲା। ଏବେ ସବୁ ବଦଳି ଗଲାଣି। ପ୍ଲାଷ୍ଟିକ ବ୍ରସ, ପ୍ଲାଷ୍ଟିକ ପାନିଆ, ପ୍ଲାଷ୍ଟିକ ଝାଡୁ, ପ୍ଲାଷ୍ଟିକ ଫର୍ଣ୍ଣିଚର, ପ୍ଲାଷ୍ଟିକ ଡବା, ଯୋତା, ଛତା, ଫୁଲ ସବୁକିଛି ପ୍ଲାଷ୍ଟିକ ପ୍ରସ୍ତୁତ ଏବଂ ସହଜରେ ଉପଲବ୍ଧ।

ପଲିଥିନ୍‌ର ଦୁର୍ଗୁଣ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଊଣାଅଧିକେ ଜଣା। କିନ୍ତୁ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତି ଓ ସୁସ୍ଥ ମାନସିକତାର। ଏଇ ଲୋକମାନେ ଯେତେବେଳେ ବିଦେଶ ଯା'ନ୍ତି, ସେଠାରେ ରାସ୍ତାଘାଟରେ ଅଳିଆ, ଆବର୍ଜନା ଫିଙ୍ଗନ୍ତି ନାହିଁ। କାରଣ ସେଠାରେ ଦଣ୍ଡବିଧାନର ବ୍ୟବସ୍ଥା ଅଛି। ଆମ ଦେଶରେ ପୁଲିସ୍ ଓ ଦଣ୍ଡବିଧାନ ଅଧିକାରୀଙ୍କୁ ଚକ୍କର ଦେଇ ଖସିଯିବା ବ୍ୟକ୍ତି ହିରୋ ହୋଇଯାଏ। ମୋ ମତରେ ଆମ ଲୋକମାନଙ୍କର ମାନସିକତାରେ ସୁଧାର ଆଣିବା ପାଇଁ ଦଣ୍ଡ ସହିତ ପୁରସ୍କାର ବା ପ୍ରୋତ୍ସାହନର ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ। ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ ଉତ୍ସ, ତା'କୁ କିପରି ନା କରାଯାଇ ପାରିବ, ସେଥିପାଇଁ ଚାରୋଟି 'ଆର' ଯଥା - (୧) କମ୍ ବ୍ୟବହାର ବା ହ୍ରାସକରଣ (ରେଡ୍ୟୁସ୍) (୨) ପୁନରୁଦ୍ଧାର (ରିକଭର) (୩) ପୁନଃ ଚକ୍ରୀକରଣ (ରିସାଇକଲ) ଏବଂ ପୁନଃବ୍ୟବହାର (ରିୟୁଜ୍) ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଶରୀରକୁ ବଜ୍ର କରନ୍ତି ମା' ବ୍ରଜେଶ୍ୱରୀ

ଓଜସ୍ୱିନୀ

ବିଶ୍ୱାସ ଓ ବିଜ୍ଞାନ

ବର୍ତ୍ତମାନ ଅନିୟମିତ ଖାଦ୍ୟ ପ୍ରଣାଳୀ, ଫାଷ୍ଟଫୁଡ୍ ଓ ମୃଦୁପାନୀୟର ଆଧିକ୍ୟ ଯୋଗୁଁ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଆଣ୍ଠୁଗଣ୍ଠି ସମସ୍ୟାରେ ପୀଡ଼ିତ। ଏହା ବ୍ୟତୀତ ବୟସାଧିକ୍ୟ କାରଣରୁ ବୟୋଜ୍ୟେଷ୍ଠଙ୍କଠାରେ ସ୍ୱାଭାବିକ ଭାବେ ଆଣ୍ଠୁଗଣ୍ଠି ସମସ୍ୟା ବା ବାତ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ପୀଡ଼ିତମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି। ବର୍ତ୍ତମାନର ଆଧୁନିକ ଚିକିତ୍ସା ପଦ୍ଧତିରେ ବେରିଏଟ୍ରିକ୍ ସର୍ଜରୀ ନାମକ ଏକ ପଦ୍ଧତିରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟାର ସମାଧାନ କରାଯାଉଛି। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏସବୁ ବିକାଶର ଧାରା ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ତା'ର ଶାରୀରିକ କଷ୍ଟ ଦୂର କରିବା ପାଇଁ ଭଗବତ୍ ଶକ୍ତି ଆଗରେ ଗୁହାରୀ କରି ଆସିଛି। ଏହି ଅତୁଟ ବିଶ୍ୱାସ ଦୈବୀକୃପାର ଚମତ୍କାରିତା ଭାବେ ମନୁଷ୍ୟକୁ କାଳେ କାଳେ ରୋଗମୁକ୍ତ କରିଛି ଏବଂ କରୁଥିବ ମଧ୍ୟ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଭୋଗୁଥିବା ଲୋକମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥା'ନ୍ତି।

ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ମାତା ବ୍ରଜେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି। ଏଠାରେ ସତୀଙ୍କର ବାମ ବକ୍ଷ ପତିତ ହୋଇଥିବାରୁ ଶକ୍ତିପୀଠ ଭାବେ ମାନ୍ୟତା ଲାଭ କରିଛି। ମା' ବ୍ରଜେଶ୍ୱରୀ ଏଠାରେ ଶକ୍ତିପିଣ୍ଡ ସ୍ୱରୂପରେ ପୂଜା ପାଉଛନ୍ତି। ଅଞ୍ଚଳର ନାମାନୁସାରେ ମା' ବ୍ରଜେଶ୍ୱରୀଙ୍କୁ କାଙ୍ଗଡ଼ା ଦେବୀ ବା ନଗରକୋଟ ଦେବୀ ବୋଲି ସମ୍ବୋଧନ କରାଯାଉଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ହୋଇ ଘୃତ ଓ ଲହୁଣୀ ଭୋଗ ହୋଇଥାଏ। ଏହାକୁ ଘୃତମଣ୍ଡଳ ପର୍ବ ବୋଲି ମଧ୍ୟ କୁହାଯାଏ। ବିଶ୍ୱାସ ରହିଛି ଯେ ମା'ଙ୍କର ଏହି ପ୍ରସାଦକୁ ଆଣ୍ଠୁଗଣ୍ଠିରେ ଲେପ ଦେବା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରେ। ତେଣୁ ପ୍ରତିବର୍ଷ ଏହି ବିଶେଷପର୍ବ ସମୟରେ ରୋଗୀମାନେ ମା'ଙ୍କ କୃପା ଲାଭ ପାଇଁ ଆସିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ, କାଙ୍ଗଡ଼ାରେ ଦୈତ୍ୟ ଜଳନ୍ଧରଙ୍କ ଦୁର୍ଗ ରହିଥିଲା। ଜଳନ୍ଧରଙ୍କ ପ୍ରକୋପରେ ତ୍ରୈଲୋକ୍ୟବାସୀ ତ୍ରାହି ତ୍ରାହି ଡାକିବା ପରେ ମା' ବ୍ରଜେଶ୍ୱରୀ ଏଠାରେ ବଜ୍ର ପ୍ରହାର ଦ୍ୱାରା ଦୈତ୍ୟକୁ ବଧ କରିଥିଲେ। ତେଣୁ ବଜ୍ରହସ୍ତା ମା'ଙ୍କ ନାମ ବ୍ରଜେଶ୍ୱରୀ ହୋଇଛି। ଜଳନ୍ଧର ସହିତ ଯୁଦ୍ଧ ପରେ ମା'ଙ୍କ ଅଙ୍ଗରେ ଅଧିକ କ୍ଷତ ହୋଇଥିଲା ଏବଂ ଶରୀର ପୀଡ଼ା ହେଉଥିଲା। ଶାରୀରିକ ପୀଡ଼ାରୁ ଦେବୀଙ୍କୁ ମୁକ୍ତି କରିବା ପାଇଁ ଏବଂ କ୍ଷତର ଶୀଘ୍ର ଉପଶମ ପାଇଁ ଦେବଦେବୀ ମା'ଙ୍କ ଶରୀରରେ ଘୃତ ଓ ଲହୁଣୀ ପ୍ରଲେପିତ କରିଥିଲେ।

ଏହି କିମ୍ବଦନ୍ତୀକୁ ଅନୁସରଣ କରି ବର୍ତ୍ତମାନ ମକର ସଂକ୍ରାନ୍ତିରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇ ୧୦୧ କେଜି ଘୃତକୁ ୧୦୧ ଥର ଶୀତଳ ଜଳରେ ଧୋଇବା ପରେ ଏକ ପ୍ରକାର ଲହୁଣୀ ପ୍ରସ୍ତୁତ କରି ମା'ଙ୍କ ପିଣ୍ଡି ଉପରେ ସମର୍ପଣ କରାଯାଏ। ଘୃତ ମଣ୍ଡଳ ପର୍ବ ଆରମ୍ଭ ହେବାର ପ୍ରାୟ ୧୦-୧୫ ଦିନ ପୂର୍ବରୁ ଭକ୍ତମାନେ ଲହୁଣୀ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇଯା'ନ୍ତି। ଘୃତରୁ ଲହୁଣୀ ପ୍ରସ୍ତୁତ କରିବା କାର୍ଯ୍ୟ ଶକ୍ତିପୀଠର ପୂଜାରୀ ଓ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଏ। ହିମାଚଳ ପ୍ରଦେଶର ଅତ୍ୟଧିକ ଥଣ୍ଡା ପରିବେଶରେ ଘୃତକୁ୧୦୧ ଥର ଥଣ୍ଡା ଜଳରେ ଧୋଇ ଲହୁଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ କଷ୍ଟକର ଥିଲେ ମଧ୍ୟ ମା'ଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ଘୃତମଣ୍ଡଳ ପର୍ବରେ ବ୍ରଜେଶ୍ୱରୀ ଶକ୍ତି ପିଣ୍ଡ ଉପରେ ଲହୁଣୀ ସମର୍ପଣ ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ମାତାଙ୍କୁ ୩୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଲହୁଣୀ ଅର୍ପଣ କରିବାର ରେକର୍ଡ଼ ଅଛି। ମା'ଙ୍କୁ ଲହୁଣୀ ସହିତ ବିଭିନ୍ନ ପ୍ରକାର ଫଳଫୁଲ ଓ ମେବାରେ ସଜ୍ଜିତ କରାଯାଏ। ଏହି ପର୍ବ ୭ ଦିନ ପର୍ଯ୍ୟନ୍ତ ଚାଲେ। ସପ୍ତମ ଦିନ ଶକ୍ତିପିଣ୍ଡ ଉପରୁ ଲହୁଣୀକୁ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୁଏ। ଏହାକୁ ମା'ଙ୍କ ପ୍ରସାଦ ଭାବେ ଭକ୍ତ ଓ ରୋଗୀଙ୍କୁ ଦିଆଯାଏ। ଏହି ପ୍ରସାଦର ପ୍ରଲେପ ଦ୍ୱାରା କିଛିଦିନ ମଧ୍ୟରେ ହିଁ ଆଣ୍ଠୁଗଣ୍ଠି ଦରଜ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ।

ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ମହିଷାସୁରକୁ ମାରିବା ପରେ ତାଙ୍କ ଶରୀରରେ ଥିବା କ୍ଷତର ଉପଶମ ପାଇଁ ନଗରକୋଟ ବା କାଙ୍ଗଡ଼ାଠାରେ ଲହୁଣୀ ଲେପନ କରିଥିଲେ। ତେଣୁ ଏଠାରେ ଶକ୍ତିପିଣ୍ଡ ବ୍ରଜେଶ୍ୱରୀଙ୍କୁ ଲହୁଣୀରେ ଆଚ୍ଛାଦନ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁତୁରାକୁ କୋଦାଳରେ ହାଣି ହତ୍ୟା

ଜଗତସିଂହପୁର, ୧୦।୭ (ସମିସ): ପାରିବାରିକ ଶତ୍ରୁତାରୁ ପୁତୁରାକୁ କୋଦାଳରେ ହାଣି ହତ୍ୟା । ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜାହାନପୁର ଗାଁରେ ଆଜି ସକାଳେ ଏହି ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ଗାଁର ସଞ୍ଜୟ ଦାସ । ସୂଚନା ମୁତାବକ, ଜାହାନପୁର ଗ୍ରାମର ଦୁର୍ଗାଚରଣ ଦାସ ଓ ତାଙ୍କ ସାନଭାଇ ସଞ୍ଜୟଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା । ଆଜି ସକାଳ ପ୍ରାୟ ୬ଟାରେ ଦୁର୍ଗା ଦାସଙ୍କ ପୁଅ ସୁମନ ଘର ପାଖ ନଳକୂପରେ ଗାଧୋଉଥିବା ସମୟରେ ହଠାତ ସଞ୍ଜୟ ସେଠାରେ ପହଞ୍ଚି ଏକ କୋଦାଳରେ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁମନଙ୍କୁ ନିକଟସ୍ଥ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମବାସୀ ସଞ୍ଜୟଙ୍କୁ କାବୁ କରି ମାଡ଼ ମାରିଥିଲେ । ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟଙ୍କୁ ଆହତ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇଛି । ସଞ୍ଜୟ ଜଣେ ମାନସିକ ରୋଗୀ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି ।

### ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ମାମଲା

## ପୂର୍ଣ୍ଣାଙ୍ଗ ଶୁଣାଣି ୨୮ରେ

କଟକ, ୧୦।୭ (ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ ସପକ୍ଷରେ ଜଣିକିଆ ବିଚାରପତିଙ୍କ ଗତ ୨୦୨୪, ଜାନୁଆରି ୧୨ ରାୟକୁ ବିରୋଧ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ । ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ବେଳେ ଯୁକ୍ତି ଉପସ୍ଥାପନ ଅସମ୍ପୂର୍ଣ୍ଣ ରହିଥିବା ଜଣାପଡ଼ିଛି । ମାମଲାର ଶୁଣାଣି ସମୟରେ ପ୍ରତିପକ୍ଷ ତଥା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ ପରବର୍ତ୍ତୀ ଶୁଣାଣି ବେଳେ ଆଡଭୋକେଟ୍ ଜେନେରାଲ ଯୁକ୍ତି ରଖିବେ । ଜୁଲାଇ ୨୮ରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି । ମାମଲାରୁ ପ୍ରକାଶ, ବ୍ଲକ୍ ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ଗତ ୨୦୧୫ରେ ରାୟ ପ୍ରଦାନ କରିଥିଲେ ହାଇକୋର୍ଟ ।

### ପ୍ରତିପକ୍ଷ କର୍ମଚାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ କାଏମ ରଖିଥିଲେ । ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପରଦିନଠାରୁ ପ୍ରଦାନ କରାଯାଉ ବୋଲି ଦର୍ଶାଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନେ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ । କିନ୍ତୁ ସରକାର ସେମାନଙ୍କ ଦରଖାସ୍ତ ଖାରଜ କରିବା ପରେ ଅବସରପ୍ରାପ୍ତ କର୍ମଚାରୀମାନେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ସରକାର ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟଙ୍କ ଜଣିକିଆ ବିଚାରପତି ରଦ୍ଦ କରିବା ସହ ତିନି ମାସ ଭିତରେ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ୨୦୨୪ ଜାନୁଆରି ୧୨ର ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଛନ୍ତି । ସରକାରଙ୍କ ପକ୍ଷରୁ ଏଜିଏ ସତ୍ୟବ୍ରତ ମହାନ୍ତି, ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି ।

## ୬୦୪କୁ ଖସିଲା ହୀରାକୁଦ ଜଳସ୍ତର

ସମ୍ବଲପୁର,୧୦।୭ (ସମିସ): ବନ୍ୟାଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ଖସିବାରେ ଲାଗିଛି । ଗୁରୁବାର ଜଳସ୍ତର ୬୦୪.୮୯ ଫୁଟ୍‌ରେ ପହଞ୍ଚିଥିବା ବେଳେ ଏବେ ବି ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ । ଗତ ୬ ତାରିଖ ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିବାରୁ ସେଦିନ ପୂର୍ବାହ୍ନ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା । ପ୍ରଥମେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିବା ବେଳେ ପରେ ୪ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି । ବର୍ତ୍ତମାନ ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସିତ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଓଡ଼ିଶା ଆସୁଛନ୍ତି...

ରାହୁଲଙ୍କ ଗସ୍ତ ପୂର୍ବରୁ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ପ୍ରସ୍ତୁତି ପର୍ଯ୍ୟାୟର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଡିସିପି ମଧ୍ୟ ସଭାସ୍ଥଳ ବୁଲି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହ କାର୍‌କେଡ୍ ରିହରସେଲ୍ କରିଛନ୍ତି ।

### ସଂଘ ଅଟଳ...

ଅନ୍ୟପକ୍ଷରେ ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଉଦ୍ୟମ କରାଯାଉ ନ ଥିବା ଅଭିଯୋଗ ହେଉଛି । ଡ୍ରାଇଭର ସଂଘ ସହ କୌଣସି ପ୍ରକାର ଆଲୋଚନା କରା ନ ଯିବା ଓ ସରକାରୀ ଭାବେ ଆନ୍ଦୋଳନରତ ଡ୍ରାଇଭରମାନଙ୍କ ପାଖକୁ କୌଣସି ପ୍ରତିନିଧି ଦଳ ନ ଯାଉଥିବାରୁ ଆନ୍ଦୋଳନ କେବେ ଶେଷ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଆନ୍ଦୋଳନର ପ୍ରଥମ ଦିନ ଅର୍ଥାତ ୮ ତାରିଖ ରାତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଡ୍ରାଇଭର ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହା କେବେ ପୂରଣ ହେବ ତାହା ଡ୍ରାଇଭରମାନଙ୍କୁ ସୁନିଶ୍ଚିତ କରାଇବାରେ ମନ୍ତ୍ରୀ ବିଫଳ ହୋଇଥିଲେ । ଡ୍ରାଇଭର ମହାସଂଘ ସେମାନଙ୍କ ଦାବି ପୂରଣ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା କିମ୍ବା ଲିଖିତ ପ୍ରତିଶ୍ରୁତି ଦାବିରେ ଅଟଳ ରହିଛି । ୩ ଦିନ ହେବ ଡ୍ରାଇଭରମାନେ ରାଜରାସ୍ତାରେ ବସିଛନ୍ତି । ଏସବୁ ସତ୍ତ୍ୱେ ସରକାର କାହିଁକି ଏହି ପ୍ରସଙ୍ଗରେ ଉଦାସୀନ ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟପଟେ ଖୋଦ୍ ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ବିଶେଷ ତତ୍‌ପରତା ଦେଖାଉ ନ ଥିବା ପରିଲକ୍ଷିତ ହୋଇଛି । ସାରା ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୂଚନା ମିଳିଛି । ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଗୋଟିଏ ପଟେ ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ସାଧାରଣ ପରିବହନ ସେବା ଠପ୍ ହୋଇ ଯାଇଛି । ଯେଉଁ କେତେକ ସ୍ଥାନରେ ସରକାରୀ ବସ୍ ଗଡୁଛି, ତାକୁ ମଧ୍ୟ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ଅନେକ ସ୍ଥାନରେ ଡ୍ରାଇଭର ଡ୍ରାଇଭରମାନଙ୍କ ମଧ୍ୟରେ ଯୁକ୍ତି ତର୍କ ସ୍ଥିତି ସୃଷ୍ଟି ହେଉଥିବାକୁ ଆଗକୁ ଏହା ବଡ଼ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି । କିଛି କିଛି ସ୍ଥାନରେ ଡ୍ରାଇଭର ସଂଘର ଆକ୍ରମଣାତ୍ମକ ପନ୍ଥା ଗ୍ରହଣ କରୁଥିବା ନେଇ ମଧ୍ୟ ସ୍ଥିତି ସୃଷ୍ଟି ହୋଇଛି । ଏଭଳି ଅଭିଯୋଗମାନ ବଢୁଥିବାରୁ ରାଜ୍ୟରେ ଆଗକୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖା ଦେଇଛି ।

### ତେଲ ପରେ...

ଯୋଗୁଁ ରନ୍ଧନ ଗ୍ୟାସ ଅଭାବ ଦେଖାଦେଇଛି । ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ରାଜ୍ୟର ଭୁବନେଶ୍ୱର, କଟକ,ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଏବଂ ସମ୍ବଲପୁର ଭଳି ବଡ ସହରଗୁଡିକରେ ପେଟ୍ରୋଲ ଓ ଡିଜେଲର ଘୋର ସଙ୍କଟ ଦେଖାଦେଇଛି । ରାଜ୍ୟରେ ଦୁଇ ଦିନ ପାଇଁ ରହୁଥିବା ତେଲ ଷ୍ଟକ୍ ଏବେ ଶେଷ ହେବା ସ୍ଥିତିରେ ପହଞ୍ଚିଛି । ପାରାଦୀପ ଏବଂ ଜଟଣୀ ଡିପୋର ଟ୍ୟାଙ୍କର ଆସୁଥିଲେ ମଧ୍ୟ ତାହା ଟାଙ୍କିକୁ ଯିବାକୁ ଦିଆଯାଉ ନାହିଁ । ଭାରତ ଗ୍ୟାସ୍‌ର ଫିଲ୍ଡ ଅଫିସର ଅମିତ୍ କୁମାରଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଆରମ୍ଭ ହେବାଠାରୁ ତିନି ଦିନ ହେବ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି । ଭାରତ ଗ୍ୟାସ୍‌ର ଅନ୍ୟତମ ଡିଲର ବର୍ଷା ଏଣ୍ଟରପ୍ରାଇଜେସ୍‌ର କର୍ତ୍ତୃପକ୍ଷ ଅବିନାଶ ମହାନନ୍ଦଙ୍କ କହିଛନ୍ତି ଯେ ଯୋଗାଣ ବନ୍ଦ ଥିବାରୁ ଆମ ପାଖରେ ବର୍ତ୍ତମାନ ସିଲିଣ୍ଡର ଷ୍ଟକ ନାହିଁ, ଯାହା ଫଳରେ ଆମେ ଗ୍ରାହକଙ୍କୁ ଗ୍ୟାସ୍ ଡେଲିଭରୀ କରିପାରୁନାହୁଁ ।

ଅପରପକ୍ଷେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଆଜି ପାରାଦୀପ ସମେତ ବିଭିନ୍ନ ତୈଳ ଡିପୋରୁ ପ୍ରାୟ ୫୦୦ ତେଲ ଟ୍ୟାଙ୍କର ଲୋଡ୍ ହୋଇ ଗନ୍ତବ୍ୟ ସ୍ଥଳଗୁଡିକୁ ଯାଇଛି । କଟକ, ଭୁବନେଶ୍ୱର ଏବଂ ପୁରୀରେ ଏହା ଆଜି ରାତି ଓଅନ୍ୟ ଅଞ୍ଚଳଗୁଡିକରେ ଆସନ୍ତା କାଲି ସୁଦ୍ଧା ପହଞ୍ଚିଯିବ । ଯେଉଁଠାରେ ସମସ୍ୟା ହେଉଛି ସେଠାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସରଙ୍କ ସହାୟତାରେ ଗାଡି ପାସ୍ କରାଯାଉଛି । ଏଥିରେ ବର୍ତ୍ତମାନର ସ୍ଥିତି ନିୟନ୍ତ୍ରଣ ହୋଇଯିବ, ହେଲେ ତା ପରେ କ'ଣ ହେବେ କହିହେବ ନାହିଁ ବୋଲି ସେ କହିଛନ୍ତି ।

### ବିହାର ନିର୍ବାଚନ...

ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି । ବିହାର ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଏଭଳି ପ୍ରକ୍ରିୟା ଆରମ୍ଭ କରିବା ପାଇଁ କମିସନଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ ବେଞ୍ଚ । ବେଞ୍ଚ କହିଥିଲେ ଯେ ବିହାରରେ ଯଦି ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାର ଥିଲା, ତାହାହେଲେ ଯଥେଷ୍ଟ ପୂର୍ବରୁ ଆରମ୍ଭ କରାଯିବାର ଥିଲା । କମିସନ ବହୁତ ବିଳମ୍ବରେ ଆରମ୍ଭ କରିଛନ୍ତି । ଯେଉଁମାନଙ୍କର ନାମ ତାଲିକାରୁ ବାଦ୍ ପଡ଼ିଯିବ, ସେମାନଙ୍କର ଆପତ୍ତି ଶୁଣିବାକୁ ସମୟ ରହିବ ନାହିଁ । ନିର୍ବାଚନ ଉପରେ ଏହା ଗଭୀର ପ୍ରଭାବ ପକାଇବ । ଏହି ସମୟରେ କମିସନରଙ୍କର ଆଡଭୋକେଟ୍ ଆଶ୍ୱାସନା ଦେଇ କହିଥିଲେ ।ଯେ ତାଲିକାରୁ ନାମ କାଟିବା ପୂର୍ବରୁ ଭୋଟରଙ୍କୁ ସେମାନଙ୍କର ପକ୍ଷ ରଖିବା ଲାଗି ସୁଯୋଗ ଦିଆଯିବ ।

ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ପ୍ରକ୍ରିୟାରୁ ଆଧାର କାର୍ଡକୁ ଅଲଗା କରିବାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାକୁ ପ୍ରମାଣ ପାଇଁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରି କୋର୍ଟ କହିଥିଲେ ଯେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି । ନିର୍ବାଚନ କମିସନ ଏହା ଉପରେ ନିଷ୍ପତ୍ତି ନେଇପାରିବ ନାହିଁ । କୋର୍ଟ କହିଲେ ଯେ ଭାରତର ନାଗରିକ କିଏ? ତାହା ଉପରେ କେବଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ହିଁ ବିଚାର କରିପାରିବ । ଯେଉଁମାନେ ଭାରତର ନାଗରିକ ନୁହନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ କେବଳ ସ୍ୱରାଷ୍ଟ୍ର ବିଭାଗ ହିଁ କାଟିପାରିବ । ଏହି କ୍ଷମତା ନିର୍ବାଚନ କମିସନକୁ ଦିଆଯାଇ ନାହିଁ । ତେଣୁ ଭୋଟର ତାଲିକାରୁ କମିସନ ସେମାନଙ୍କର ନାମ କାଟିପାରିବ ନାହିଁ । ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣ ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ପରାମର୍ଶ ଦେଇଥିଲେ କୋର୍ଟ ।

ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନଙ୍କୁ ତିନିଟି ପ୍ରଶ୍ନ ପଚାରିବା ସହିତ ଏହାର ଉତ୍ତର ଦେବାକୁ କହିଛନ୍ତି । କୋର୍ଟ କହିଥିଲେ ଯେ ଲୋକ ପ୍ରତିନିଧି ଆଇନରେ ସମରି ରିଭିଜନ ଏବଂ ସ୍ପେଶାଲ ରିଭିଜନର ବ୍ୟବସ୍ଥା ରହିଛି । ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍ ବ୍ୟବସ୍ଥା କେଉଁଠୁ ଆସିଲା ଏବଂ କମିସନଙ୍କ ଏହି କ୍ଷମତା ଦେଲା କିଏ? ଏହାକୁ ବିହାର ନିର୍ବାଚନ ସହିତ କାହିଁକି ଯୋଡ଼ାଯାଇଛି? ବିହାର ନିର୍ବାଚନ ନଭେମ୍ବର ମାସରେ ହେବାକୁ ଯାଉଥିବା ବେଳେ ଏହାର ଖୁବ କମ୍ ସମୟ ପୂର୍ବରୁ ଏହି ପ୍ରକ୍ରିୟା କାହିଁକି ଆରମ୍ଭ କରାଯାଇଛି? କୋର୍ଟ କହିଲେ ଯେ ଥରେ ଭୋଟର ତାଲିକା ପ୍ରସ୍ତୁତ ହୋଇଗଲେ ଏଥିରେ କୋର୍ଟ ଆଉ ହସ୍ତକ୍ଷେପ କରିପାରିବେ ନାହିଁ । କିନ୍ତୁ ଚୂଡ଼ାନ୍ତ ତାଲିକାରୁ ନାମ କଟିଲେ ନାଗରିକ ସେମାନଙ୍କର ଆପତ୍ତି ଜଣାଇବାକୁ ସମୟ ପାଇବେ ନାହିଁ । ଏତେ କମ୍ ସମୟ କାହିଁକି ରଖାଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

### ଦୁର୍ଘଟଣାରେ ଗଲା...

ଘଟିଥିଲା ବେଳେ ଦଉ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ଦଉଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଖବର ପାଇ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ତହସିଲଦାର ଅଶୋକ ପଟ୍ଟନାୟକ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ ।

ଅନ୍ୟପକ୍ଷରେ ଗୋଟିଏ ଗାଡ଼ିରେ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବାରୁ ଏହାକୁ ନେଇ ସଂପର୍କୀୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଏପରି କରି ହସ୍ପିଟାଲ କର୍ତ୍ତୃପକ୍ଷ ଶବକୁ ଅସମ୍ମାନ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ସେହିପରି ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ପେଟ୍ରୋଲ ପମ୍ପ ନିକଟ ୫୫ନଂ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି । ମୃତକଦ୍ୱୟ ହେଲେ, ସଦର ଥାନା ତୁମ୍ବା ଅଣ୍ଡେଇସାହି ଗ୍ରାମର ଦୀପକ ମହାନ୍ତି ଓ ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ ।

ଦୀପକ ଓ ପ୍ରଭାସ ବାଇକ୍‌ରେ ଯାଉଥିବା ବେଳେ ଜଗତସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା । ଭ୍ୟାନ୍‌ଟି ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଏଥିରେ ଦୁହେଁ ଗୁରୁତର ଆହତ ହୋଇଥିଲେ । ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ । ବିରିଡି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି । ଦୁର୍ଘଟଣାଗ୍ରସ୍ତ ପିକଅପ୍ ଓ ବାଇକ୍‌କୁ ପୁଲିସ୍ ଜବତ କରିଛି ।

### ୧୩ରୁ ବଢ଼ିବ...

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବର୍ଷା କମିଯାଇଛି । କାଁଭାଁ ସ୍ଥାନକୁ ଛାଡ଼ି ଉପକୂଳରେ ୭ ତାରିଖରୁ ପ୍ରାୟ ବର୍ଷା ନାହିଁ । ଆସନ୍ତା ୨ଦିନ ରାଜ୍ୟରେ କାଁଭାଁ ସ୍ୱଳ୍ପ ବର୍ଷା ହେବ । ତେବେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହୋଇ ଉତ୍ତର ସୀମାନ୍ତବର୍ତ୍ତୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକରେ ଅପେକ୍ଷାକୃତ ଅଧିକ ବର୍ଷା କରାଇବ । ୧୩ ଓ ୧୪ ତାରିଖରେ ରାଜ୍ୟରେ ମଧ୍ୟମଧରଣର ଏବଂ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ୧୫ରୁ ବର୍ଷା କ୍ରମଶଃ କମିବ । ପୁଣି ୨୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଫଳରେ ବର୍ଷା ପରିମାଣ ବଢ଼ିପାରେ । ଆଜିଠାରୁ ୨୨ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବଜ୍ରପାତର ସମ୍ଭାବନା ଅଧିକ ରହିଛି । ଆସନ୍ତା ୨୨ ପର୍ଯ୍ୟନ୍ତ ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡିରେ ଯାହା ବର୍ଷା ହେବ, ତାହା କୃଷି ପାଇଁ କମିବ ନାହିଁ । ତେବେ ଅନ୍ୟାନ୍ୟ ସ୍ଥାନରେ ବିଶେଷକରି ଦକ୍ଷିଣ ଉପକୂଳରେ ବର୍ଷା ଚାଷ ପାଇଁ ନିଅଁଟିଆ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି ।

ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ବନ୍ୟାଜଳ ମହାନଦୀରେ ପ୍ରବାହିତ ହେଉଛି । ଗୁରୁବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀଠାରେ ୩ଲକ୍ଷ ୭୮ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

### କୋଟିଏ ଟଙ୍କାର...

ଓ ସଞ୍ଜୟ ପଟେଲ(୫୧) । ଜିଏସ୍‌ଟି ଫାଙ୍କି ଏହି ରୁପା ମହାରାଷ୍ଟ୍ରରୁ ରାଞ୍ଚି ଚାଲାଣ ହେଉଥିଲା ବୋଲି କୁହାଯାଉଛି । ଅଧିକ ତଦନ୍ତ ଲାଗି ମାମଲାକୁ ଜିଲ୍ଲା ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ସମ୍ବଲପୁର ଅବକାରୀ ଥାନା ଅଧିକାରୀ କହିଛନ୍ତି । ସମସ୍ତ ରୁପା ଜିନିଷ ଟ୍ରେଜେରିରେ ରଖାଯାଇଛି । ତଦନ୍ତ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସମସ୍ତ ଘଟଣା ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି ।

ସୂଚନାନୁସାରେ, ଏକ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ତେଣୁ ବିଭାଗ ପକ୍ଷରୁ ଝୁରିପଡ଼ା ଛକ ନିକଟରେ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରାଯାଉଥିଲା । ଏହି ସମୟରେ ଏକ ଧଳା ରଙ୍ଗର ସ୍କର୍ପିଓକୁ ଅଧିକାରୀମାନେ ତାକୁ ଅଟକାଇ ତନ୍ନତନ୍ନ ଯାଞ୍ଚ କରିଥିଲେ । ବହୁ ଚେଷ୍ଟା ପରେ ବି ଗାଡ଼ିରେ ଗଞ୍ଜେଇର ବିନ୍ଦୁବିସର୍ଗ ପାଇନଥିଲେ । କିନ୍ତୁ ପଛସିଟ୍‌ର ଗୁପ୍ତ ଚାମ୍ବର ଖୋଲିବାରୁ ସେଥିରେ ବିପୁଳ ରୁପା ସାମଗ୍ରୀ ଦେଖି ଅବକାରୀ ଅଧିକାରୀମାନେ ଜକକା ହୋଇଯାଇଥିଲେ । ସେଥିରେ ବିଭିନ୍ନ ଆକାରର ରୁପା ବିସ୍କୁଟ, ରୁପା କଏନ୍ ରହିଥିଲା ।

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 16/06/2025 I Sri Kamulu Khemundu, S/o- Sama Khemundu, Village- Bhitarchenda, Post- Peta, Ps.- Nandapur, Dist.- KORAPUT declare that I have changed my daughters name from **Parbati Khemundu** to **Basanti Khemundu**. Henceforth, My Daughters shall be known as **Basanti Khemundu** for all purpose.

Sd/- Kamulu Khemundu

**AFFIDAVIT**

By virtue of an affidavit before the Executive Magistrate, Padampur, I, Dhruba Raut, S/o- Karttik Raut, resident of At- Jhankarpali, Po.- Rajborasambar, Dist.- Bargarh, Pin- 768036, Odisha vide affidavit no. 03 dated 27.2.2025 state that, I have changed the name of my minor daughter from **Neha Raut** to **Baishnabi Raut**. Henceforth she will be known as **Baishnabi Raut** for all purposes.

**AFFIDAVIT**

I, Krian Pal, aged about 57 years, W/o- Gobinda Pal, resident of At- Balikbad, Po- Bajitpur, Ps- Marine Talsari, Dist- Balasore, Odisha, PIN- 756085 declare by this affidavit No.1341, dtd. 07/07/2025, that now onwards I shall be known as **CHHABI RANI PAL** for all future purposes.

**IN THE COURT OF THE SENIOR CIVIL JUDGE**
**Bissam Cuttack, District: Rayagada, Odisha**
Civil Suit No. 12 of 2023 & I.A. No. 01 of 2023

**Sri Arabinda Ranasingh** — Plaintiff/Petitioner

Vs.

**Smt. Aruna Sahu & 14 Others** — Defendants/Respondents

**NOTICE**
**(Under Order V, Rule-20 of C.P.C.)**

To,
**1.Sri Bhrusaketu Sahoo,** aged about 34 years, S/o Late Kamadeba Sahoo, Caste: Sundhi, Resident of Muniguda, P.O. & P.S.: Muniguda, Dist.: Rayagada, Odisha.
**2. Tupilal Sahoo,** aged about 72 years, S/o Late Damburdhar Sahu, Caste: Sundhi, resident of Boxi Siripur, P.O.: Hata Muniguda, P.S.: Muniguda, Dist.: Rayagada, Odisha.
**3. Baidahi Sahu,** aged about 62 years, W/o Tupilal Sahu, Caste: Sundhi, resident of Muniguda, P.O. & P.S.: Muniguda, Dist.: Rayagada, Odisha.
**4. Smt. Nirupama Mohanty,** aged about 30 years, W/o Debasis Panda, Resident of New Colony, Rayagada, Rayagada, P.O. & P.S.: Rayagada, Odisha - 765001.

**Defendants Nos: 4, 5, 6 & 14 / Respondent Nos. 4, 5, 6 & 14**

Take notice that the above-named Plaintiff/Petitioner instituted a **Civil Suit No. 12 of 2023 along with I.A. No. 1 of 2023 before the Hon'ble Court of SENIOR CIVIL JUDGE, BISSAM CUTTACK**. It is further informed that service of summons could not be effected upon **Defendants / Respondents Nos. 4, 5, 6, and 14** as you all are keeping out of the way to avoiding service. Hence this notice is issued through publication.

You all are hereby directed to appear in this Hon'ble Court in person or through a pleader on the **11th day of August, 2025 at 10:30 A.M./P.M.** to answer the claims made against you. Failing which, the aforesaid Civil Suit & I.A. will be heard and determined in your absence and without any further notice to you.

Given under my hand and seal of this Court on this 4th day of July, 2025.

**Sd/-Senior Civil Judge,**
**Bissam Cuttack**
**Dist.: Rayagada, Odisha**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 01/07/2025 I Sri Subarao Mallick S/o Jayasen Mallick, Village- Khilua, Post- Hikimput, PS - Nandapur, Dist.- Koraput declare that I have changed my name from **Subas Mallick** to **Subarao Mallick**. Henceforth, I shall be known as **Subarao Mallick** for all purpose.

Sd/- Subarao Mallick

**NOTICE (for Minor)**

By virtue of an affidavit sworn before Executive Magistrate, Bhubaneswar dated 10.03.2025, I Kanaklata Patra, at- Haladia, Jhadeswarpur, Mahanga, Po.- Haladia, Ps.- Jhadeswarpur, Cuttack, Dist.- Cuttack, Odisha, Pin- 754207 declare that I have changed the name of my son from **Tanmay Kumar Mohapatra** to **Tanmaya Kumar Patra**. Henceforth, he shall be known as **Tanmaya Kumar Patra** for all purposes.

**AFFIDAVIT**

I, Narayanasinthi Deenabandhu Choudhury, aged about 67 years, S/o- Narayansinti Laxman Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1302, dtd- 09/07/2025 that now onwards I shall be known as **N DINABANDHU CHOUDHURY** for all future purposes.

**AFFIDAVIT**

I, Jhuli Majhi, aged about 50 years, W/o-Kauri Majhi, resident of At/Po- Bijayanagar, Ps- Mahakalpada, Dist- Kendrapara, PIN- 754224, Odisha declared by this affidavit No- 552, dtd- 09/07/2025 that now onwards I shall be known as **SHANTILATA MAJHI** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 10/07/2025 I, Sri Kusuma Sisa D/o- Sitaram Sisa, Village- Hatibari, Post- Hatibari, PS- Padua, Dist.- Koraput declare that, I have changed my name from **Krushana Sisa** to **Kusuma Sisa**. Henceforth, I shall be known as **Kusuma Sisa** for all purpose.

Sd/- Kusuma Sisa

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 01/07/2025 I, Sri J D Samuel, S/o- Bhisma Pani, Village - Nauda, Post- Regeda, PS.- Puttasing, Dist.- Rayagada declare that, I have changed my name from **Samuel Pani** to **J D Samuel Pani**. Henceforth, I shall be known as **J D Samuel Pani** for all purpose.

Sd/- J D Samuel Pani

**AFFIDAVIT**

I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYAN CHOUDHURY** for all future purposes.

**AFFIDAVIT**

I, Musatakin Shaikh, aged about 37 years, S/o- Sk Muntaj, resident of At/Po-Neulpur, Dharmasala, Dist- Jajpur, PIN- 755024, Odisha declared by this affidavit No- 550, dtd- 09/07/2025 that now onwards I shall be known as **SK MUSATAKIN** for all future purposes.

**AFFIDAVIT**

I, Ranjita Behera, W/o- Jajnabarah Mohanty, resident of At- Qtr No- VR/28, UNIT-6, PO- GPO Post Office, PS- Capital, Tehsil- Bhubaneswar, Dist- Khurda, PIN-751001, Odisha, declare by this affidavit No. 66, dated- 14/05/2025 that now onwards I shall be known as **RANJITA MOHANTY** for all future purposes.

**AFFIDAVIT**

I, Sibasis Biswal, S/o- Babunath Biswal, resident of Plot No- 137, Suryanagar, Unit-7, Bhubaneswar, PO/PS- Capital, P.S, Dist- Khurda, Pin-751003, Odisha declare by this affidavit No- 76AA900997, dtd- 09/07/2025 that now onwards I shall be known as **SIBASISH BISWAL** for all future purposes.


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ଛତିଶଗଡ
ଛତିଶଗଡ ଆଇ ହସ୍ପିଟାଲ କ୍ୟାମ୍ପସ, ୧ମ ମହଲା, ତେଲିବନ୍ଧା, ରାୟପୁର (ସି.ଜି.)-୪୯୨୦୦୬

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବୈଲାଡିଲା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ବୈଲାଡିଲା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକ ଏବଂ **ସହ-ଋଣଗ୍ରହୀତା: ଶ୍ରୀମତୀ ଇନ୍ଦୁ ନାୟକ,** ସ୍ୱାମୀ: ଶ୍ରୀ ମଦନ ନାୟକ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୬୬୬/୪୨୭୨, ଗ୍ରାମ: ଶଶାହାଣ୍ଡି, ତହସିଲ: କୋଟପାଡ, ପୋ.: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା-୭୬୪୦୫୬ | ୨୮.୦୨.୨୦୨୫ ସୁଦ୍ଧା ଟ.୫,୯୨,୬୧୩.୪୫ + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୧୩.୦୩.୨୦୨୫ / ୦୫.୦୭.୨୦୨୫ | **ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶଶାହାଣ୍ଡି, ଥାନା: କୋଟପାଡ, ପରିମିତ କ୍ଷେତ୍ର: ୨୧୬୦ ବର୍ଗଫୁଟ, ଖାତା ନଂ.: ୮୮୯/୨୪୩, ପ୍ଲଟ୍ ନଂ.: ୬୬୬/୪୨୭୨, ବୁକ୍ ନଂ. ୧, ଭଲ୍ୟୁମ୍ ନଂ.: ୨୭୮, ପୃଷ୍ଠା ନଂ. ୭୩ରୁ ୭୬, ପଞ୍ଜିକୃତ ତାରିଖ: ୧୩.୦୧.୧୯୯୮, ସବ୍ ରେଜିଷ୍ଟ୍ରାର ଅଫିସ୍: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁନାଧର ପୂଜାରୀ ଏବଂ ବଳରାମ ପୂଜାରୀଙ୍କ ଜମି, ପୂର୍ବ: ପ୍ଲଟ୍ ନ.: ୬୬୬ର ଅବଶିଷ୍ଟ ଜମି, ପଶ୍ଚିମ: ସୁନାଧର ପୂଜାରୀଙ୍କ ଘର |

**ସ୍ଥାନ: ଛତିଶଗଡ, ତାରିଖ : ୧୦.୦୭.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

**କାର୍ଯ୍ୟର ନାମ :** 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ।

**ଆନୁମାନିକ ମୂଲ୍ୟ :** ₹ 6,54,05,542.06, **EMD :** ₹ 4,77,000/-, ଶେଷ ହେବା ଅବଧି: 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2025ରିଖ 1530 ଘଣ୍ଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-343/Q/25-26

## ଡୋକାରୀଜୋର ପଡ଼ାକୁ ରାସ୍ତା ନାହିଁ

# ପ୍ରତିଶ୍ରୁତିରେ ବିତୁଛି ବର୍ଷ ପରେ ବର୍ଷ






**ଜୟପାଟଣା, ୧୦।୭ (ସମିସ)**

ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଡୋକରିଜୋର ପଡ଼ାବାସୀ ଦୀର୍ଘ ବର୍ଷ ହେଲା ରାସ୍ତା ପାଇଁ ସଂଘର୍ଷ କରୁଛନ୍ତି। ମଙ୍ଗଳପୁର ଗାଁରୁ ଦେଢ଼ କିମି ଡୋକରିପଡ଼ା ରାସ୍ତାରେ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅ ମୂଳରୁ ଶେଷ ପର୍ଯ୍ୟନ୍ତ ରାସ୍ତା ସାରା କାଦୁଅରେ ଭର୍ତ୍ତି। ଏହାଫଳରେ ପଡ଼ାରେ ବସବାସ କରୁଥିବା ୩୫ ଇନ୍ଦ୍ରାବତୀ ବିସ୍ଥାପିତ ପରିବାର ହନ୍ତସନ୍ତ ହେଉଛନ୍ତି। ଏ ନେଇ ବିଡିଓଙ୍କ ପାଖରେ ରାସ୍ତା ନିର୍ମାଣ ପାଇଁ ପଡ଼ାବାସୀ ଅଭିଯୋଗ କରିଛନ୍ତି। ରାସ୍ତା ଶୋଚନୀୟ ଯୋଗୁଁ ଗାଁକୁ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ଏହାଫଳରେ ରୋଗୀ ତଥା ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। କୁନିକୁନି ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ବହୁ କଷ୍ଟରେ ଚାଲି ଚାଲି ସ୍କୁଲ ଯାଉଛନ୍ତି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏମିତିକି ମୋଟର ସାଇକେଲ ମଧ୍ୟ ଯିବା କଷ୍ଟକର ହୋଇପଡ଼ିଛି। ଲୋକେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ଏହି ଦୁଃଖକୁ ଦୁଇ ଗୁଣ କରିଦେଇଛି ଲଗାଣ ବର୍ଷା। ପଡ଼ାକୁ ରାସ୍ତା ନିର୍ମାଣ ପାଇଁ ପଡ଼ାବାସୀ ଅନେକ ଥର ପ୍ରଶାସନକୁ ହାରିଗୁହାରି କଲେଣି। କିନ୍ତୁ ସେମାନଙ୍କୁ ଖାଲି ପ୍ରତିଶ୍ରୁତି ମିଳିଛି। ଭୋଟ ସମୟରେ ମଧ୍ୟ ନେତା ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଭୋଟ ପରେ ସବୁ ଭୁଲିଗଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହା କେଉଁ ଉପାନ୍ତ ଅଞ୍ଚଳ ନୁହେଁ। ଜୟପାଟଣା ସହରରୁ ମାତ୍ର କେଇ କିଲୋମିଟରରେ ଏହି ଗାଁ; କିନ୍ତୁ ଏଯାଏଁ ପଡ଼ାକୁ ସାଧାରଣ ରାସ୍ତାଟିଏ ନିର୍ମାଣ ହୋଇନାହିଁ। ଅନ୍ୟପକ୍ଷରେ ଏଠାରେ ଇନ୍ଦ୍ରାବତୀ ପ୍ରକଳ୍ପ ମଙ୍ଗଳପୁର ବ୍ୟାରେଜ ନିର୍ମାଣ ପାଇଁ ବିସ୍ଥାପିତ ପରିବାର ରହୁଛନ୍ତି; ହେଲେ ଇନ୍ଦ୍ରାବତୀ ପ୍ରକଳ୍ପର ଅଧିକାରୀମାନେ ମଧ୍ୟ ଏହି ପଡ଼ାକୁ ଅଣଦେଖା କରି ଆସୁଛନ୍ତି। ବିସ୍ଥାପିତ ପରିବାରଙ୍କୁ ସମସ୍ତେ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଆଜି ପାଣିର ଗାର ପାଲଟିଛି। ଲକ୍ଷ ଲକ୍ଷ ଟଙ୍କା ଇନ୍ଦ୍ରାବତୀ ପ୍ରକଳ୍ପ ପେରିଫେରିଆଲ ଫଣ୍ଡରେ ଖର୍ଚ୍ଚ କରୁଥିବା ବେଳେ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ଏହି ପଡ଼ାକୁ ଲୋକେ କୁଣିଆ ଆସିବାକୁ ମଧ୍ୟ ଡରୁଛନ୍ତି। ରାତିରେ କାହାର କ'ଣ ଅସୁବିଧା ହେଲେ କଥା ସରିଲା। ସହରରୁ ପାଖରେ ଥାଇ ମଧ୍ୟ ଏକ ବନ୍ଦୀ ଜୀବନ କାଟୁଛନ୍ତି ପଡ଼ାବାସୀ। ଜିଲ୍ଲା ପ୍ରଶାସନ ଏ ଦିଗରେ ଆଦୌ ପଦକ୍ଷେପ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

**ବିଡ଼ିଓଙ୍କୁ ଦାବିପତ୍ର**

# ଗ୍ରାମାଞ୍ଚଳ ରାସ୍ତାଠୁ ହୀନ ଜାତୀୟ ରାଜପଥ



**ମନମୁଣ୍ଡା, ୧୦।୭(ସମିସ):** ସରକାର ରାସ୍ତାଘାଟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମାଞ୍ଚଳ ରାସ୍ତା ଚକାଚକ ଦିଶୁଛି; ହେଲେ ଜାତୀୟ ରାଜପଥ ଅବସ୍ଥା ନ କହିବା ଭଲ। ମନମୁଣ୍ଡା ସହରରେ ୫୭ ନମ୍ବର ଜାତୀୟ ରାଜପଥର ଏପରି ଅବସ୍ଥା ଦେଖିବାକୁ ମିଳିଛି। ପୂର୍ବରୁ ଏହା ରାଜ୍ୟ ରାଜପଥ ଥିଲା। ଜାତୀୟ ରାଜପଥରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇ କାମ କରାଗଲା। ଓସାରିଆ ଓ ମଜବୁତ୍ ରାସ୍ତା ମିଳିବ ବୋଲି ଆଶା ଥିଲା; କିନ୍ତୁ ଓସାରିଆ କରାଗଲା ନାହିଁ। ଯାହାବି କାମ ହେଲା ଅତି ନିମ୍ନମାନର କରାଗଲା। କାମ ସମୟରେ ସବୁ ଆଡ଼େ ଟପ୍ ଲେୟର ପିଚୁ କାମ କରାଯାଇଛି। ମନମୁଣ୍ଡା ଥାନା ଛକରୁ ସୁବର୍ଣ୍ଣମେରୁ ବାବା ମନ୍ଦିର ପର୍ଯ୍ୟନ୍ତ କିନ୍ତୁ ତାହା (ଶେଷ ପର୍ଯ୍ୟାୟ ପିଚୁ କାମ) କରାଯାଇ ନ ଥିଲା। ଠିକାଦାର କାମ ନ କରି ବିଲ୍ ହାତେଇ ନେଇଥିଲେ। ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନ ସବୁ ଦେଖି ଓ ଜାଣି ସୁଦ୍ଧା ହାତ ବାନ୍ଧି ବସି ରହିଥିଲେ। ବର୍ତ୍ତମାନ ଏହି ରାସ୍ତାର ବହୁ ଜାଗାରେ ଖାଲ ହେତୁ ପାଣି ଜମି ରହିଛି। ଅନେକ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଯିବା ଆସିବାରେ ଘୋର ଅସୁବିଧା ହେଉଛି। ଆରମ୍ଭରୁ ରାସ୍ତାର ଉଭୟ ପାର୍ଶ୍ୱ ତଥା ମଧ୍ୟ ଭାଗରେ ଧଳା ରଙ୍ଗର ଗାର ମାର୍କିଂ କରିବା କଥା; କିନ୍ତୁ କରାଯାଇନାହିଁ। ସହର ମଧ୍ୟରେ ଜାତୀୟ ରାଜପଥ ପକ୍ଷରୁ ଡ୍ରେନ ବ୍ୟବସ୍ଥା କରାଯିବା ନିୟମ ଥିବାବେଳେ ଅଳ୍ପ କେତେକାଂଶ କରାଯାଇଛି। ଡ୍ରେନର କେତେକାଂଶରେ ଢାଙ୍କୁଣି ଥିବାବେଳେ ଅଧିକାଂଶ ଜାଗାରେ ଢାଙ୍କୁଣି ଲଗାଯାଇ ନାହିଁ। ଏହାଫଳରେ ମଇଳା ଆବର୍ଜନାରେ ଦୁର୍ଗନ୍ଧ ହୋଇ ମଶା, ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପରିବେଶ କଳୁଷିତ ହେବା ସହ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ଶତାଧିକ ଯାନବାହାନ ଯାତାୟାତ କରୁଛି। ଏଭଳି ଅବସ୍ଥା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ଏ ଦୁର୍ଘଟଣା ବୃଦ୍ଧି ପାଉଛି। ଜାତୀୟ ରାଜପଥ ବିଭାଗ କିନ୍ତୁ ଏଥିପ୍ରତି ଦୃଷ୍ଟି ଦେଉନି।

## ଗୋରୁ ବଜାରରୁ ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧୦।୭(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଗୋରୁ ବଜାରରୁ ବୁଧବାର ମଧ୍ୟ ରାତିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଚି କଣ୍ଟାବାଞ୍ଜି ପୁଲିସ। ସାମାଜିକ ଗଣମାଧ୍ୟମରେ ସୂଚନା ଦେବାପରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। ସେ ତୁରେକେଲା ଥାନା ଅଧୀନ କାଦୋବେଡ଼ା ଗାଁର ଧନୀରାମ ଖୁରା ବୋଲି ଜଣାପଡ଼ିଛି। ଗତ ମଙ୍ଗଳବାର ଲାଠୋର ଅଞ୍ଚଳର କିଛି ଜଣ ଗୋରୁ ବ୍ୟବସାୟୀଙ୍କ ସହ କଣ୍ଟାବାଞ୍ଜି ଗୋରୁ ବଜାରକୁ ଗୋରୁ ବିକ୍ରି କରିବାକୁ ଆଣିଥିବାବେଳେ ଧନୀରାମଙ୍କ ସହ ଯାଇଥିବା ଲୋକ ଘର ଫେରିଥିବା ବେଳେ ଧନୀରାମଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହାକୁ ନେଇ ଧନିରାମକୁ ହତ୍ୟାକରି ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତେବେ ତାଙ୍କ ମୃତ୍ୟୁସନ୍ଦେହ ଜନକ ହୋଇଥିବା ବେଳେ କଣ୍ଟାବାଞ୍ଜି ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପୁରା ଘଟଣା ଜଣାପଡ଼ିବ ବୋଲି କଣ୍ଟାବାଞ୍ଜି ପୁଲିସ ପ୍ରକାଶ କରିଛି। ସେପଟେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି।

## ନିଶାସକ୍ତ ଗାଡ଼ି ଚାଳକ ଗିରଫ

**ଦେଓଗାଁ, ୧୦।୭( ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ତୁଷୁରା ଛକ ଠାରେ ସରକାରୀ ବସ୍‌ର ଡ୍ରାଇଭର ମଦପିଇ ଗାଡ଼ି ଚଳାଉ ଥିବାବେଳେ ଆରଟିଓ ମାନସ ମିଶ୍ର ଗିରଫ କରିଛନ୍ତି। ଦେଓଗାଁ ପୁଲିସ ଓ ଆରଟିଓ ମିଳିତ ଭାବେ ଚଢ଼ଉ କରି ବସ୍ ଡ୍ରାଇଭରକୁ ମଦ ମାପିବା ଯନ୍ତ୍ରରେ ପରୀକ୍ଷା କରିଥିଲେ। ମଦପିଇ ଥିବା ଜଣାପଡ଼ିବା ପରେ ବସ୍ ଡ୍ରାଇଭର ଲିଙ୍ଗରାଜ ସିଂଙ୍କ ଲାଇସେନ୍ସକୁ ବାତିଲ କରିଥିବା ଆରଟିଓ ସୂଚନା ଦେଇଛନ୍ତି।

## ଆଦର୍ଶ ପଞ୍ଚାୟତରେ ୨ ମାସରେ ୩ ସରପଞ୍ଚ

**କେସିଙ୍ଗା, ୧୦।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଆଦର୍ଶ ପଞ୍ଚାୟତ ଉକ୍ଲେଲା ବର୍ଷେ ହେଲା ରାଜନୀତି ପଶାପାଲିରେ ଛନ୍ଦି ହେଇ ରହିଛି। ୨ ମାସରେ ଏହି ପଞ୍ଚାୟତରେ ୩ ଜଣ ସରପଞ୍ଚ ଦାୟିତ୍ୱ ନେଲେଣି। ପ୍ରଥମେ ନିର୍ବାଚିତ ସରପଞ୍ଚ ନରେନ୍ଦ୍ର ମାଝୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପରେ ୧୧।୧୧।୨୪ରେ ଅନାସ୍ଥା ବିରୋଧରେ ଭୋଟିଂ ହେଲା; ହେଲେ ଅଦାଲତର ନିର୍ଦ୍ଦେଶ ହେତୁ ଭୋଟ ଗଣତି ହୋଇ ପାରି ନ ଥିଲା।। ୬ ମାସ ପରେ ୨୪।୪।୨୫ରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଭୋଟ ଗଣତି ହୋଇଥିଲା। ନିର୍ବାଚିତ ସରପଞ୍ଚ ନରେନ୍ଦ୍ର ମାଝୀ ନିଜ ପଦ ହରାଇଥିଲେ। ପରେ ନାଏବ ସରପଞ୍ଚଙ୍କ ୨ରୁ ଅଧିକ ପୁଅ ଝିଅ ଥିବା ଦର୍ଶାଇ ହାଇକୋର୍ଟରେ ପୁଣି ଏକ ପିଟିସନ ଦାୟର ହୋଇଥିଲା। ଅଦାଲତ ୨ ମାସ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ ନମ୍ବର ୱାର୍ଡସଭ୍ୟା ଜିତେନ୍ଦ୍ର ହେର୍ଣ୍ଣାଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିଲା। ପରେ ୨ ମାସ ପରେ ପୁଣି ଥରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିତେନ୍ଦ୍ରଙ୍କୁ ଅପସରଣ କରାଯାଇ ନାଏବ ସରପଞ୍ଚ ମୀରା କୁମାରଙ୍କୁ ସରପଞ୍ଚ ଦାୟିତ୍ୱ ଦେବା ପାଇଁ ଚିଠି କରାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ନାଏବ ସରପଞ୍ଚ ବର୍ତ୍ତମାନ ଉକ୍ଲେଲାର ନୂତନ ସରପଞ୍ଚ ଭାବରେ ଦାୟିତ୍ୱ ନେଇଛନ୍ତି।

## ଅଧପନ୍ତରିଆ କେନାଲରେ ପାଣି ଛାଡ଼ିଲା କ୍ଷୁଦ୍ର ଜଳସେଚନ ବିଭାଗ

**ବଙ୍ଗୋମୁଣ୍ଡା, ୧୦।୭(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଚାଷୀଙ୍କ ଚାଷ ଜମିରେ ଜଳ ଯୋଗେଇ ଦେବାପାଇଁ କେନାଲ ନିର୍ମାଣ ଚାଲିଛି। ଗତ କିଛିଦିନ ପୂର୍ବରୁ ଲଗାଣ ବର୍ଷାରେ ମଧ୍ୟ ଏହି କେନାଲ ନିର୍ମାଣ ପ୍ରକ୍ରିୟା ଚାଲିଥିଲା, ଯାହା ବାରମ୍ବାର ଅଧିକାରମାନଙ୍କୁ ଜଣାଇଲେ ବି କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ଏବେ ଏହି କେନାଲରେ ଆଶ୍ଚର୍ଯ୍ୟଜନକ ଭାବେ ଅଧପନ୍ତରିଆ କେନାଲରେ ପାଣି ଛଡ଼ା ଯାଇଛି। ପୂର୍ବରୁ ଲଗାଣବର୍ଷାରେ ନିର୍ମାଣ କେନାଲ କାମ ଅଭିଯୋଗ ହୋଇଥିବା ସତ୍ତ୍ୱେ ଏହି କେନାଲରେ ଆଶ୍ଚର୍ଯ୍ୟଜନକ ଭାବେ ପାଣି ଛଡ଼ା ଯାଇଛି। ଯାହା କେନାଲର ସ୍ଥାୟିତ୍ୱ ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ଏ ନେଇ ଉଚ୍ଚସ୍ତରର ତଦନ୍ତ ଓ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି ଅଞ୍ଚଳବାସୀ।

# ଲୁଣଙ୍ଗା-ମାଝିପଡ଼ା ରାସ୍ତା ଶୋଚନୀୟ



**ଶଗଡ଼ା, ୧୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଚ୍ଛା ପଞ୍ଚାୟତ ଲୁଣପଙ୍ଗାଠାରୁ ମାଝିପଡ଼ା ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ପାଣି କାଦୁଅ ହୋଇ ଯାଉଛି। ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ଏହି ରାସ୍ତାରେ ଅନେକ ଲୋକ ଯାତାୟାତ ସମୟରେ ପଡ଼ିଯିବା ସହ ଆହତ ମଧ୍ୟ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି। ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡେ। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସି ପାରେ ନାହିଁ। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି କି ଯିବା ମଧ୍ୟ ବହୁତ କଷ୍ଟକର ହୋଇ ପଡୁଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଛି।

# ପେଣ୍ଡରାବନ୍ଧ ପୋଲରେ ଖାଲଖମା



**କୋମନା, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ ପେଣ୍ଡରାବନ୍ଧ ପୋଲ ଖାଲଖମା ହୋଇ ଗଲାଣି। ଏଣୁ ବର୍ଷା ହେଲେ ପାଣି ଜମି ରହୁଛି। ଏଥିପାଇଁ ଦୁର୍ଘଟଣା ଘଟୁଛି। ବିଭାଗ କିନ୍ତୁ ପଦକ୍ଷେପ ନେଉନି। ୩୫୩ ନମ୍ବର ଏହି ଜାତୀୟ ରାଜପଥ ଦେଇ ରାଇପୁରରୁ ବିଶାଖାପାଟଣାକୁ ଶହ ଶହ ଟ୍ରକ୍ ଚଳାଚଳ କରୁଛି। ଏଥିଯୋଗୁଁ ଗତବର୍ଷ ପୋଲ ନିକଟରେ ଗୋଟିଏ ପାର୍ଶ୍ୱ ଦବି ରହିଥିଲା। ସେହି ସମୟରେ ଅସ୍ଥାୟୀ ମରାମତି କରାଯାଇଥିଲା।

■ **+୩ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ**

# 'ଶୃଙ୍ଖଳା ରକ୍ଷା କଲେ ମହାବିଦ୍ୟାଳୟର ଗୌରବ ବଢ଼ିବ'

**କୁତ୍ରା, ୧୦।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର +୩ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ସକାଶେ ସ୍ୱାଗତ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଡାଲମିଆ ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। ଏକାଡେମୀ ବର୍ସାର ଏକଲବ୍ୟ ନାଏକ, ଲଳିତା ସାହୁ, ସୁମନ୍ତ କୁମାର ଓଝା ତଥା ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେବା ସହ ଉଦ୍‌ବୋଧନ ଦେଇଥିଲେ। ଏକାଡେମୀ ବର୍ସାର ଏକଲବ୍ୟ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ନୂତନ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆକାଉଟାଣ୍ଟ ବର୍ସାର ସୁମନ୍ତ କୁମାର ଓଝା ବିଭିନ୍ନ ସେମିଷ୍ଟାର ପରୀକ୍ଷା ଏବଂ ତଦନୁଯାୟୀ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣ ଦେଇଥିଲେ। ପ୍ରାଧ୍ୟାପିକା ଲଳିତା ସାହୁ ଛାତ୍ରଛାତ୍ରୀ 'ଶୃଙ୍ଖଳା ରକ୍ଷା କଲେ ମହାବିଦ୍ୟାଳୟର ଗୌରବ ବଢ଼ିବ' ବୋଲି ମତବ୍ୟକ୍ତ କରିଥିଲେ। ବେଳେ ଅଧକ୍ଷ ଡ. ପଟେଲ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ସଭାରେ ଅଧ୍ୟାପକ-ଅଧ୍ୟାପିକା ନିଜ ନିଜର ପରିଚୟ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିବା ବେଳେ ଅଭିଭାବକ ଓ ପିତାମାତା ବକ୍ତବ୍ୟ ମାଧ୍ୟମରେ ମହାବିଦ୍ୟାଳୟର ପ୍ରଶଂସା କରିଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ତଥା ଅଭିଭାବକ ଯୋଗଦେଇ ସ୍ୱାଗତ ସମାରୋହକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## କଂଗ୍ରେସ କର୍ମୀ ଗଦାଧର ମହାପାତ୍ରଙ୍କ ପରଲୋକ




**ତରଭା, ୧୦।୭(ସମିସ):** ନିକଟସ୍ଥ ବୈରାସର ନିବାସୀ ଗଦାଧର ମହାପାତ୍ର (୫୮)ଙ୍କ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ହୃଦ୍‌ଘାତ ଯୋଗୁଁ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବରୁ ଅସୁସ୍ଥ ଅନୁଭବ କରିବାରୁ ବଲାଙ୍ଗୀରରେ ତାଙ୍କର ଚିକିତ୍ସା କରାଯାଉଥିଲା। ଗଦାଧର କଂଗ୍ରେସର ଜଣେ ସକ୍ରିୟ କର୍ମୀ ଥିଲେ। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦୀପଙ୍କର ମୁଖାଗ୍ନି ଦେଇଥିଲେ। ଗଦାଧରଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ବଲାଙ୍ଗିର ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିଅନ




**ବଲାଙ୍ଗିର, ୧୦।୭(ସମିସ):** ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆଜି ଗାନ୍ଧୀ ଷ୍ଟାଡିୟମଠାରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟ ହଷ୍ଟେଲ ବଲାଙ୍ଗିର ୨-୦ ଗୋଲରେ ସିସିଏଫ୍ଏ କୁ ହରାଇ ଚାମ୍ପିଅନ ହୋଇଛି। ସ୍ପୋର୍ଟ ହଷ୍ଟେଲ ତରଫରୁ ରାମ ମାଝୀ ଓ ପ୍ରଭାକର ମାଝୀ ଗୋଲ ସ୍କୋର କରିଥିଲେ। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌ÷ରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇ ଚାମ୍ପିଅନ ସ୍ପୋର୍ଟ୍ସ ହଷ୍ଟେଲ ଓ ଉପ-ବିଜେତା ସିସିଏଫ୍ଏ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଓ ଓଡ଼ିଶା ତଥା ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷତା କରିଥିଲେ। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟିର ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମଞ୍ଚାସିନ ଥିଲେ। ଖେଳକୁ ସଞ୍ଜୀବ ମହାରଣା, ଜିତେନ୍ଦ୍ର ପାତ୍ର, ଦୋଳଗୋବିନ୍ଦ ମୁଣ୍ଡା ଓ ଦେବାଶିଷ ବାଗ ପରିଚାଳନା କରିଥିବା ବେଳେ ଅବଦୁଲ ମୁଜିବ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜୋନ ଆୟୋଜକ ପୋଗ୍ରେସିଭ୍ କ୍ଲବ ବଲାଙ୍ଗିର, ନବଜ୍ୟୋତି ୟୁଥ୍ କ୍ଲବ ଚୁଡାପାଲି, ସାଇଟ ସଦାଇପାଲି, ଲୋଇସିଂହା ଆଥେଲେଟିକ୍ ଆସୋସିଏସନ, ବିଏନ୍ଏଏ ଜରାସିଂହା, ସ୍ୱାମୀ ବିବେକାନନ୍ଦ ପାଠାଗାର ବଙ୍ଗୋମୁଣ୍ଡା, ଆଦିବାସୀ କ୍ଲବ ଟିଟିଲାଗଡ଼ ଓ ହଲଧର ପାଠାଗାର ଖୁଜେନପାଲିକୁ ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ମେମେଣ୍ଟୋ ପ୍ରଦାନ କରିଥିଲେ। ଷ୍ଟାଡିୟମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ପ୍ରଦୀପ କୁମାର ପାତ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡ଼ା ସମ୍ପାଦକ ବିଭୁତିଭୂଷଣ ପଣ୍ଡା, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଶିଶିର କୁମାର ବହିଦାର, ବିଜୟ ବଂଶଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ରବୀନ୍ଦ୍ର ମିଶ୍ର, ରମାକାନ୍ତ ସେଠ, ଇଂ.ନାରାୟଣ ପ୍ରସାଦ ମିଶ୍ର, ଜୟରାମ ମିଶ୍ର, ହରିବନ୍ଧୁ ପାଣି, କୈଳାଶ ଚନ୍ଦ୍ର କର୍ତ୍ତି, ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

## କରଙ୍ଗାଭଟା ବିଦ୍ୟାଳୟ ଛାତରୁ ଝରୁଛି ବର୍ଷା ପାଣି



**କୋମନା, ୧୦।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କରଙ୍ଗାଭଟା ପ୍ରାଥମିକ ବିଦ୍ୟାଳୟ କୋଠା ଛାତରୁ ବର୍ଷା ପାଣି ଝରୁଛି। ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ଏହାଦ୍ୱାରା କୁନି କୁନି ଛାତ୍ରଛାତ୍ରୀ ଓଦା ସରସର ହୋଇ ବିଦ୍ୟାଳୟରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଏହା ସହ ସ୍କୁଲ ପାଚେରୀ ଅଧ ପନ୍ତରିଆ ହୋଇ ରହିଛି। ଏଣୁ ପାଠପଢ଼ା ସମୟରେ କୁକୁର ତଥା ଅନ୍ୟାନ୍ୟ ଜୀବଜନ୍ତୁ ଚାଲି ଆସୁଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ସମସ୍ୟା ହେଉଛି। ଏ ନେଇ ସ୍କୁଲ ପରିଚାଳନା କମିଟି ତଥା ଗ୍ରାମବାସୀ ଅନେକ ଥର ବିଭାଗକୁ ଦୃଷ୍ଟି ଆକର୍ଷଣ କରିଛନ୍ତି; ହେଲେ ଏହାର ସମାଧାନ କରାଯାଉ ନାହିଁ। ଏଣୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

**୮ ଶ୍ରେଣୀକୁ ଗୋଟିଏ କୋଠରି**

# ଶିକ୍ଷକ ପଦ ପୂରଣ ନ ହେଲେ ସ୍କୁଲ ବନ୍ଦ ଚେତାବନୀ

**ସିନାପାଲି, ୧୦।୭ (ସମିସ)**







ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଶିକ୍ଷା ବିଭାଗର ଅନେକ ଯୋଜନା ଉପାନ୍ତରେ ପ୍ରହସନ ପାଲଟିଛି। ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ଅବ୍ୟବସ୍ଥା ଦେଖା ଦେଇଛି। ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ତାଲାବନ୍ଦ କରିବା ସହ ଆନ୍ଦୋଳନ କରିବାକୁ ଅଭିଭାବକ ଚେତାବନୀ ଦେଇଛନ୍ତି।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘାଟମାଲ ପଞ୍ଚାୟତ ତାଲାକୋଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଗୋଟିଏ ଶ୍ରେଣୀରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏପରିକି ୮ଟି ଶ୍ରେଣୀ ପାଇଁ ୨ ଜଣ ଗଣ ଶିକ୍ଷକ ନିୟୋଜିତ ରହିଛନ୍ତି। ଶିକ୍ଷକ ଅଭାବ ଥିବା ଯୋଗୁଁ ନୂତନ ଶିକ୍ଷକ ନିଯୁକ୍ତି ନିମନ୍ତେ ଅଭିଭାବକମାନେ ସ୍କୁଲ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ସହ ଶିକ୍ଷକ ରହିଛନ୍ତି; ହେଲେ ସହ ଶିକ୍ଷକ ବିଏଲଓ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏହା ଫଳରେ ଜଣେ ଶିକ୍ଷକ ଶିକ୍ଷାଦାନ କରିବା ସମ୍ଭବ ହେଉନାହିଁ। ବିଦ୍ୟାଳୟରେ ୨ଜଣ ଶିକ୍ଷକ କିଭଳି ଭାବେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଶ୍ରେଣୀ କୋଠରୀରେ ପାଠ ପଢ଼ାଇବେ ସେନେଇ ଅଭିଭାବକମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୀର୍ଘ ବର୍ଷ ହେଲା ଆଉ ଗୋଟିଏ ଶ୍ରେଣୀ କୋଠରୀ ଛାତ ବିପଦପୂର୍ଣ୍ଣ ଭାବେ ରହିଛି। ସେହି କୋଠରୀରେ ପାଠ ପଢ଼ା ହୋଇ ପାରୁନାହି। ଛାତରୁ ସିମେଣ୍ଟ ଅତଡ଼ା ଖସି ବିପଦସଙ୍କୁଳ ଅବସ୍ଥାରେ ରହିଛି। ରୋଷେଇ ଗୃହରେ ମଧ୍ୟ ଫାଟ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଭାବେ ରୋଷେଇ ଚାଲିଛି। କେତେବେଳେ କ'ଣ ଘଟିବ କିଛି କହି ହେବ ନାହିଁ। ଅନ୍ୟପଟେ ଶିକ୍ଷକମାନେ ବିଦ୍ୟାଳୟକୁ ବିଳମ୍ବରେ ପହଞ୍ଚୁଛନ୍ତି। ଏଣୁ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ବୁଲୁଥିବା ଅଭିଭାବକଙ୍କ ଅଭିଯୋଗ ହୋଇଛି। ଏଭଳି ଅନେକ ସମସ୍ୟା ବିଦ୍ୟାଳୟରେ ଲାଗି ରହିଛି। ଏଣୁ ସ୍କୁଲ ବନ୍ଦ କରି ଆନ୍ଦୋଳନ କରିବା ସହ ଶିକ୍ଷା ବିଭାଗ ନୂତନ ଶିକ୍ଷକ ନିଯୁକ୍ତି ନ କଲେ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଛାଡିବେ ନାହିଁ ବୋଲି ସ୍ଥାନୀୟ ସରପଞ୍ଚ ତଥା ଅଭିଭାବକ ଟେକରାମ ମାଝି, ବିକ୍ରମ ମାଝି, ଜୟରାମ ମାଝି, ଡିଙ୍ଗର ମାଝି, ଦଶରଥ ମାଝି, ଲଛମନ ମାଝି, ହର ମାଝିଙ୍କ ସମେତ ଅନେକ ଅଭିଭାବକ ଚେତାବନୀ ଦେଇଛନ୍ତି। ତେବେ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ବିଳମ୍ବରେ ପହଞ୍ଚିବା ଘଟଣା ନେଇ ପ୍ରଧାନ ଶିକ୍ଷକ ବିଶିକେଶନ ମାଝିଙ୍କୁ ପଚାରିବାରୁ ବାଟରେ ବାଇକ୍ ଖରାପ ହୋଇଥିବା ଯୋଗୁଁ ଟିକେ ବିଳମ୍ବରେ ପହଞ୍ଚି ଥିବା ପ୍ରକାଶ କରିଛନ୍ତି। ଏହି ସମସ୍ୟାକୁ ନେଇ ସିନାପାଲି ବିଇଓ ଯତୀନ୍ଦ୍ର ସେଠଙ୍କୁ ଏକ ଦାବିପତ୍ର ଘାଟମାଳ କ୍ଲଷ୍ଟର ସିଆରସିସିଙ୍କ ଜରିଆରେ ପ୍ରଦାନ କରାଯାଇଛି। ଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ଶ୍ରୀ ସେଠ ପ୍ରକାଶ କରିବା ସହ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଡ୍ରାଇଭର ମହାସଂଘ ଆନ୍ଦୋଳନ

# ବଢ଼ୁଛି ପରିବା ଦର; ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି






ବଲାଙ୍ଗିର, ୧୦।୭ (ସମିସ)

ରାଜ୍ୟ ଡ୍ରାଇଭର ମହାସଂଘର ଆନ୍ଦୋଳନର ପ୍ରଭାବରେ ବଲାଙ୍ଗିର ଜିଲ୍ଲାରେ ସମସ୍ୟା ଦିନକୁଦିନ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲ୍ଲାର ସମସ୍ତ ଡ୍ରାଇଭର ଷ୍ଟିୟରିଂ ଛାଡି ଆନ୍ଦୋଳନରତ ଥିବାବେଳେ ଅନ୍ୟପଟେ ବଲାଙ୍ଗିରକୁ ପନିପରିବା ତଥା ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ନ ପାରିବାରୁ ପରିବା ବଜାର ଓ ଦୈନିକ ବ୍ୟବହାର ସାମଗ୍ରୀ ବଜାରରେ ନିଆଁ ଲାଗିଛି। ଏହା ସହିତ ପେଟ୍ରୋଲ ଟାଙ୍କିରେ ମଧ୍ୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ବଲାଙ୍ଗିର ସହରକୁ ପ୍ରତିଦିନ ବହୁସଂଖ୍ୟାରେ ସକାଳୁ ପରିବା ଗାଡ଼ି ଆସିଥାଏ। ସବୁଜ ପନିପରିବା ବଲାଙ୍ଗିର ସହରର ଦୈନିକ ବଜାରକୁ ଆସୁଥିବା ବେଳେ ବଜାରରୁ ପୁଣି ଅନ୍ୟସ୍ଥାନକୁ ପରିବହନ କରାଯାଇଥାଏ। ସେହିପରି ରାଜ୍ୟ ବାହାରୁ ଆଳୁ, ପିଆଜ, ରସୁଣ ଭଳି ପରିବା ଆସୁଥିବା ବେଳେ ଦୈନିକ ବ୍ୟବହାର ତେଲ ଲୁଣ ସାମଗ୍ରୀ ମଧ୍ୟ ରାୟପୁରରୁ ଆସିଥାଏ। ତେବେ ଗତ ତିନି ଦିନ ହେଲା ରାଜ୍ୟ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ବଲାଙ୍ଗିର ଜିଲ୍ଲାରେ ସମସ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ଦୁଇଦିନ ହେଲା ଠିକ ଭାବେ ପରିବା, ଦୈନିକ ବ୍ୟବହାର ସାମଗ୍ରୀ ଗାଡ଼ିଗୁଡ଼ିକ ଆସି ନ ପାରିବାରୁ ବଜାରରେ ସାମଗ୍ରୀ ସଙ୍କଟ ଦେଖାଦେଇଥିବା ଅଭିଯୋଗ ହୋଇଛି। ଯାହାକିଛି ଏବେ ବଜାରରେ ମହଜୁଦ ରହିଛି ତାହାର ମଧ୍ୟ ଦର ବ୍ୟବସାୟୀମାନେ ବୃଦ୍ଧି କରିଦେଇଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଆନ୍ଦୋଳନର ସୁଯୋଗ ନେଇ ଲାଭଖୋର ବଡ଼ ବ୍ୟବସାୟୀମାନେ ଦରବୃଦ୍ଧି କରିଦେଇଥିବାରୁ ଛୋଟ ବ୍ୟବସାୟୀମାନେ ବାଧ୍ୟ ହୋଇ ଅଧିକ ଦରରେ ସାମଗ୍ରୀ ବିକ୍ରୀ କରୁଥିବା ପ୍ରକାଶ କରିଛନ୍ତି। ଆନ୍ଦୋଳନର ତୃତୀୟ ଦିନରେ ଡ୍ରାଇଭରମାନେ ରାସ୍ତାରେ ଚଳାଚଳ କରୁଥିବା ଗାଡ଼ିମାନଙ୍କୁ ଅଟକାଇ ଆନ୍ଦୋଳନରେ ସାମିଲ ହେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ବଲାଙ୍ଗିର ସହର ସମେତ ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ପରିବା, ଦୈନନ୍ଦିନ ବ୍ୟବହାର ସାମଗ୍ରୀର କଳାବଜାର ଆରମ୍ଭ ହୋଇଥିବା ବେଳେ ଏହାକୁ ରୋକିବା ପାଇଁ ପ୍ରଶାସନ ଯତ୍ନବାନ ହେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବଲାଙ୍ଗିରକୁ ଆସୁଥିବା ପେଟ୍ରୋଲ ଟ୍ୟାଙ୍କର ଗୁଡ଼ିକ ମଧ୍ୟ ଆନ୍ଦୋଳନ ପ୍ରଭାବରେ ବାହାରେ ଅଟକି ରହିଥିବା ବେଳେ ଟାଙ୍କିରେ ପେଟ୍ରୋଲ, ଡିଜେଲର ଅଭାବ ଦେଖାଦେଇଛି। ଟାଙ୍କିରେ ଷ୍ଟକ ଥିବା ପେଟ୍ରୋଲ କଳାବଜାରୀମାନେ କିଣିନେଇ ଅଧିକ ଦରରେ ବିକ୍ରି କରିବା ପାଇଁ ମହଜୁଦ ରଖିଥିବାବେଳେ ଯାହାକିଛି ରହିଛି ତାକୁ ଭରିବା ପାଇଁ ବଲାଙ୍ଗିର ଜିଲ୍ଲାର ପେଟ୍ରୋଲ ଟାଙ୍କିରେ ଗାଡି ମାନଙ୍କର ଲମ୍ବା ଲାଇନ ଦେଖିବାକୁ ମିଳିଛି। ଅନେକ ଟାଙ୍କିରେ ପେଟ୍ରୋଲ ସରିଯାଇଥିବା ବେଳେ ଶୁକ୍ରବାର ସୁଦ୍ଧା ଟାଙ୍କି ଖାଲି ହେବାର ସମ୍ଭାବନା ରହିଛି। ଗୋଟିଏ ପଟେ ଡ୍ରାଇଭର ମହାସଂଘ ନିଜ ଦାବିକୁ ନେଇ ଜିଦରେ ଅଟଳ ଥିବାବେଳେ ଅନ୍ୟପଟେ ଏହାର ସାମାଧାନ କରିବା ପାଇଁ ସରକାରଙ୍କ ଉଦାସୀନତା ଦେଖିବାକୁ ମିଳିଛି। ଗୁରୁବାର ମଧ୍ୟ ଜିଲ୍ଲାପାଳଙ୍କ ଅଫିସ ଆଗରେ ଡ୍ରାଇଭର ମହାସଂଘ ଧାରଣା ଦେଇଥିବାବେଳେ ଜିଲ୍ଲାର ଅନ୍ୟ ବ୍ଲକ ଶାଖା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ କାମରେ ଯାତାୟାତ କରୁଥିବାଲୋକ ମାନେ ମଧ୍ୟ ହଇରାଣର ଶୀକାର ହେଉଥିବା ଦେଖିବାକୁ ମିଳିଛି। ତେବେ ତାଙ୍କ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର ମହାସଂଘ ଜିଲ୍ଲା ସଭାପତି ଇସାକ ସାଗର ସୂଚନା ଦେଇଛନ୍ତି।

## ଆସିପାରୁନି ପରିବା ଓ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ

ମନରେଗାରେ ମହାଦୁର୍ନୀତି

# ବଙ୍ଗୋମୁଣ୍ଡା ବିଡିଓଙ୍କ ଡ୍ରାଇଭର ନାମରେ ପଡ଼ିଛି ମନରେଗା ଟଙ୍କା

**କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲାର ଶ୍ରମିକମାନେ ଗାଁରେ ରହି କେମିତି ରୋଜଗାର ପାଇବେ ସେଥିପାଇଁ ସରକାର ମାହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ମନରେଗା ଯୋଜନା ବାଟବଣା ହୋଇଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବଙ୍ଗୋମୁଣ୍ଡ ବ୍ଲକର କପିଲାଭଟା ପଞ୍ଚାୟତରେ। ଏହି ପଞ୍ଚାୟତରେ ଶ୍ରମିକ ବଦଳରେ ବଙ୍ଗୋମୁଣ୍ଡା ବିଡିଓଙ୍କ ଡ୍ରାଇଭର ପିତାମ୍ବର ନାଗ ଓ ତାଙ୍କ ସ୍ତ୍ରୀ ପୁଷ୍ପଦେଇ ନାଗ ମନରେଗା ଯୋଜନାରେ କାମ କରିଥିବା ନେଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା କରିଛି ପ୍ରଶାସନ। ତାହା ମଧ୍ୟ ଦିନେ କି ଦୁଇ ଦିନ ନୁହେଁ ବିଗତ ୪ ବର୍ଷରୁ ଅଧିକ ସମୟ ହେଲା ମନରେଗା ଯୋଜନାରେ କାମ ନ କରି ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି। ଯେଉଁ ଡ୍ରାଇଭର ପ୍ରତ୍ୟେକ ଦିନ ବିଡିଓଙ୍କ ଗାଡ଼ି ଚଳାଉଛନ୍ତି ସେହି ଡ୍ରାଇଭର କେମିତି କେଉଁ ସମୟରେ ମନରେଗା ଯୋଜନାରେ ଶ୍ରମିକ ଭାବରେ କାମକଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମନରେଗାରେ କାମ କରୁଥିବା ଶ୍ରମିକଙ୍କ ତଦାରଖ କରୁଥିଲେ କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ଅଶୁର୍ଲା ଗାଁରେ ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମାଟି ଉନ୍ନତୀକରଣ କାମ ନାମରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏଠାରେ କୌଣସି କାମ ନ କରି ଲକ୍ଷାଧିକ ଟଙ୍କା ମଧ୍ୟ ହଡ଼ପ କରାଯାଇଥିବା ଅଶୁର୍ଲା ଗାଁ ଲୋକେ ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ମନରେଗା ଯୋଜନାରରେ କପିଲାଭଟା ପଞ୍ଚାୟତରେ ଅନେକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ ଘଟଣାକୁ ଚାପି ଦେଇ ଆସୁଥିବା ଅଭିଯୋଗ ହେଉଛି। ଏନେଇ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରୀଙ୍କୁ ପଚାରିବାରୁ ଯଦି ଏମିତି କିଛି ହୋଇଛି ତେବେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ମାଟି କାମ ନ ହୋଇ ଉଠିଛି ଟଙ୍କା

# କଣ୍ଟାବାଞ୍ଜି ବିକାଶ ସ୍କୁଲ ପକ୍ଷରୁ ଚାରା ରୋପଣ

**କଣ୍ଟାବାଞ୍ଜି, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲ ପକ୍ଷରୁ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାନୁଟ ପଞ୍ଚାୟତ ଅଧୀନ ଜଙ୍ଗଲ ଜମିରେ ଚାରା ରୋପଣ କରାଯାଇଥିବାବେଳେ କାର୍ଯ୍ୟକ୍ରମରେ ସ୍ଥାନୀୟ ଆରଆଇ ରାମ ନାରାୟଣ ସାଇ, ସ୍କୁଲ ପ୍ରିନ୍ସିପାଲ ବିଶ୍ୱରଞ୍ଜନ ରାୟ, ସାମ୍ବାଦିକ ମୋହନ ସୋନିଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଚାରାରୋପଣରେ ସ୍କୁଲର କର୍ମକର୍ତ୍ତା ଶୁଭମ ବାରିକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପ୍ରିନ୍ସିପାଲ ଶ୍ରୀ ରାୟ ବୃକ୍ଷ ଆମ ପାଇଁ କେତେ ଆବଶ୍ୟକ ଓ ବୃକ୍ଷର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀକୁ ସଚେତନ କରିଥିଲେ।

# ଜରାସିଂହାରେ ମାଁ ବୁଢ଼ିଆଇ ଦେବୀଙ୍କ କାଦୋଯାତ୍ରା

**ଦେଓଗାଁ, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହାରେ ଅଧିଷ୍ଠାତ୍ରୀଦେବୀ ମା ବୁଢ଼ିଆଇଙ୍କ କୃଷିଭିତ୍ତିକ କାଦୋଯାତ୍ରା ପାଳିତ ହୋଇଯାଇଛି। ପ୍ରତିବର୍ଷ ଆଷାଢ଼ ଶୁକ୍ଲ ତ୍ରୟୋଦଶୀ ତିଥିରେ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ତିଥି ଅନୁସାରେ ଗୋରସରୁକା ଓ ସେରଣୀବଡା ପୂଜାପରେ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ମନ୍ଦିରରୁ ଦେବୀ ବାହାରି ଭକ୍ତଙ୍କୁ ଦର୍ଶନ ଦେବାସହ ବଟବୃକ୍ଷ ତଳେ ଥିବା ଅସ୍ଥାୟୀ ପୀଠରେ ଓଲଟ ନିଷାନ ଓ ବାହୁତିର ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟଦେହୁରୀଙ୍କ ଶରୀରରେ ଦେବୀ ପ୍ରବେଶ କରିବାପରେ ପାରମ୍ପାରିକ ବାଦ୍ୟର ତାଳେତାଳେ ଦେବୀ ନୃତ୍ୟ କରିଥିଲେ। ଅପରାହ୍ନରେ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଛେଳି, ମେଣ୍ଢା, କୁକୁଡା ଆଦି ବଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ଅନେକ ମହିଳା ପୁରୁଷ ନିଜନିଜ ମନସ୍କାମନା ମନାସି ମାଁଙ୍କ ଠାରେ ହାରିଗୁହାରୀ କରିଥିଲେ। ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ପ୍ରତିନିଧିତ୍ୱ କରିଥିବା ବେଳେ, ମୁଖ୍ୟଦେହୁରୀ ଭାବେ ସନ୍ତୋଷ ଥନାପତି, ପୂଜକ ଉଜ୍ୱଳ ଝାଙ୍କର, ମଶାଲିଆ ଶ୍ରୀବତ୍ସ ସାହୁ, ସେବାୟତ ଡା.ସରୋଜ କୁମାର ସାହୁ, ଓ ଜେନାବିରୁପାଣି ଦେବୀ ଙ୍କ ପୂଜକ ବୁଢୁ ପତ୍ରୀମାଲି, ପେଠାବାବୁ ଶଙ୍କର ସିଂ ବାବୁ ସାହାଣୀ ସତ୍ୟ ନାରାୟଣ ସାହାଣୀ ଛତରଧାରୀ ଭାବେ କିଶାନ ଛତ୍ରିଆ, ବାହୁକ ଭାବେ ରାଜଦଣ୍ଡସେନା, ବୃନ୍ଦା ଦଣ୍ଡସେନା, ସୁରେନ୍ଦ୍ର ଦଣ୍ଡସେନା ଓ ସନ୍ତୋଷ ଦିଗାଲ ଦାୟିତ୍ୱ ତୁଲାଇଥିଲେ।



# ରକ୍ତଦାନ କରି ମାନବିକତା ଦେଖାଇଲେ ଦେବରାଜ



**କଣ୍ଟାବାଞ୍ଜି, ୧୦।୭ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି କ୍ରମେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି କଣ୍ଟାବାଞ୍ଜି ଡ୍ରାଇଭର ମହାସଂଘ କର୍ମକର୍ତ୍ତା।। ଗୁରୁବାର ଜରୁରୀକାଳୀନ ପରିସ୍ଥିତିରେ ଜଣେ ରୋଗୀକୁ ରକ୍ତ ଆବଶ୍ୟକତା ଥିଲା। ଦେବରାଜ ସିପକା ଜଣେ ଡ୍ରାଇଭର ହୋଇ ମଧ୍ୟ କଣ୍ଟାବାଞ୍ଜି ଡାକ୍ତରଖାନା ପରିସରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ରକ୍ତଦାନ କରି ରୋଗୀଙ୍କୁ ସହାୟତା କରିଥିବା ଦେଖିବାକୁ ମିଳିଛି। ଦେବରାଜର ଏହି ମାନବ ସେବା ଓ ମଣିବିକତା କୁ ଡ୍ରାଇଭର ସଂଘ ସହ ଅନ୍ୟ ବୃଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି। ରକ୍ତଦାନ ସମୟରେ ସଂଘ ର ସଭାପତି କାର୍ତ୍ତିକ ବରିହା, ଗିରିଧାରୀ ଧାରୁଆ ସହ ଅନ୍ୟ ଡ୍ରାଇଭରମାନେ ଉପସ୍ଥିତ ଥିଲେ।

# ପ୍ଲାଟ୍‌ଫର୍ମରୁ ଗଞ୍ଜେଇ ଜବତ, ୩ଗିରଫ

**ଟିଟିଲାଗଡ଼, ୧୦।୭ (ସମିସ):** ଟିଟିଲାଗଡ଼ ରେଳବାଇ ଜଙ୍କସନର ୩ ନମ୍ବର ପ୍ଲାଟଫର୍ମରୁ ଅବକାରୀ ପୁଲିସ ତଥା ଆରପିଏଫ ଦ୍ୱାରା ଚଢ଼ଉ କରାଯାଇ ୩୦, ୫୦୦ କିଲୋଗ୍ରାମ ଗଞ୍ଜାଇ ଜବତ କରାଯାଇଛି। ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରାଙ୍କ ସୂଚନା କ୍ରମେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ତହଁସିର ଗ୍ରାମର ବିଜୟ ବାଗ, ବୋରିଙ୍ଗପଦର ଗ୍ରାମର ସପ୍ତେ ବାଗ ଏବଂ ଉତ୍ତରପ୍ରଦେଶ ରାଜ୍ୟ ଝାନସୀ ରକ୍ସାର ତୁଳସୀ ଦାଶ ଟ୍ରେନରେ ରାୟପୁର ଏବଂ ଝାନସୀକୁ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିଲେ। ଖବରପାଇ ଅବକାରୀ ଅଧିକାରୀ ଶ୍ରୀ ବେହେରାଙ୍କ ସମେତ କଣ୍ଟାବାଞ୍ଜି ରେଞ୍ଜ ଅବକାରୀ ଅଧିକାରୀ ସଚିନ ବେହେରା, ଆରପିଏଫ୍ ଏସଆଇ ସନ୍ତୋଷ ମୀନା, ଏଏସ୍ଆଇ ଭୃଗୁପତି ଦିଗାଲ, ବୁଲୁ ସେଠୀ, କୁମୁଦିନୀ ମଲ୍ଲିକ, ସିଆଇବିର ଅଶୋକ ବେହେରା ଚଢ଼ଉ କରିବା ସହ ଅଭିଯୁକ୍ତଙ୍କ ପାଖରୁ ପ୍ରାୟ ୩ ଲକ୍ଷ ୫୫ ହଜାର ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କ ଆଜି ଟିଟିଲାଗଡ଼ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।



# ଯୁବକଙ୍କୁ ଛୁରାମାଡ଼ ଘଟଣା : ଦୁଇ ଗିରଫ

**ଦେଓଗାଁ, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା କୁତୁର୍ଲା ପଞ୍ଚାୟତ ମୁରସିଂହ ପର୍ଶୁପାଲିର ଜଣେ ଯୁବକଙ୍କୁ ଛୁରାମାଡ଼ରେ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୁରସିଂ ଗ୍ରାମର ସ୍ୱରୂପ ଅଦାବରିଆ ଓରଫ ମିଲନ(୧୯) ଓ ମୂରଳୀ ଦଲପତ ଓରଫ ଲୁଲୁ (୨୦)। ଗତ ୭ ତାରିଖ ସନ୍ଧ୍ୟାରେ ନିକଟସ୍ଥ ପର୍ଶୁପାଲିର ଦୁଲେଶ୍ୱର ନାଗଙ୍କୁ ଜଣେ ଦୁର୍ବୃତ୍ତ ଅତର୍କିତ ଭାବେ ଛୁରି ଭୁସି ଦେଇଥିଲା। ଫଳରେ ଯୁବକଙ୍କ ପେଟର ଅନ୍ତବୁଜୁଳି ବାହାରିପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଏଥିରେ ତାଙ୍କସହ ଥିବା ପ୍ରେମଲାଲ ବିଶି ମଧ୍ୟ ଆହତ ହୋଇଥିଲେ। ଦେଓଗାଁ ପୁଲିସ ଉଭୟ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଦେଓଗାଁ ଓ ପରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିବା ବେଳେ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। ଏବେ ସେ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୁଲିସ ସୂଚନା ଦେଇଛି।

# ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ନାମରେ ଠକେଇ

**ବଲାଙ୍ଗିର, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ନାମରେ ଟଙ୍କା ସଂଗ୍ରହ କରାଯାଉଥିବା ଅଭିଯୋଗ ହେଉଛି। କିଛି ଦଲାଲ ପ୍ରକୃତିର କୁଜିନେତା ଏହିଭଳି କାରବାର ଚଲାଇଥିବାବେଳେ ନୀରିହଲୋକଙ୍କଠାରୁ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ଆସୁଥିବାବେଳେ ବିଭିନ୍ନ ବ୍ଲକର ପ୍ରଶାସନିକ ଅଧିକାରୀ ଏହାକୁ ଅସ୍ୱୀକାର କରିଆସୁଥିବା ବେଳେ ଆଗଲପୁର ବିଡିଓ କିନ୍ତୁ ଏନେଇ ଲୋକଙ୍କୁ ସଚେତନ କରାଇଥିବା ଦେଖିବାକୁ ମିଳିଛି। ସେ ଚିଠି ମାଧମରେ ଏହାକୁ ସ୍ୱୀକାର କରି କେହି ଟଙ୍କା ନଦେବାକୁ ପରାମର୍ଶ ଦେଇଛନ୍ତି।

'ସରକାରୀ ଦଳ ଓ ବିଭାଗ ସହ ଆମର ରହିଛି ଘନିଷ୍ଠ ସମ୍ପର୍କ। ଆପଣଙ୍କୁ ଯଦି ସହାୟତା ଦରକାର ତେବେ କିଛି ଟଙ୍କା ଦିଅନ୍ତୁ ବାକିତକ କାମ ଆମର। ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ବାବଦକୁ ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ଆପଣଙ୍କ ପାଇଁ ବ୍ୟବସ୍ଥା କରିଦେବୁ'। କିଛି ଏହିଭଳି କହି ଦଲାଲମାନେ ନୀରିହ ଲୋକଙ୍କୁ ଠକେଇ କରିଚାଲିଥିବା ଅଭିଯୋଗ ହୋଇଆସୁଛି। ବିଶେଷ କରି ବିଜେପି ସରକାର ଗଢିବା ପରେ ସରକାରୀ ଦଳର କିଛି କୁଜିନେତା ଏହି କାରବାର ଚଲାଇଥିବା ଅଭିଯୋଗ ହୋଇଛି। ଅବଶ୍ୟ ଏନେଇ କେହି ଥାନାରେ ଅଭିଯୋଗ କରିନାହାନ୍ତି କିନ୍ତୁ ଆଗଲପୁର ବିଡିଓ କୁଳଦୀପ ମହାନ୍ତି ଜାରିକରିଥିବା ଏକ ସଚେତନତା ନୋଟିସ ଏହି ଅଭିଯୋଗକୁ ସତ୍ୟ ପ୍ରମାଣିତ କରିଛି। ବିଶେଷକରି ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀରୁ ଏହିଭଳି ଏକାଧିକ ଅଭିଯୋଗ ସାମ୍ନାକୁ ଆସିଛି। ଶ୍ରୀ ମହାନ୍ତି ଉକ୍ତ ନୋଟିସରେ ଏନେଇ ସଚେତନ କରିଛନ୍ତି। ସେ ଲେଖିଛନ୍ତି କିଛି ଦିନ ହେଲା କିଛି ବ୍ୟକ୍ତି ଆଗଲପୁର ବ୍ଲକର ନୀରିହ, ସାମାଜିକ ଅସୁରକ୍ଷିତ ବ୍ୟକ୍ତି, ଅସହାୟ ବିଧବା, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ, ଗରିବ ମାନଙ୍କୁ ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା କରାଇଦେବା ନାମରେ ଠକେଇ କରୁଥିବା ସେ ଜାଣିବାକୁ ପାଇଛନ୍ତି। ତେବେ ଏହିଭଳି ସହାୟତା ପ୍ରଦାନ ପାଇଁ ଟଙ୍କା କରାବାର କରାଯାଇନଥାଏ ଓ କେହି ବି ଏଥିପାଇଁ ଟଙ୍କା ନଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରାୟ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବା ନେଇ ଠକେଇ କରୁଥିବା ବେଳେ ଏଥିରୁ ଦୂରେଇ ରହିବାକୁ ସେ କହିଛନ୍ତି। ତେବେ ଆଗଲପୁର ବିଡିଓଙ୍କ ଏହି ଚିଠି ଅନେକ କଥା ସାମ୍ନାକୁ ଆଣୁଛି। ଲୋଇସିଂହା ନିର୍ବାଚନମଣ୍ଡଳୀରେ ଚାଲିଥିବା ଠକେଇ କାରବାରକୁ ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କିଛିମାସ ପୂର୍ବରୁ ଚାକିରି, ବଦଳି କରାଇଦେବା ନାମରେ ନକଲି ଚିଠିଦେଇ ଟଙ୍କା କାରବାର ଲୋଇସିଂହା ଅଞ୍ଚଳରୁ ସାମ୍ନାକୁ ଆସିଥିଲା। ସେହିପରି ଏହାପୂର୍ବରୁ ଉପମୁଖ୍ୟମନ୍ତ୍ରୀଙ୍କ ନାମନେଇ ଠକେଇ କରାଯାଉଥିବାନେଇ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ସରକାରୀ ସହାୟତା ନାମରେ ଏହିଭଳି ଠକେଇ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟକରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ଆଗଲପୁର ବିଡିଓ ଜାରିକଲେ ନୋଟିସ

## ଅସହାୟ, ବିଧବା, ଭିନ୍ନକ୍ଷମଙ୍କ ଠାରୁ ଅସୁଲି ହେଉଛି ଟଙ୍କା

# ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ






**ବଲାଙ୍ଗିର, ୧୦।୭ (ସମିସ):** ବଲାଙ୍ଗିର ଆନନ୍ଦ ନିକେତନ ଆଶ୍ରମ, ଖୁଜେନପାଲି ଠାରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ସନ୍ନ୍ୟାସୀ ମାନଙ୍କ ଦ୍ୱାରା ଗୁରୁଦେବଙ୍କ ଗୁରୁ ପୂଜନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ବିଶ୍ୱାମ୍ ଚେତନା ପରିଷଦ ଦ୍ୱାରା ପ୍ରଭାତ କୁମାର ତ୍ରିପାଠୀଙ୍କୁ ବିଶ୍ୱାମ୍ବି ଚେତନା ସମ୍ମାନ ୨୦୨୪, ଆରତି ଆଚାର୍ଯ୍ୟଙ୍କୁ ବିଶ୍ୱାଗ ଚେତନା ପ୍ରଜ୍ଞାଶକ୍ତି ସମ୍ମାନ ୨୦୨୪, ଆନନ୍ଦ ଚନ୍ଦ୍ର ପ୍ରାଧାନଙ୍କୁ ବଶ୍ୱଚେତନା ବିଶିଷ୍ଟ କର୍ମଯୋଗୀ ସମ୍ମାନ ୨୦୨୪, ଚନ୍ଦ୍ରକୁମାର ପୁରୋହିତଙ୍କୁ ବିଶ୍ୱାଗ ଚେତନା କର୍ମଯୋଗୀ ସମ୍ମାନ ୨୦୨୪ ଏବଂ ସମ୍ବିତ୍ କୁମାରଙ୍କୁ ବିଶ୍ୱାଗା ଚେତନା ପ୍ରତିଭା ସମ୍ମାନ - ୨୦୨୪ ପ୍ରଦାନ କରାଯାଇଥିଲା।

## ସରସ୍ୱତୀ ଶିଶୁମନ୍ଦିର

**ଦେଓଗାଁ :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଓ ଜରାସିଂହା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗୁରୁବାର ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବଳଦେବ ମାଝୀ, ପରିଚାଳନା କମିଟି ସଭାପତି ଡ. ଶିବବ୍ରତ ଦାସ ଯୋଗଦେଇ ଥିଲେ। ଗୁରୁମା ପ୍ରଭାସିନୀ ପ୍ରଧାନ ଗୁରୁ ବେଦବ୍ୟାସଙ୍କ ବିଷୟରେ ଧାରଣା ପ୍ରଦାନ କରିଥିବାବେଳେ ଗୁରୁଜୀ ଭୁବନେଶ୍ୱର ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ଗୁରୁଜୀ କୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓମ୍ ଶାନ୍ତି ଯୋଗପୀଠ

**ବଲାଙ୍ଗିର :** ସ୍ଥାନୀୟ ରାଜେନ୍ଦ୍ର ପାର୍କରେ ଓମ୍ ଶାନ୍ତି ଯୋଗପୀଠ ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳନ କରାଯାଇଛି। ସମ୍ପାଦକ ଚୁଡେନ୍ଦ୍ର କୁମାର ବେହେରାଙ୍କ ସଂଯୋଗଜନାରେ ଗୁରୁ ରାମଦେବ ବାବାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଚିତ୍ତରଞ୍ଜନ ପଟେଲ, ପ୍ରଦ୍ୟୁମ୍ନ ଗଡ଼ତ୍ୟା, ସତ୍ୟନାରାୟଣ ନାଏକ, ଚନ୍ଦ୍ରପ୍ରକାଶ ଅଗ୍ରୱାଲ, ଦେବୀ ପ୍ରସାଦ ଅଗ୍ରୱାଲ, ସାଜନ ଅଗ୍ରୱାଲ, ମନୋରଞ୍ଜନ ମିଶ୍ର, ତ୍ରିଲୋଚନ ଦାଶ, ପ୍ରମୋଦ କୁମାର ଗୁରୁ, ଦାମୋଦର ଓତା, ଜଗଦିଶ ପ୍ରସାଦ ଅଗ୍ରୱାଲ ଓ କବଳଜୀତ ସିଂ ଉପସ୍ଥିତ ଥିଲେ। ସହ-ସମ୍ପାଦକ ରୋହିତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗିର - ସୋନପୁର କଂକ୍ରିଟ ରାସ୍ତାର ଅବସ୍ଥା ବେହାଲ

# ଚାରିଆଡେ ଫାଟ; ବର୍ଷ ସାରା ଚାଲିଛି ମରାମତି

ବଲାଙ୍ଗିର, ୧୦।୭ (ସମିସ)

ଯୁଆଡେ ଦେଖିଲେ ସିଆଡ଼େ ଫାଟ। ବର୍ଷ ତମାମ ଫାଟ ମରାମତି କରିବାରେ ଲାଗିଛି ଜାତୀୟ ରାଜପଥ ବିଭାଗ। ଯେଉଁଠି ମରାମତି ହେଉଛି ସେଠାରୁ ପୁଣି ଫାଟ ଆରମ୍ଭ ହେଉଛି। ଏହିଭଳି ରାସ୍ତାର ଦୁରାବସ୍ଥା ବଲାଙ୍ଗିର - ସୋନପୁର ୫୭ ନଂ ଜାତୀୟ ରାଜପଥରେ ଦେଖିବାକୁ ମିଳିଛି। ବଲାଙ୍ଗିର - ସୋନପୁର ରାସ୍ତା ପ୍ରଶସ୍ତ ଓ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବା ବେଳେ କିଛିବର୍ଷ ଭିତରେ ଏହିଭଳି ଫାଟ ଯୋଗୁଁ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଟୋଲ ବାବଦକୁ ଏହି ରାଜପଥରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଉଥିବା ବେଳେ ଯେଉଁଭଳି ଭାବେ ରାସ୍ତାର ରକ୍ଷଣାବେକ୍ଷଣ କରାଯିବା କଥା ସେହି ଅନୁସାରେ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଦେଇ ଯାଇଛି ୫୭ ନଂ ଜାତୀୟ ରାଜପଥ। ଏହି ରାଜପଥ ବଲାଙ୍ଗିର ଓ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ବେଳେ ଏହା ସୋନପୁର ଦେଇ ଯାଇଛି। ପୂର୍ବରୁ ଏହି ରାଜପଥ ବଲାଙ୍ଗିରରୁ ସୋନପୁର ଅଂଶଟି ସଂକୀର୍ଣ୍ଣ ଓ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ଫଳରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ନଷ୍ଟ ହେଉଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗତ ୨୦୧୪ - ୧୫ ମସିହାରେ ଏହି ରାଜପଥର ବଲାଙ୍ଗିର - ସୋନପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ କରାଯିବା ସହ କଂକ୍ରିଟ ରାସ୍ତା ନିର୍ମାଣ କରିଥିଲା ଜାତୀୟ ରାଜପଥ ବିଭାଗ। ଅତ୍ୟାଧୁନିକ ବ୍ୟବସ୍ଥାରେ ନିର୍ମାଣ ହୋଇଥିବା ଏହି ରାସ୍ତା ଉପରେ ପ୍ରତ୍ୟହ ଶହ ଶହ ଭାରୀଯାନ ଚଳାଚଳ କରିଥାଏ। ସେହିପରି ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ାରୁ ଭୁବନେଶ୍ୱରକୁ ରାତ୍ରି ସମୟରେ ସରକାରୀ ଓ ଘରୋଇ ବସ୍ ଯାତାୟାତ କରିଥାଏ। ତେବେ ଏହି ଜାତୀୟ ରାଜପଥରେ ଏବେ ବଡ଼ ସମସ୍ୟା ସାଜିଛି ନିୟମିତ ରାସ୍ତାରେ ଦେଖାଯାଉଥିବା ଫାଟ। କଂକ୍ରିଟ ରାସ୍ତାର ଅନେକ ସ୍ଥାନରେ ଫାଟ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହି ଫାଟ ପାଇଁ କଂକ୍ରିଟ ରାସ୍ତାକୁ କାଟି ପୁଣି ସେଠାରେ କଂକ୍ରିଟ ଦିଆଯାଇ ମରାମତି କରାଯାଉଥିବା ଦେଖିବାକୁ ମିଳିଛି। ତେବେ ମେସିନ ବ୍ୟବହାର କରି କଟାଯାଉଥିବା କଂକ୍ରିଟକୁ ମରାମତି କରାଯାଉଛି ସତ କିନ୍ତୁ ଉକ୍ତ ମେସିନର ଭାଇବ୍ରେସନରେ ଉକ୍ତ ମରାମତି ଫାଟକୁ ଲାଗି ପୁଣି ଫାଟ ହେଉଥିବା ଅଭିଯୋଗ ହୋଇଛି। ବର୍ଷ ତମାମ କେଉଁଠି ନା କେଉଁଠି ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତାର ଫାଟ ମରାମତି କରାଯାଉଥିବା ବେଳେ ଏହାର କୌଣସି ସ୍ଥାୟୀ ସମାଧାନର ବ୍ୟବସ୍ଥା କରାଯାଉନାହିଁ। ଏହି ୪୦ କିମି ରାସ୍ତାରେ ତିଆରି ହୋଇଥିବା ପୋଲ ମାନଙ୍କର ଉପରସ୍ତରର କଂକ୍ରିଟ ନଷ୍ଟ ହୋଇ ଲୁହାଛଡ ଦେଖାଯାଉଥିବା ଅଭିଯୋଗ ହୋଇଛି। ରାସ୍ତାରେ ହେଉଥିବା ଉକ୍ତ ଫାଟ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାର ଶୀକାର ହେଉଛନ୍ତି। ଫଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏଥିପ୍ରତି ଦୃଷ୍ଟି ଦେଇ ଜାତୀୟ ରାଜପଥ ବିଭାଗ ଏହି ଫାଟ ମରାମତିର ସ୍ଥାୟୀ ସମାଧାନ କରିବା ପାଇଁ ଦାବି ହୋଇଛି।



**ମାସକରେ ରାଜଧାନୀର ୩୦୦ ଲୋକଙ୍କୁ 'ଡକ୍ଟରେଟ୍'**

# ଡିଗ୍ରୀ ଗୋଟାକୁ ୮ ହଜାର!

**ଭୁବନେଶ୍ୱର,୧୦।୭(ସମିସ):** ବଜାରରେ ବିକ୍ରି ହେଉଛି 'ଡକ୍ଟରେଟ୍' ଡ଼ିଗ୍ରୀ। ମୂଲ୍ୟ ବି ବେଶୀ ନୁହେଁ, ମାତ୍ର ୧୦୦ ଡ଼ଲାର। ହିସାବ କଲେ ୮୦୦୦ରୁ ୮୫୦୦ ଟଙ୍କା। ଏତିକି ଟଙ୍କା ଦେଲେ ଘରେ ଆସି ପହଞ୍ଚିବ ଡ଼କ୍ଟରେଟ୍ ଡ଼ିଗ୍ରୀ। ଏଥିପାଇଁ ପାଠଶାଠ ଲୋଡ଼ା ନାହିଁ, ଗବେଷଣା ବି ଦରକାର ନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିଲେ ବି ଚଳିବ, ଦଶମ ପାସ୍ କରି ନଥିଲେ ମଧ୍ୟ ମିଳିଯିବ 'ଡକ୍ଟରେଟ୍' ଉପାଧି; ପୁଣି ଦେଶ ବିଦେଶର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ। ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବେଶ୍ ପ୍ରଚାର ହେଉଛି, ବିଜ୍ଞାପନ ପ୍ରକାଶ ପାଉଛି । ମାତ୍ର କେହି ଏହାର ପ୍ରତିବାଦ କରୁନାହାନ୍ତି, ଓଲଟି ବିନା ପରିଶ୍ରମ ଓ ବିନା ପାଠରେ ନାମ ଆଗରେ ଡ଼କ୍ଟରେଟ୍ ଲଗାଇବାକୁ ଲୋକ ଧାଡ଼ି ଲଗାଇଛନ୍ତି। ଗତ ମାସେ ମଧ୍ୟରେ ରାଜଧାନୀର ପାଖାପାଖି ୩୦୦ ଲୋକଙ୍କ ସହ ରାଜ୍ୟର ପ୍ରାୟ ୫୦୦ ଲୋକ ଏପରି ଡ଼କ୍ଟରେଟ୍ ଡ଼ିଗ୍ରୀ କିଣିଥିବା ସୂଚନା ମିଳିଛି ।

ସାମାଜିକ ଗଣମାଧ୍ୟମରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଡକ୍ଟରେଟ୍' ଉପାଧି ପାଇଁ ମାଳମାଳ ବିଜ୍ଞାପନ ଆସୁଛି। କିଏ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମୋଦନପ୍ରାପ୍ତ ବୋଲି ଉଲ୍ଲେଖ କରିଛି ତ ଆଉ କିଏ ଗ୍ଲୋବାଲ୍ ମାନ୍ୟତାପ୍ରାପ୍ତ ଲେଖିଛନ୍ତି। ଏଥିପାଇଁ ଯେକେହି ଆବେଦନ କରିପାରିବେ ବୋଲି କୁହାଯାଉଛି। ନାମ ଆଗରେ ଶ୍ରୀଯୁକ୍ତ, ଶ୍ରୀମତୀ ବଦଳରେ ଡ. ଲଗାଇବାକୁ ସୁବର୍ଣ୍ଣ ସୁଯୋଗ ବୋଲି ଉଲ୍ଲେଖ କରୁଛନ୍ତି। ଆମେରିକୀୟ ସଂସ୍ଥା ଏମ୍‌ଲି ଓ ଆମେରିକାନ୍ ମେରିଟ୍ କାଉନ୍‌ସିଲ

- ■ ଗାଉନ୍ ପିନ୍ଧି ଫଟୋ ଉଠାଇଲେ ଲାଗୁଛି ଦୁଇଗୁଣା ଫି'
- ■ ସମାଜ ସେବା କ୍ଷେତ୍ର ପାଇଁ ମାସକରେ ମିଳୁଛି ଉପାଧି
- ■ ୧୦୦ ଡ଼ଲାର ଦେଲେ ଦଶମ ଫେଲ୍ ବି 'ଡକ୍ଟରେଟ୍'

ନିଜକୁ ୟୁଜିସି ମାନ୍ୟତାପ୍ରାପ୍ତ ଦର୍ଶାଇଛନ୍ତି। 'ଡକ୍ଟରେଟ୍' ପାଇଁ ମାତ୍ର ଶହେ ଡଲାର୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୮୫୦୦ ଟଙ୍କା ରଖିଛନ୍ତି। ସେହିପରି ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍‌ସ ମାତ୍ର ମାସେ ମଧ୍ୟରେ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିବ ବୋଲି ଉଲ୍ଲେଖ କରିଛି। ବରିଷ୍ଠ ନାଗରିକ, ମହିଳା, କଳାକାର ଓ ଶିକ୍ଷାବିତ୍‌ଙ୍କ ପାଇଁ ସ୍ପେଶାଲ୍ ଅଫର୍ ମଧ୍ୟ ରହିଛି। ୧୪,୯୯୯ ଟଙ୍କା ଦେଇ ସେମାନେ ଉପାଧି ନେଇ ପାରିବେ। ଆଉ ଏକ ସଂସ୍ଥା ଗ୍ଲୋବାଲ୍ ହ୍ୟୁମାନ୍ ରାଇଟ୍ ଟ୍ରଷ୍ଟ ପକ୍ଷରୁ ଦୁଇ ପ୍ରକାର ଦର ଧାର୍ଯ୍ୟ କରାଯାଇଛି। 'ଡକ୍ଟରେଟ୍' ଉପାଧି କୋରିଅର୍‌ରେ ନେବାପାଇଁ ହେଲେ ୧୨,୫୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଜୋତା, ମୋଜା, କୋର୍ଟ ଓ ଗାଉନ୍ ପିନ୍ଧି ଫଟୋ ଉଠାଇ ଉପାଧି ନେଲେ ୨୮, ୫୦୦ ଟଙ୍କା ପଡ଼ିବ ବୋଲି କୁହାଯାଇଛି। ସେହିପରି ଅନରାରି ଡକ୍ଟରେଟ୍ ଆୱାର୍ଡେଡ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ଉଷା ମାର୍ଟିନ୍ ୟୁନିଭର୍ସିଟି, ବିଦ୍ୟା ବାଚସ୍ପତି, ଏମ୍‌କେ ୟୁନିଭର୍ସିଟି, କଲେଜ୍ ବିଦ୍ୟା, ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍, ଏଡ୍‌ଜେୱେଡ୍ କଲେଜ ପରି ମାଳମାଳ ବିଶ୍ୱବିଦ୍ୟାଳୟ ସେମାନଙ୍କ ଠାରୁ 'ଡକ୍ଟରେଟ୍' ଉପାଧି ନେବାପାଇଁ ଅଫର୍ ଦେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେବା କ୍ଷେତ୍ରରେ ହିଁ ଏସବୁ ଉପାଧି ଦିଆଯାଉଛି।

'ଡକ୍ଟରେଟ୍' ଏକ ସମ୍ମାନଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ଉପାଧି ଭାବେ ବିବେଚନା କରାଯାଏ। ନାମ ପୂର୍ବରୁ ଡ. ଲାଗିଲେ ମନରେ ସମ୍ମାନ ଭାବ ଜାଗ୍ରତ ହୁଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚ୍‌ଡ଼ି ଡିଗ୍ରୀ ପ୍ରଦାନ କରିଥାଆନ୍ତି; ସେହିପରି ବିଭିନ୍ନ ଗବେଷଣାରେ ଉତ୍ତୀର୍ଣ୍ଣ ପରେ ଗବେଷକମାନଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥାଏ। ମାତ୍ର ଏବେ ସାମାଜିକ ଗଣମାଧ୍ୟମରେ ଖୋଲାଖୋଲି "ଡକ୍ଟରେଟ୍' ଡିଗ୍ରୀ ବିକ୍ରି ହେଉଛି ଓ କିଣିବାକୁ ଗ୍ରାହକ ମଧ୍ୟ ପ୍ରବଳ। ବିଶେଷ କରି ରାଜନୈତିକ ରୁଚି ରଖିଥିବା ବ୍ୟକ୍ତିମାନେ ଏହାର ପ୍ରମୁଖ ଗ୍ରାହକ ପାଲଟିଛନ୍ତି। ଫେସବୁକ୍‌ରେ ବ୍ଲୁ ଟିକ୍ ସହ ଡ. ଲେଖି ନିଜର ପତିଆରା ବଢ଼ାଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଏସବୁ ଉପାଧି ଦେବାକୁ ସ୍ୱତନ୍ତ୍ର ଉତ୍ସବ ଆୟୋଜନ ହେଉଛି। ନିକଟରେ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଭୁବନେଶ୍ୱରରେ ପ୍ରାୟ ୩ଶହ ଲୋକଙ୍କୁ ଉପାଧି ପ୍ରଦାନ କରାଯାଇଥିବାବେଳେ ରାଉର୍‌କେଲାରେ ଏକ ସମାରୋହ କରିବାକୁ ବିଜ୍ଞାପନ ଜାରି କରିଛି। ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ। ଫଳରେ ଡକ୍ଟରେଟ୍ ଉପାଧିର ମାନ ମାଟିରେ ମିଶିବା ସହ ମାଳମାଳ ଡକ୍ଟରେଟ୍‌ଧାରୀ କାୟାବିସ୍ତାର କଲେଣି। ସରକାର ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

**ଡ୍ରାଇଭର ସଂଘ ଆନ୍ଦୋଳନ**

## ଡ୍ରାଇଭରଙ୍କ ମାଡ଼ରେ ଡ୍ରାଇଭର ଆହତ

**ବଲାଙ୍ଗିର,୧୦।୭(ସମିସ):** ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ଡ୍ରାଇଭର ମହାସଂଘ ନିଷ୍ପତ୍ତି ଅନୁସାରେ ଜିଲ୍ଲା ଶାଖା ପକ୍ଷରୁ ଦୁଇଦିନ ଶାନ୍ତିପୂର୍ଣ୍ଣ ଭାବେ



ଆନ୍ଦୋଳନ ଚାଲିଥିବା ବେଳେ ତୃତୀୟ ଦିନରେ କିଛି ସ୍ଥାନରେ ଅଶାନ୍ତି ଦେଖିବାକୁ ମିଳିଛି। ପୁଇଁନ୍ତଳା ଥାନା ବଇରାସର ଟୋଲଗେଟ୍ ନିକଟରେ ଜଣେ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା ବେଳେ ସହର ଭିତରେ ଅନେକ ଗାଡ଼ିକୁ ଜବରଦସ୍ତି ଅଟକାଯାଇଥିଲା। ଫଳରେ ଡ୍ରାଇଭରମାନଙ୍କ ଭିତରେ ଟଣାଓଟରା ଚାଲିଥିବା ଦେଖିବାକୁ ମିଳିଥିଲା।

ଚନା ଅନୁସାରେ ଶୁକ୍ରବାର ଅପରାହ୍ଣରେ ଏକ ଗାଡ଼ି ସୋନପୁରରୁ ବଲାଙ୍ଗିର ଆସୁଥିବା ବେଳେ ଆନ୍ଦୋଳନରତ ଡ୍ରାଇଭରମାନେ ବଇରାସରଠାରେ ଗାଡ଼ିକୁ ଅଟକାଇଥିଲେ। ଉକ୍ତ ସ୍ଥାନରେ ତାଙ୍କ ସହ ଡ୍ରାଇଭର ମନୋଜ ବଗର୍ତ୍ତିଙ୍କ ପାଟିତୁଣ୍ଡ ହେବା ପରେ ତାଙ୍କୁ ଆକ୍ରମଣ କରାଯାଇଥିବା ମନୋଜ ଅଭିଯୋଗ କରିଛନ୍ତି। ମନୋଜଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେ ଏନେଇ ପୁଇଁନ୍ତଳା ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ସେହିପରି ସହର ଭିତରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ଡ୍ରାଇଭର୍‌ମାନେ ଜବରଦସ୍ତି ଅଟକାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟସ୍ଥାନମାନଙ୍କରେ ମଧ୍ୟ ରାଜପଥରେ ଯାଉଥିବା ଗାଡ଼ିକୁ ଅଟକାଇ ଡ୍ରାଇଭର ସଂଘ ଗାଡି ଓ ଡ୍ରାଇଭରଙ୍କୁ ଅଟକାଇ ତାଙ୍କ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

## ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ

**ବିସ୍ଥାପିତଙ୍କଠାରୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ**

**ରାଉରକେଲା, ୧୦।୭ (ସମିସ):** ଜଣେ ବିସ୍ଥାପିତଙ୍କ ଘର ବାବଦ ଅର୍ଥ ପ୍ରଦାନ ପାଇଁ ତାଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ ତଥା ଝୁପୁରଙ୍ଗା-ତୁମୁଲିଆ ପ୍ରୋଜେକ୍ଟର ଡିସଭର୍ସମେଣ୍ଟ ସେଲ୍‌ର ମୁଖ୍ୟ ଅଖିଳେଶ କୁମାର ବର୍ମା ସିବିଆଇ ପଞ୍ଝାରେ ପଡ଼ିଛନ୍ତି। ସିବିଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି।



ସୂଚନା ମୁତାବକ, ଅଖିଳେଶ ଝୁପୁରଙ୍ଗାର ଜଣେ ବିସ୍ଥାପିତଙ୍କଠାରୁ ଘର ବାବଦରେ ମୋଟ ୧୧ଲକ୍ଷ ୩୭ ହଜାର ୫୯୫ ଟଙ୍କା ରିଲିଜ୍ କରିବା ପାଇଁ ଅଖିଳେଶ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବିସ୍ଥାପିତ ପ୍ରଥମେ ୧୦ହଜାର ଟଙ୍କା ଦେଇସାରିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ତାଙ୍କଠାରୁ ଅଖିଳେଶ ୨୦ହଜାର ଟଙ୍କା ନେଉଥିଲେ। ଏତିକିବେଳେ ପୂର୍ବ ଯୋଜନା ମୁତାବକ, ଛକି ବସିଥିବା ସିବିଆଇର ଏକ ଦଳ ତାଙ୍କୁ ଲାଞ୍ଚ ଟଙ୍କା ସହ ମାଡ଼ି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ବସୁନ୍ଧରାସ୍ଥିତ ତାଙ୍କ ଅଫିସ୍ ଓ ଏମ୍‌ସିଏଲ୍ କ୍ୱାର୍ଟରରେ ଚଢ଼ଉ କରିଥିଲେ।

ସିବିଆଇ ପକ୍ଷରୁ କୁହାଯାଇଛି ଯେ ଏମ୍‌ସିଏଲ୍‌ର ସୁନ୍ଦରଗଡ଼ ଜିଲ୍ଲା ବସୁନ୍ଧରା ଏରିଆ ମୁଖ୍ୟ ପ୍ରବନ୍ଧକ (ଖଣି) ଅଖିଳେଶ ବର୍ମା ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ଧରାପଡ଼ିଛନ୍ତି। ସେ ଜଣେ ବିସ୍ଥାପିତଙ୍କ ଘର ବାବଦକୁ ମୋଟ ୧୧ ଲକ୍ଷ ୩୭ହଜାର ୫୯୫ ଟଙ୍କା ରିଲିଜ କରିବା ପାଇଁ ଏହି ଟଙ୍କା ନେଉଥିଲେ। ଚଢ଼ଉ ବେଳେ ଏହି ଲାଞ୍ଚ ଟଙ୍କା ଜବତ ହୋଇଛି। ଆଜି ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସିବିଆଇ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏମ୍‌ସିଏଲ୍ ପକ୍ଷରୁ ଅନ୍ୟ ବିସ୍ଥାପିତଙ୍କୁ ଦିଆଯାଇଥିବା ଅର୍ଥ ସେମାନଙ୍କ ପାଖରେ ପହଞ୍ଚିଛି କି ନାହିଁ ତାର ଖୋଳତାଡ଼ ଆରମ୍ଭ କରିଛି ସିବିଆଇ।

## ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଏ କି ସମ୍ମାନ?

**ପୁରୀ,୧୦।୭(ସମିସ):** ମହାପ୍ରଭୁଙ୍କୁ ଅସମ୍ମାନ। ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବି ଏଭଳି ଚିତ୍ର ଆସୁଛି। ହେଲେ ଖୋଦ୍ ଶ୍ରୀକ୍ଷେତ୍ରରେ ବି ମହାପ୍ରଭୁଙ୍କୁ ମିଳୁନି ସମ୍ମାନ। ଖୋଲାମେଲାରେ ପକାଇ ଦିଆଯାଇଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ। ମହାପ୍ରଭୁଙ୍କ ପ୍ରମାଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରୁ ଆସିଛି ଏଭଳି ଚିତ୍ର, ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦେଶ ବିଦେଶରୁ ଆସୁଥିବା ଅତିଥିଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଏକ ଆଧ୍ୟାତ୍ମିକତାର ରୂପ ଦିଆଯାଇଥିଲା। ପରିସରରେ ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ ଭକ୍ତ ତଥା ଅତିଥିମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ସୃଷ୍ଟି ହୋଇଥିଲା ରଥଯାତ୍ରାର ଭ୍ରମ। ଜଗନ୍ନାଥ ବଲ୍ଲଭ ମଠ ପରିସରରେ ବେଶ ପ୍ରଦର୍ଶନ ପାଇଁ ଏକ ବିରାଟ ସେଡ୍ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସିଂହାସନ କରାଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ବସାଯାଇଥିଲା। ଏଥିପାଇଁ ୩ ଫୁଟ୍ ଉଚ୍ଚତାର ଜଗନ୍ନାଥ ଓ ବଳଭଦ୍ରଙ୍କ ମୂର୍ତ୍ତି ତିଆରି କରାଯାଇଥିବା ବେଳେ ୨.୫ ଫୁଟ୍ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି କରାଯାଇଥିଲା। ପ୍ରାୟ ୪ ଫୁଟ୍‌ର ସିଂହାସନ ଉପରେ ଠାକୁରଙ୍କର ଏହି ବେଶ ସବୁ ରହିଥିଲା। ମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ, ସେହିଭଳି ବେଶ କରାଯାଇଥିଲା। ଜରି, ଜମ୍ମୁରା, ସୋଲ, ଅଠା ବିଭିନ୍ନ ପ୍ରକାର ମାଳି, କାର୍ଡବୋର୍ଡ ଆଦିରେ ଅଳଙ୍କାର ଓ ସାଜସଜ୍ଜା ସବୁ ତିଆରି ହୋଇଥିଲା। ପ୍ରଦର୍ଶିତ ହୋଇଥିବା ବେଶଗୁଡ଼ିକ ହେଉଛି ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ଲାଗି



**ଖୋଲାମେଲାରେ ପଡ଼ିଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ**

ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ। ଏହାବ୍ୟତୀତ ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଡୁଆର ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

ପ୍ରାୟ ମାସାଧିକ ଏହି ବେଶ ପ୍ରଦର୍ଶନୀକୁ ଲକ୍ଷାଧିକ ଭକ୍ତ ବୁଲି ଦେଖିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହୋଇଥିଲେ। ପରେ ଏହାକୁ ବନ୍ଦ କରିଦିଆଯାଇଥିଲା। ପ୍ରଦର୍ଶିତ ହୋଇଥିବା ବେଶ ବିଭବକୁ ନିକଟସ୍ଥ ଜେବିପିସି ବେସ୍‌ମେଣ୍ଟରେ ରଖାଯାଇଥିଲା। ଏକ ଆବଦ୍ଧ ଅଞ୍ଚଳରେ ମୂର୍ତ୍ତିସବୁ ରଖାଯାଇଥିଲା। ହେଲେ ଏବେ ମୂର୍ତ୍ତିଗୁଡ଼ିକ ଯେଉଁଭଳି ଅବସ୍ଥାରେ ଏଣେତେଣେ ପକାଯାଇଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଭକ୍ତ ମହେଶ୍ୱର ବେହେରା କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ଜଗନ୍ନାଥ ବଲ୍ଲଭ ପରିସରରେ ଯେଉଁ ବେଶ ପ୍ରଦର୍ଶନୀ ହୋଇଥିଲା ତାହା ବେଶ୍ ଆକର୍ଷଣୀୟ ଥିଲା। ହେଲେ ସେହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଏବେ ଜଗନ୍ନାଥ ବଲ୍ଲଭ ପରିସରରେ ଅବ୍ୟବସ୍ଥିତ ଭାବେ ପକାଇ ରଖାଯାଇଛି। ନିଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପି ସରକାର କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହନ୍ତି ଅନେକ ଭକ୍ତ, ଜଗନ୍ନାଥପ୍ରେମୀ ଗବେଷକ ଏଭଳି ଚିତ୍ରକୁ ନେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ମୂର୍ତ୍ତିଗୁଡ଼ିକ ବ୍ୟବସ୍ଥିତ ଭାବେ ରଖିବା ପାଇଁ ଦାବି କରିଛନ୍ତି।

**ଜାତୀୟସ୍ତରୀୟ କର୍ମଶାଳା**

## ଖଣିଜ ପାଣ୍ଠି ସଂଗ୍ରହରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୦।୭(ସମିସ):** ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ତରଫରୁ ନୂଆଦିଲ୍ଲୀଠାରେ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାର୍ଗଦର୍ଶିକା ଅନୁସାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା (ପିଏମକେକେୱାଇ) କାର୍ଯ୍ୟକାରୀ କରି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍ )ର ଉଲ୍ଲେଖନୀୟ ଉପଯୋଗିତା ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି। ୨୫ ଏପ୍ରିଲ୍ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ସାମଗ୍ରିକ ଭାବେ ୧,୦୮,୨୧୨.୪୨ କୋଟି ହୋଇଥିବାବେଳେ ଓଡ଼ିଶା ୩୧ ,୩୨୪ କୋଟି ଟଙ୍କା ସଂଗ୍ରହ କରି ଦେଶରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫ଟି ରାଜ୍ୟ ମଧ୍ୟରେ ପ୍ରଥମ ବିବେଚିତ ହୋଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରଶଂସାପତ୍ର ଓ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

କେନ୍ଦ୍ର ସରକାରଙ୍କ କୋଇଲା ଓ ଖଣି ବିଭାଗ ମାନ୍ୟବର ମନ୍ତ୍ରୀ ଜି. କିଶାନ ଯୋଗଦେଇ ଜିଲ୍ଲା ଖଣିଜ ପାଣ୍ଠି ସଂଗ୍ରହ ଓ କାର୍ଯ୍ୟକାରିତାରେ ଆଗୁଆ ଥିବା ଯୋଗୁଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ କେନ୍ଦ୍ର ଖଣି ସଚିବ ଏଲ୍ କାନ୍ତା ରାଓ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳଙ୍କ ସମେତ ଦେଶର ଅନ୍ୟ ବିଭିନ୍ନ ରାଜ୍ୟର ୪ ଜଣ ଜିଲ୍ଲାପାଳ ମିଳିତ ଭାବେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଏବଂ ଏହାର ଉପଯୋଗିତାରେ କିପରି ସ୍ୱଚ୍ଛତା ବଜାୟ ରହିପାରୁଛି, ସେ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଗୋଳ ଜିଲ୍ଲାପାଳଙ୍କ ଟିମ୍‌ର ସଦସ୍ୟମାନେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଓ ଏହାର କାର୍ଯ୍ୟକାରିତାରେ ରହୁଥିବା ଆହ୍ୱାନ ଓ ଏହାର ସମାଧାନ ସଂପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କଫିଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନୂଆଦିଲ୍ଲୀସ୍ଥିତ ଜନପଥଠାରେ ହସ୍ତତନ୍ତ ହାଟରେ ଆୟୋଜିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।

## ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

**ବାରିପଦା,୧୦।୭(ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ୫ଟି ଦେଶୀବନ୍ଧୁକ, ବିପୁଳ ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ସପଞ୍ଚୁଆ ଗ୍ରାମର କାର୍ତ୍ତିକ

**୫ଦେଶୀ ବନ୍ଧୁକ ଜବତ**



ସିଂ(୩୫) ଓ ରାମଚନ୍ଦ୍ର ଟୁଡୁ(୩୫)। ଏମାନେ ମାରଣାସ୍ତ୍ର ସହ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ସେମାନଙ୍କ ଫଟୋ ଏ.ଆଇ କ୍ୟାମେରାରେ କଏଦ୍ ହୋଇଥିଲା। ଉକ୍ତ ଫଟୋ ଆଧାରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସେମାନଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି।

## ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା, ୧୦।୭(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ(୨)ରେ ଗୁରୁବାର ଏକ ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୁମନ କୁମାର ମିଶ୍ର ମାମଲାର ବିଚାର କରି ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଦ୍ୱୟ ହେଲେ, ରାସଗୋବିନ୍ଦପୁର ଥାନା ଅଞ୍ଚଳର ସନ୍ତୋଷ ମହାନ୍ତ (୪୦) ଓ ସଞ୍ଜୟ ମହାନ୍ତ (୪୩)। ସୂଚନାଯୋଗ୍ୟ, ଗତ ୨୦୧୭ ଫେବୃଆରୀ ୨୨ରେ ଜଣେ ମହିଳା ଟ୍ରେନ୍‌ରୁ ଓହ୍ଲାଇ ରାତି ପ୍ରାୟ ୮ଟାରେ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ସନ୍ତୋଷ ଓ ସଞ୍ଜୟ ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ, ତାଙ୍କ ଛୁଆ ସହ ମହିଳାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ତେବେ ମହିଳାଙ୍କ ପାଟି ଶୁଣି ନିକଟସ୍ଥ ଗ୍ରାମର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଏ ସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ୍ କରାଯାଇଛି। ଅତିରିକ୍ତ ସରକାରୀ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ବଢ଼ିଲାନି ଆଳୁ ଉତ୍ପାଦନ**

## ସ୍ୱପ୍ନ ହୋଇ ରହିଗଲା ଶୀତଳଭଣ୍ଡାର

**ଭୁବନେଶ୍ୱର,୧୦।୭(ସମିସ):** ଗାଁରୁ ସହର ପର୍ଯ୍ୟନ୍ତ ଆଳୁ ଦର ଏବେ କିଲୋ ପିଛା ୨୦ ଟଙ୍କା ଓ ପିଆଜ ୨୫ ଟଙ୍କାରେ ବିକ୍ରି ହେଉଛି। କିଛି ମାସ ତଳେ ଉତ୍ପାଦନ ହୋଇଥିବାରୁ ଏହି ଦର ଗତ କିଛି ମାସ ହେଲା ସ୍ଥିର ରହିଛି। ମାତ୍ର ଆଉ ଦୁଇ ମାସ ପରେ ଆଳୁର ତିରୋଟାଭାବ ଦେଖାଯିବ। ସେତେବେଳେ ଓଡ଼ିଶାରେ ଆଳୁ କିଲୋ ୩୦ ଟଙ୍କା ଓ ପିଆଜ କିଲୋ ୫୦ ଟଙ୍କା ଛୁଇଁବ ବୋଲି ବଜାର ବିଶେଷଜ୍ଞମାନେ ଏବେଠୁ ଆକଳନ କଲେଣି। ଗତବର୍ଷ ଭଳି ରାଜ୍ୟରେ ପୁଣିଥରେ ଆଳୁ ସଂକଟ ଦେଖାଦେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଲାଣି। କାରଣ ଗତବର୍ଷ ଆଳୁ ସଂକଟ ସମୟରେ ସରକାର ଆଳୁ ଚାଷକୁ ନେଇ ବାହାସ୍ଫୋଟ ମାରିଲେ। ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ମଧ୍ୟ ବଡ଼ ବଡ଼ କଥା କହିଲେ। ଏହାରି ଭିତରେ ବର୍ଷେ ବିତି ଯାଇଥିଲେ ବି ଚାଷ କି ଶୀତଳଭଣ୍ଡାର କାର୍ଯ୍ୟ ପାଦେ ବି ଆଗେଇ ପାରିନି। କେବଳ କିଛି ଅଧିକ ମାତ୍ରାରେ ଚାଷୀଙ୍କୁ ଆଳୁ ବିହନ ବିକ୍ରି କରି ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଚୁପ୍ ବସିଗଲେ। ଅନ୍ୟପଟରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଜରିଆରେ ଚାଷୀଙ୍କୁ ଜୋର୍‌କରି ଆଳୁ ବିହନ ଯୋଗାଇ ଦିଆଗଲା। ହେଲେ ସେହି ବିହନ ସବୁ ପଚା ପଡ଼ିଲା। ଫଳରେ ଚାଷୀ ଚାଷ କରିପାରିଲା ନାହିଁ।



- ■ ଆଗକୁ ଦରବୃଦ୍ଧିରେ ପେଷି ହେବେ ଖାଉଟି
- ■ ଘୋଷଣାରେ ଅଟକିଛି ଶୀତଳଭଣ୍ଡାର ନିର୍ମାଣ
- ■ ଅଭାବୀ ବିକ୍ରିର ଶିକାର ହେବେ ରାଜ୍ୟର ଚାଷୀ


ତେଣୁ ଉତ୍ପାଦନ ବଢ଼ିବା ଆଶା ମଧ୍ୟ କ୍ଷୀଣ ହୋଇଗଲା। ରାଜ୍ୟରେ ଯେତିକି ଆଳୁ ଉତ୍ପାଦନ ହେଲା, ଶୀତଳଭଣ୍ଡାର ନ ଥିବାରୁ ବାହାର ରାଜ୍ୟର ବେପାରୀ ଚାଷୀଙ୍କଠାରୁ ଶାଗ-ମାଛ ଦରରେ କିଣିନେଲେ।

ସୂଚନାନୁସାରେ, ରାଜ୍ୟରେ ବର୍ଷକ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଓ ୩ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ରାଜ୍ୟରେ ପୂର୍ବରୁ ୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦିତ ହେଉଥିବାବେଳେ ଏବେ ୬ ଲକ୍ଷ ହେଉଛି ବୋଲି ସରକାର କହୁଛନ୍ତି। ସେହିଭଳି ପିଆଜ ପାଖାପାଖି ୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ହେଲେ ସଂରକ୍ଷଣ ବ୍ୟବସ୍ଥା ନ ଥିବା କାରଣରୁ ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ଆଳୁ କିଲୋ ପିଛା ୫ ଟଙ୍କା ଓ ପିଆଜ କିଲୋ ପିଛା ୧୦ଟଙ୍କାରେ ଚାଷୀଙ୍କଠାରୁ ବିଲ ମୁଣ୍ଡରୁ କିଣି ନେଉଛନ୍ତି। ଆଳୁ ପାଇଁ ଓଡ଼ିଶା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରୁଥିବାବେଳେ ପିଆଜ ଲାଗି ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଉପରେ ନିର୍ଭର କରୁଛି। ଓଡ଼ିଶାକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ବକଳା ରାଜ୍ୟ କରିବା ପାଇଁ ସରକାର ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ ବି କାଣିଚାଏ ବି ସେଥିରୁ ପୂରଣ କରିପାରିଲେନି। ଏବେ ପୂର୍ବଭଳି ପଶ୍ଚିମବଙ୍ଗ ହାତଟେକାକୁ ଚାହିଁ ବସିବାକୁ ପଡ଼ିବ ବୋଲି ବ୍ୟବସାୟୀଙ୍କ ମହଲରେ ଆଲୋଚନା ହେଉଛି।

ଆଳୁ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ହେଉଛି ଶୀତଳ ଭଣ୍ଡାର ସମସ୍ୟା। ଅଧିକାଂଶ ସମବାୟ ଶୀତଳଭଣ୍ଡାର ଅଚଳ ହୋଇପଡ଼ିଛି। ଘରୋଇ ଉଦ୍ୟମରେ ଶୀତଳଭଣ୍ଡାର ସ୍ଥାପନ ଲାଗି ଯେଉଁ ଉଦ୍ୟମ ହୋଇଥିଲା, ତାହା ସେତେଟା ସଫଳ ହୋଇନାହିଁ। ବିଶେଷକରି ଏ କ୍ଷେତ୍ରରେ ବିଦ୍ୟୁତ୍ ଦର ବୃଦ୍ଧି ଓ ବିଦ୍ୟୁତ୍ କାଟ୍ କଣ୍ଟା ସାଜୁଥିବାରୁ ଘରୋଇ ଉଦ୍ୟୋଗୀମାନେ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଶୀତଳଭଣ୍ଡାର ପାଇଁ ସେଭଳି ଆଖିଦୃଶିଆ ଆବେଦନ ହୋଇ ନ ଥିବା ଜଣାପଡ଼ିଛି। ସରକାର ବି ସମବାୟ ଭିତ୍ତିରେ ଶୀତଳଭଣ୍ଡାର ପ୍ରତିଷ୍ଠା କରୁନାହାନ୍ତି। ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଥିବାବେଳେ କେବେ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବ, ତାହାକୁ ଚାଷୀମାନେ ଚାତକ ଭଳି ଅନାଇ ରହିଛନ୍ତି।

## ଜାଲରେ ପଡ଼ିଲା ବିଶାଳ ମାଛ

**ଶଗଡା, ୧୦।୭( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ାରେ ଏକ ବିଶାଳ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି। ଗୁରୁବାର ତେଲ ନଦୀରେ କେତେକ ମତ୍ସ୍ୟଜୀବୀ ମାଛ ଧରୁଥିଲେ। ଏହି ସମୟରେ ମାଛଟି ଜାଲରେ ପଡ଼ିଥିଲା। ମାଛକୁ ନେଇ ସେମାନେ ଗ୍ରାମକୁ ଆଣିବା ପରେ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ୨୫ କେଜିର ଏହି ବୁଦିଆ ମାଛ ମୂଲ୍ୟ ପାଖାପାଖି ୬ ହଜାର ଟଙ୍କାରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।



## ୧୬ତମ ଏଗ୍ରିକଲଚର ଲିଡରସିପ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ପୁରସ୍କୃତ

**ଭୁବନେଶ୍ୱର,୧୦।୭(ସମିସ):** କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡରସିପ୍ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରସିପ୍ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଦାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି । କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହଯୋଗ ଲୋଡିବେ । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ ।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ଅଯଥା ଖର୍ଚ୍ଚ ବଢ଼ିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତା କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା ।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା ।



### ଆସିଲା 'କାନ୍ତାରା: ଚାପ୍ଟର ୧' ପୋଷ୍ଟର୍

# ରକ୍ତମୁଖା ରିଷଭ

ଚଳିତବର୍ଷ ଯେଉଁ କେତୋଟି ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି, ତନ୍ମଧ୍ୟରେ 'କାନ୍ତାରା: ଚାପ୍ଟର ୧' ରହିଛି । ଏହି ଫିଲ୍ମଟି କନ୍ନଡ଼ର ଲୋକପ୍ରିୟ ଅଭିନେତା ରିଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା'ର ପ୍ରିକ୍ୱେଲ । ରିଷଭଙ୍କ ଜନ୍ମଦିନ ଅବସରରେ ହୋମ୍ବଲେ ଫିଲ୍ମସ୍ ପକ୍ଷରୁ 'କାନ୍ତାରା: ଚାପ୍ଟର ୧'ର ଏକ ଦମ୍‌ଦାର ପୋଷ୍ଟର୍ ଜାରି କରାଯାଇଥିଲା । ଏହି ପୋଷ୍ଟର୍ ମାଧ୍ୟମରେ ଦର୍ଶକେ ରିଷଭଙ୍କ ପ୍ରଥମ ଝଲକ ଦେଖିବାକୁ ପାଇଛନ୍ତି । ପୋଷ୍ଟର୍‌ରେ ସେ ଢାଲ ଓ କୁରାଢ଼ି ଧରି ରକ୍ତମୁଖା ନଜର ଆସିଛନ୍ତି । ଜଳନ୍ତା ନିଆଁ ଭିତରେ ସେ ଯୋଦ୍ଧା ଅବତାରରେ ଦେଖାଯାଇଛନ୍ତି । ପୋଷ୍ଟର୍‌ଟିକୁ ସେୟାର୍ କରି ନିର୍ମାତା ରିଷଭଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଏହା ୨ ଅକ୍ଟୋବର, ୨୦୨୫ରେ ଆସିବ ବୋଲି କହିଛନ୍ତି । ଏହି ଫିଲ୍ମର ଏକ ଯୁଦ୍ଧ ସିନ୍‌କୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ଏଥିରେ ୫୦୦ ସୈନିକ ଓ ୩୦୦୦ ଲୋକେ ଏକା ସଙ୍ଗେ ନଜର ଆସିବେ । ଏହା ୨୫ ଏକର ଜମିରେ ୩୫-୪୦ ଦିନ ଧରି ସୁଟ୍ କରାଯାଇଥିଲା । ଏଥିରେ ରିଷଭ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ୨୦୨୨ରେ 'କାନ୍ତାରା' ଫିଲ୍ମ ଆସିଥିଲା । ଏହି ଫିଲ୍ମ ପାଇଁ ରିଷଭଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ମିଳିଥିଲା ।

# ବିଶ୍ୱ ଜନସଂଖ୍ୟା ଦିବସ




ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱବ୍ୟାପୀ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ । ସାରା ଦୁନିଆରେ ବୃଦ୍ଧି ପାଉଥିବା ଜନସଂଖ୍ୟା ପ୍ରତି ଲୋକମାନଙ୍କୁ ଜାଗ୍ରତ ଓ ସଚେତନ କରିବା ପାଇଁ ଏହି ଦିବସ ପାଳନ କରାଯାଏ । ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର, ମାତୃ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଦ୍ୱାରା ୧୯୮୯ରେ ଏହି ଦିନର ପରିକଳ୍ପନା କରାଯାଇଥିଲା । ୧୧ ଜୁଲାଇ, ୧୯୮୭ରେ ସାରା ବିଶ୍ୱର ଜନସଂଖ୍ୟା ଯେତେବେଳେ ୫୦୦ କୋଟିରେ ପହଞ୍ଚିଲା, ଏହି ଦିବସ ପାଳନକୁ ନେଇ ଉତ୍ସାହ ଦେଖାଗଲା । ସେବେଠାରୁ ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଏ । ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି । ଏବେ ଭାରତ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର । ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ । କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ । ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ, ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ । ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ ।

# କ୍ଷତିକାରକ ବାସି ଭାତ

ସାଧାରଣତଃ ଭାରତୀୟମାନେ ଭାତ ଖାଇବାକୁ ଭଲପାଆନ୍ତି । ଅନେକ ସମୟରେ ଭାତ ବଳିଯାଏ । ତେବେ ବଳକା ଭାତକୁ ନଷ୍ଟ ନ କରି ରଖିଦିଆଯାଏ । ଯାହାକୁ ଅନେକେ ବାସି ଭାତ ଭାବେ ଖାଆନ୍ତି । ହେଲେ ଏହି ବାସି ଭାତ ଶରୀର ପାଇଁ କ୍ଷତିକାରକ ବୋଲି ଲୋକପ୍ରିୟ ନ୍ୟୁଟ୍ରିସନ କୋଚ୍ ରିୟାନ ଫର୍ଣ୍ଣାଡୋ କହିଛନ୍ତି । ତେବେ ବାସି ଭାତ ଶରୀର ପାଇଁ କ୍ଷତିକାରକ ହେବା ପଛରେ ବାସିଲସ ସେରିୟସ ଜୀବାଣୁକୁ ଦାୟୀ କରାଯାଉଛି । ଏହା ଏମିତି ଏକ ଜୀବାଣୁ ଯାହା ଗରମରେ ବି ନଷ୍ଟ ହୋଇ ନ ଥାଏ । ଏହା ଚାଉଳରେ ଥାନ୍ତି, ଏହା ଉପରେ ଉତ୍ତାପର କୌଣସି ପ୍ରଭାବ ପଡ଼ି ନ ଥାଏ । ଚାଉଳକୁ ରାନ୍ଧିବା ପରେ ବି ଏହି ଜୀବାଣୁଗୁଡ଼ିକ ମରି ନ ଥାନ୍ତି । ଯେତେବେଳେ ଭାତ ବାସି ହୋଇଯାଏ, ସେତେବେଳେ ଏହି ଜୀବାଣୁ ସଂଖ୍ୟା ଆହୁରି ବଢ଼ିଯାଏ । ତେବେ ଭାତ ରାନ୍ଧିବା ପରେ ଯେତେବେଳେ ଏହା ଥଣ୍ଡା ହୋଇଯାଏ, ସେତେବେଳେ ଏହି ଜୀବାଣୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଏହା ବିଷାକ୍ତ ତତ୍ତ୍ୱ ସୃଷ୍ଟି କରେ । ତେବେ ଏହି ଜୀବାଣୁ ବୃଦ୍ଧି ହେବା ପାଇଁ ଭାତ ରନ୍ଧାଯିବା ପରର ଏକ ଘଣ୍ଟା ଠିକ୍ ହୋଇଥାଏ । ତେଣୁ ଭାତକୁ ପୁଣି ଗରମ କଲେ ମଧ୍ୟ ଏହି ବିଷାକ୍ତ ପଦାର୍ଥ ନଷ୍ଟ ହୋଇ ନ ଥାଏ । ସେହିପରି ଭାତ ରାନ୍ଧିବାର ତୁରନ୍ତ ପରେ ଏହାକୁ ଖାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି । ଯଦି ଏହା ସମ୍ଭବ ହେଉ ନାହିଁ, ତେବେ ଭାତକୁ ଫ୍ରିଜ୍‌ରେ ୪୦ରୁ ୧୪୦ ଡିଗ୍ରୀ ଫାରେନାଇଟ୍‌ରୁ କମ୍ ତାପମାତ୍ରାରେ ରଖିଖିଆଯାଇପାରିବ । ଅବଶ୍ୟ ଏହାକୁ ୨୪ ଘଣ୍ଟା ମଧ୍ୟରେ ଖାଇବା ଦରକାର । ଅନ୍ୟପଟେ ଏହି ସମୟ ଅତିକ୍ରମ କରିଯିବା ପରେ ଭାତକୁ ନ ଖାଇ ଫିଙ୍ଗି ଦେବା ଦରକାର ବୋଲି ସେ କହିଛନ୍ତି ।





# ମୋତିଆବିନ୍ଦୁ

**ବୟସ ବୃଦ୍ଧି ହେଲେ ମୋତିଆବିନ୍ଦୁ ହୋଇଥାଏ । ମୋତିଆବିନ୍ଦୁ ଏକ ଚକ୍ଷୁଜନିତ ସମସ୍ୟା । ହେଲେ ଆଜିକାଲି ଯୁବାବସ୍ଥାରେ ମୋତିଆବିନ୍ଦୁରେ ପୀଡ଼ିତ ହେଉଛନ୍ତି । ମୋତିଆବିନ୍ଦୁ କାହିଁକି ହୋଇଥାଏ, କେଉଁମାନଙ୍କ ପାଇଁ ଏହା ବିପଜ୍ଜନକ ଏବଂ ଏଥିରୁ ବର୍ତ୍ତିବା ପାଇଁ କ'ଣ କରିବା ଆବଶ୍ୟକ ଜାଣିବା ସେ ବିଷୟରେ ...**

ଆଖି ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ । ଏହା ମନୁଷ୍ୟକୁ ଦେଖିବାକୁ ସାହାଯ୍ୟ କରେ । ହେଲେ ବୟସବୃଦ୍ଧି, ବିଭିନ୍ନ ରୋଗ ଆଦି ଯୋଗୁଁ ଦୃଷ୍ଟି ଶକ୍ତି ହ୍ରାସ ପାଏ । ଏମିତି ଏକ ସମସ୍ୟା ହେଉଛି ମୋତିଆବିନ୍ଦୁ ବା କାଟାରାକ୍ଟ । ମୋତିଆବିନ୍ଦୁ ହେଲେ, ଆଖିର ପ୍ରାକୃତିକ ସ୍ୱଚ୍ଛ ଲେନ୍ସ ଅସ୍ୱଚ୍ଛ ହୋଇଯାଏ । ଦୃଷ୍ଟିଶକ୍ତିରେ ସମସ୍ୟା ହୋଇଥାଏ । ଝାପ୍‌ସା ଦେଖାଯିବା ସହ ବେଳେ ବେଳେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ନଷ୍ଟ ହେବାର ଆଶଙ୍କା ଥାଏ । ଏନେଇ ଦିଲ୍ଲୀର ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ଏକେ ଗ୍ରୋଭରଙ୍କ କହିବାନୁସାରେ, ମଧୁମେହ ପୀଡ଼ିତଙ୍କ ରକ୍ତ ଶର୍କରାସ୍ତର ବଢ଼ିଗଲେ ମୋତିଆବିନ୍ଦୁ ଶୀଘ୍ର ବିକଶିତ ହୁଏ । ଏହାଦ୍ୱାରା ଲେନ୍ସ ପ୍ରଭାବିତ ହୋଇ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ । ଆଖିରେ ପୂର୍ବରୁ ଆଘାତ ଲାଗିଥିଲେ କିମ୍ବା କୌଣସି ପ୍ରକାର ସର୍ଜରୀ ହୋଇଥିବା ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଶୀଘ୍ର ହୋଇପାରେ । ଅଧିକାଂଶ ଲୋକ ରୋଗ ନିୟନ୍ତ୍ରଣ ପାଇଁ ଦୀର୍ଘ ସମୟ ଷ୍ଟେରଏଡ୍ ନିଅନ୍ତି । ଏମାନଙ୍କୁ ମଧ୍ୟ ମୋତିଆବିନ୍ଦୁ ହେବାର ଆଶଙ୍କା ଅଧିକ ରହିଛି । ସେହିପରି ବଂଶାନୁକ୍ରମ, ମୋଟାପଣ, ଉଚ୍ଚ ରକ୍ତଚାପ, ଆଖିରେ ଆଘାତ ଲାଗିବା, ହରମୋନ୍ ଅସନ୍ତୁଳନ, ଭିଟାମିନ୍ ଅଭାବ, ବିକିରଣ ସମ୍ପର୍କରେ ରହିବା, ଚକ୍ଷୁ ସର୍ଜରୀ, ଧୂମପାନ ଏବଂ ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପାଇଁ ମୋତିଆବିନ୍ଦୁ ଅଧିକ ବିପଜ୍ଜନକ ହୋଇଥାଏ ।

ମୋତିଆବିନ୍ଦୁ ଆରମ୍ଭ ହେବା ମାତ୍ରେ ଚକ୍ଷୁ ପରୀକ୍ଷା କରି ଚିକିତ୍ସା କରାଗଲେ ଅଧିକାଂଶ କ୍ଷେତ୍ରରେ ଲେଜର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ସମସ୍ୟାକୁ ବଢ଼ିବାକୁ ଦେଇ ନ ଥାଏ । ଏଥିରେ ଅଣଦେଖା କଲେ, ଏହାର ଗମ୍ଭୀରତା ବୃଦ୍ଧି ପାଇ ଲେନ୍ସ ସମ୍ପୂର୍ଣ୍ଣ ନଷ୍ଟ ହୁଏ । ଚିକିତ୍ସା କରିବା କଷ୍ଟକର ହୋଇପଡେ । ତେଣୁ ମୋତିଆବିନ୍ଦୁ ପାକଳ ହୋଇଗଲେ, ସର୍ଜରୀ କରିବା ଅନିବାର୍ଯ୍ୟ । ସର୍ଜରୀ ଦ୍ୱାରା ଅସ୍ୱଚ୍ଛ ଲେନ୍ସ ବାହାର କରାଯାଇ କୃତ୍ରିମ ଲେନ୍ସ ଲଗାଯାଇଥାଏ । ଅନ୍ୟପଟେ ଖରାରେ ବାହାରିବା ସମୟରେ ୟୁଭି ପ୍ରୋଟେକ୍ସନଯୁକ୍ତ ସନଗ୍ଲାସ୍ ପିନ୍ଧି ପାରିବେ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଏ, ସି, ଇ, ଲ୍ୟୁଟିନ୍, ଜିଙ୍କ୍, ସବୁଜପରିବା, ଗାଜର, କମଳା, ମାଛ, ଆଦିକୁ ଡାଏଟରେ ସାମିଲ କରିପାରିବେ । ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ନିୟନ୍ତ୍ରଣରେ ରହିଲେ ଚକ୍ଷୁ ସମସ୍ୟା କମ୍ ରୁହେ । ତେଣୁ ୪୦ ବର୍ଷ ପରେ ନିୟମିତ ଚକ୍ଷୁ ପରୀକ୍ଷା କରିବା ଜରୁରି ।

# ପାର୍କିନସନ୍ ରୋଗର ନୂତନ ଚିକିତ୍ସା ବିକଳ୍ପ

ପାର୍କିନସନ ଏକ ପ୍ରକାର ସ୍ନାୟୁଜନିତ ରୋଗ । ଏହି ରୋଗ ହେଲେ, ଶରୀରର ଗତି ଧୀମା ହୋଇଥାଏ । ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଯଥା- ରୋଗୀର ଗତି ଧୀର ହେବା, ସ୍ୱରରେ ପରିବର୍ତ୍ତନ, କହିବାରେ ସମସ୍ୟା, ମାଂଶପେସୀରେ ପରିବର୍ତ୍ତନ ଆସିବା, ହାତ ଥରିବା, ମସ୍ତିଷ୍କ ଦୁର୍ବଳ ହେବା, ଶାରୀରିକ ସକ୍ରିୟତା କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ । ଏହି ରୋଗ ବଂଶାନୁଗତ କୁହାଯାଉଥିବାବେଳେ ରୋଗର ଲକ୍ଷଣକୁ ଔଷଧ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ । ହେଲେ ଜାପାନ, କ୍ୟୋଟୋ ବିଶ୍ୱବିଦ୍ୟାଳୟର ଆଇପିଏସ୍ ସେଲ୍ ଆପଲାଏଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଏକ ନୂତନ ଚିକିତ୍ସା ଆରମ୍ଭ କରିଛନ୍ତି । ଏନେଇ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏକ ନୂତନ ମସ୍ତିଷ୍କ କୋଷ ବୃଦ୍ଧି କରିଛନ୍ତି । ଏହି ଅଭିନବ ଚିକିତ୍ସା ପଦ୍ଧତିରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍‌କୁ ମସ୍ତିଷ୍କ ମଧ୍ୟରେ ପ୍ରତ୍ୟାରୋପଣ (ଆଇପିଏସ୍ ସେଲ୍) କରାଯାଇଥାଏ । ତେବେ ଏହି ନୂତନ ମସ୍ତିଷ୍କ କୋଷକୁ କିଛି ରୋଗୀଙ୍କ ମଧ୍ୟରେ ସଫଳତାର ସହିତ ପ୍ରତିରୋପଣ କରିବା ପରେ ନଷ୍ଟ ହୋଇଥିବା କୋଷ ସ୍ଥାନର ନୂତନ କୋଷ ବୃଦ୍ଧି ହୋଇ ମସ୍ତିଷ୍କର କାର୍ଯ୍ୟକ୍ଷମ କରିପାରିଥିଲା । ତେବେ ଚିକିତ୍ସାରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍ (ଆଇପିଏସ୍ କୋଷ) ବ୍ୟବହାର କରାଯାଇଥିବାବେଳେ ଏହା ଡୋପାମାଇନ୍-ଉତ୍ପାଦକ ନ୍ୟୁରାନ୍ ରୂପେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ । ସାଧାରଣତଃ ପାର୍କିନସନ୍ ରୋଗରେ ଡୋପାମାଇନ୍ କ୍ଷରଣ କରୁଥିବା କୋଷ ନଷ୍ଟ ହୋଇଯାଇଥାଏ । ତେଣୁ ପ୍ରାରମ୍ଭିକ ପରୀକ୍ଷଣରେ ଯେଉଁ ରୋଗୀଙ୍କ କ୍ଷେତ୍ରରେ ଏହି ନୂତନ କୋଷ ପ୍ରତିରୋପଣ କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ଉନ୍ନତ ଗତିବିଧି ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ, ମସ୍ତିଷ୍କ ସ୍କାନରୁ ନୂତନ ନ୍ୟୁରନ୍ ଡୋପାମାଇନ୍ ଉତ୍ପାଦନ କରୁଥିବା ଦେଖାଯାଇଥିଲା । ଏହା ମାଂସପେଶୀ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ସମ୍ବେଦ ବାହକ ରସାୟନ ଅଟେ । ବର୍ତ୍ତମାନ ଏହି ଚିକିତ୍ସା ପ୍ରଣାଳୀ ଉପରେ ବୈଜ୍ଞାନିକ ଆହୁରି ଗବେଷଣା କରୁଥିବାବେଳେ ଏଥିରୁ ଅଧିକ ସଫଳତା ମିଳିଲେ ପାର୍କିନସନ ପରି ରୋଗରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ଆଶା ପ୍ରଦାନ କରିବ ।



# ସେଓ ଖାଇଲେ ନିୟନ୍ତ୍ରଣରେ ରହେ କୋଲେଷ୍ଟ୍ରଲ

ସେଓରେ ଭିଟାମିନ୍-ସି, ଭିଟାମିନ୍ ବି ୬, ପଟାସିୟମ, ଫସ୍‌ଫରସ୍, ମାଙ୍ଗାନିଜ୍ ଆଦି ପୋଷକତତ୍ତ୍ୱ ଭରି ରହିଛି । ଏହା ଦାନ୍ତକୁ ମଜବୁତ ରଖିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । ହୃଦ୍‌ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେଓ ବହୁତ ଭଲ । ହେଲେ ଜାଣନ୍ତିକି, ଦିନକୁ ଦୁଇଟି ସେଓ ଖାଇବା ଦ୍ୱାରା ଶରୀରରେ ଜମିଥିବା ଖରାପ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିଥାଏ



- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଦୁଇଟି ସେଓ ଖାଇବା ଦ୍ୱାରା ଏଲ୍‌ଡିଏଲ୍‌ସ୍ତର ହ୍ରାସ ପାଇଥାଏ । ସେଓରେ ଥିବା ଫାଇବର ପେକ୍ଟିନ୍ ଶରୀରରୁ କୋଲେଷ୍ଟ୍ରଲକୁ କମ୍ କରିବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ସେହିପରି ଏହା କର୍କଟ କୋଷକୁ ବଢ଼ିବାକୁ ଦିଏ ନାହିଁ । ସେଓରେ ଥିବା କ୍ୟାଟେଚିନ୍ ଏବଂ ଫ୍ଲେବୋନଏଡ୍‌ସ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏଥିରେ ଭିଟାମିନ୍ ଓ ମିନେରାଲ ଭରପୁର ମାତ୍ରାର ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ତାସହିତ ଶରୀରରେ ଫ୍ରି ର୍‌ୟାଡିକାଲ୍ସ ସହିତ ଲଢ଼ିଥାନ୍ତି । କେବଳ ସେତିକି ନୁହେଁ, ପ୍ରତିଦିନ ଶେଓ ଖାଇବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ । ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବା ସହିତ ଏହା କୋଲେଷ୍ଟ୍ରଲ ହ୍ରାସ କରାଇଥାଏ ।
- ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମୁତାବକ, ମୋଟାପା ଏବଂ ଓଜନ ବୃଦ୍ଧି ସହିତ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ । ତେଣୁ ସେଓରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥିବାରୁ ଏହାକୁ ଖାଇବା ଦ୍ୱାରା ପେଟ ପୂରିଲା ପୂରିଲା ଲାଗେ । ତେଣୁ ଦୈନିକ ସେଓ ଖାଇବା ଦ୍ୱାରା ଧୀରେ ଧୀରେ ଓଜନ ହ୍ରାସ ପାଏ । ସେଓରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ରକ୍ତ ଶର୍କରାକୁ ବଢ଼ିବାକୁ ଦେଉନଥିବାରୁ ଏହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିପାରେ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଏଚ୍‌ସିଏ ସଭାପତି ଗିରଫ

**ଆଇପିଏଲ୍ ଟିକଟ୍ ସ୍କାମ**

ହାଇଦରାବାଦ୍, ୧୦।୭ (ଏଜେନ୍ସି): ଆଇପିଏଲ୍ ଟିକଟ୍ ସ୍କାମ ମାମଲାରେ କ୍ରାଇମ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ) ସଭାପତି ଜଗନ ମୋହନ ରାଓଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ଜଣ ହେଲେ ଏଚ୍‌ସିଏ କୋଷାଧ୍ୟକ୍ଷ ଶ୍ରୀନିବାସ ରାଓ, ସିଇଓ ସୁନିଲ କାନ୍ତେ, ରାଜେନ୍ଦ୍ର ଯାଦବ ଓ ଜି. କବିତା। ଗତ ଆଇପିଏଲ୍ ୧୮ତମ ସଂସ୍କରଣରେ ଟିକଟ୍ ସ୍କାମ ହୋଇଥିବା ନେଇ ସନରାଇଜର୍ସ ହାଇଦରାବାଦ୍ ଫ୍ରାଞ୍ଚାଇଜ ଅଭିଯୋଗ ଆଣିବା ପରେ ସିଆଇଡି ବୁଧବାର ରାତିରେ ଏଚ୍‌ସିଏ କର୍ମକର୍ତ୍ତାଙ୍କୁ ହେପାଜତକୁ ନେଇଥିଲା। ପୂର୍ବରୁ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣି କାଉନସିଲ୍‌କୁ ଚିଠି ଲେଖି ଅଭିଯୋଗ କରିଥିଲା ଯେ, ଅଧିକ କମ୍ପ୍ଲିମେଣ୍ଟାରୀ ପାସ୍ ଦେବା ଲାଗି ଏଚ୍‌ସିଏ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ଏହି ଘଟଣାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ସନ୍‌ରାଇଜର୍ସର ଅଭିଯୋଗ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଫାଇନାଲରେ ଆନିସିମୋଭା



**ୱିମ୍ବଲଡନରୁ ସାବାଲେଙ୍କା ବିଦା**

ଲଣ୍ଡନ, ୧୦।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଆମେରିକାର ଆମଣ୍ଡା ଆନିସିମୋଭା ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୧୩ତମ ସିଡ୍ ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ବେଲାରୁଷର ସାବାଲେଙ୍କାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ଏଥିସହ ୨୩ ବର୍ଷୀୟା ଆମଣ୍ଡା କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପହଞ୍ଚିଛନ୍ତି। ଇଗା ସ୍ୱିଆଟେକ ଓ ବେଲିଣ୍ଡା ବେନ୍‌ସିକଙ୍କ ମଧ୍ୟରେ ଖେଳାଯିବାକୁ ଥିବା ୨ୟ ସେମିଫାଇନାଲର ବିଜେତାଙ୍କ ସହ ଶନିବାର ଆନିସିମୋଭାଙ୍କ ଫାଇନାଲ ମୁକାବିଲା ହେବ।

**ଟେଷ୍ଟ ସିରିଜ୍‌ରେ ତୃତୀୟଥର ବି ଟସ୍ ହାରିଲା ଭାରତ**

# ପ୍ରଥମ ଦିନରେ ଲଢୁଆ ଖେଳିଲା ଇଂଲଣ୍ଡ

ଲର୍ଡ୍ସ, ୧୦।୭ (ଏଜେନ୍ସି):



**ଆଣ୍ଡରସନ-ତେନ୍ଦୁଲକର ଟ୍ରଫି**

ବିଶ୍ୱର ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ କ୍ରିକେଟ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ କ୍ରମାଗତ ତୃତୀୟଥର ଲାଗି ଟସ୍ ଜିତିଥିଲାବେଳେ ପ୍ରଥମଥର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମେ ବ୍ୟାଟିଂ କରି ୪୪ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିବା ଇଂଲଣ୍ଡ ପରେ ଲଢୁଆ ଖେଳ ପ୍ରଦର୍ଶନ କରିଛି। ପ୍ରଥମ ଦିନ ୮୦ ଓଭର ଖେଳ ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୨୪୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋ ରୁଟ ୯୧ ଓ ବେନ୍ ଷ୍ଟୋକ୍ସ ୩୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଲି ପୋପ୍ ୪୪ ଓ ହ୍ୟାରୀ ବ୍ରୁକ୍ ୧୧ ରନ୍ କରିଥିଲେ। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡି ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଟି ପରେ ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

ଲର୍ଡସରେ ତୃତୀୟ ଟେଷ୍ଟ ଖେଳିବାକୁ ଆସିବା ପୂର୍ବରୁ ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ବା ପେସ୍ ବୋଲରଙ୍କୁ ପରିବର୍ତ୍ତନ କରିଥିଲେ। ଦ୍ୱିତୀୟ ଟେଷ୍ଟ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଭାରତ ଓ ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ ଦଳରେ ସାମିଲ କରିଥିଲା। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଚଳିତ ସିରିଜ୍‌ରେ କ୍ରମାଗତ ତୃତୀୟଥର ଟସ୍ ଜିତିଥିଲେ ମଧ୍ୟ ପ୍ରଥମଥର ଏଠାରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳର ଦୁଇ ଓପନର ଅଧିନାୟକଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ବୁମ୍‌ରାଙ୍କ ନେତୃତ୍ୱରେ ଭାରତର ଆକ୍ରମଣକୁ ମୁକାବିଲା କରିଥିଲେ। କିନ୍ତୁ ୧୪ତମ ଓଭର ବୋଲିଂ କରିଥିବା ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ଦୁଇ ଓପନର ବେନ୍ ଡକେଟ (୨୩) ଓ ଜ୍ୟାକ୍ କ୍ରଲୀ (୧୮)ଙ୍କୁ ଆଉଟ କରି ଇଂଲଣ୍ଡକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ଏହା ପରେ ଦୁଇ ଅଭିଜ୍ଞ ବ୍ୟାଟର ଜୋ ରୁଟ ଓ ଓଲି ପୋପ୍ ତୃତୀୟ ୱିକେଟରୁ ୧୦୯ ରନ୍ ଉଠାଇ ଇଂଲଣ୍ଡକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ।

**ମନ୍ଥର ବ୍ୟାଟିଂ :** ହେଡ୍ କୋଚ୍ ଭାବେ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଯୋଗଦେବା ପରଠାରୁ ଇଂଲଣ୍ଡର ଟେଷ୍ଟ ମ୍ୟାଚ୍‌ରେ ରନ୍ ହାର ପ୍ରତ୍ୟେକ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ରହିଥାଏ। କିନ୍ତୁ ଟି ସୁଦ୍ଧା ଇଂଲଣ୍ଡ ୨.୯୨ ହାରରେ ରନ୍ ସଂଗ୍ରହ କରିଥିଲା। ମ୍ୟାକ୍‌କୁଲାମ ବା ବାଜ୍‌ବଲ ଏରାରେ ଏଠାରେ ଦଳ ଦ୍ୱିତୀୟ ସର୍ବନିମ୍ନ ହାରରେ ରନ୍ ସଂଗ୍ରହ କରିଥିଲା। ଘରୋଇ ମାଟିରେ ଦଳ ଏଠାରେ ୩୫.୪ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ବାଜ୍‌ବଲ ଏରାରେ ଇଂଲଣ୍ଡ ୭୨ଥର ବ୍ୟାଟିଂ କରିଛି। ଏହା ମଧ୍ୟରୁ ଦ୍ୱିତୀୟ ଥର ଏତେ ମନ୍ଥର ଗତିରେ ଖେଳିଛି। ପୂର୍ବରୁ ୨୦୧୪ ରାଜକୋଟରେ ଖେଳାଯାଇଥିବା ଟେଷ୍ଟରେ ଇଂଲଣ୍ଡ ୩୭.୨ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ସେହିପରି ଏହି ୭୨ଟି ଇନିଂସ ମଧ୍ୟରୁ ଦ୍ୱିତୀୟ ଥର ପ୍ରଥମ ୪୦ ଓଭର ବ୍ୟାଟିଂରେ ଇଂଲଣ୍ଡ ଓଭର ପ୍ରତି ୩ କିମ୍ବା ତା'ଠାରୁ କମ୍ ହାରରେ ରନ୍ ସଂଗ୍ରହ କରିଛି। ପୂର୍ବରୁ ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ୪୦ ଓଭରରେ ୪ ୱିକେଟ ହରାଇ ୧୧୨ ରନ୍ କରିଥିଲା।


**ଋଷଭ ପନ୍ତ ଆହତ:** ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ, ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ବ୍ୟାଟିଂ କରିଥିବା ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ ଆହତ ହୋଇଛନ୍ତି। ୩୦ତମ ଓଭରରେ ବଲ ଧରିବାକୁ ଯାଇଥିଲାବେଳେ ତାଙ୍କ ଆଙ୍ଗୁଳି ଉପରେ ବଲ ବାଜିଥିଲା। ଯନ୍ତ୍ରଣା ଅଧିକ ହେବାକୁ ୩୨ତମ ଓଭରରେ ତାଙ୍କର ଚିକିତ୍ସା କରିଥିଲେ ଫିଜିଓ। ହାତରେ ଟ୍ୟାପ୍ ଗୁଡାଇ କିପିଂ କରିବାକୁ ଆସିଥିଲେ ମଧ୍ୟ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପରେ ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ପରେ ରିଜର୍ଭ ୱିକେଟକିପର ଧ୍ରୁବ ଜୁରେଲ କିପିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ : ୨୪୨/୪, ୮୦ ଓଭର ( ଜୋ ରୁଟ୍- ବ୍ୟାଟିଂ- ୯୧, ଷ୍ଟୋକ୍ସ- ବ୍ୟାଟିଂ-୩୮, ଓଲି ପୋପ୍-୪୪, ବେନ୍ ଡକେଟ- ୨୩, ନୀତୀଶ କୁମାର ରେଡ୍ଡି-୨/୪୬, ଯଶପ୍ରୀତ୍ ବୁମ୍‌ରା-୧/୩୨) ।

## ୫ ବଲ୍‌ରେ ୫ ୱିକେଟ୍

ଡବ୍‌ଲିନ୍, ୧୦।୭ (ଏଜେନ୍ସି): ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର କର୍ଟିସ କାମ୍ଫର ବିଶ୍ୱର ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ଏକ ପ୍ରଫେସନାଲ ମ୍ୟାଚରେ ୫ ବଲ୍‌ରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଆୟର୍ଲାଣ୍ଡରେ ଖେଳାଯାଇଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଣ୍ଟର-ପ୍ରୋଭିନସିଆଲ୍ ଟ୍ରଫିରେ କାମ୍ଫର ମନଷ୍ଟର ରେଡ୍ସ ଦଳର ନେତୃତ୍ୱ ନେଉଥିବାବେଳେ ନର୍ଥ-ୱେଷ୍ଟ ୱାରିୟର୍ସ ବିପକ୍ଷରେ ଏହି ମାରାତ୍ମକ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ ମନଷ୍ଟର ଦଳ କାମ୍ଫରଙ୍କ ୪୪ ରନ ବଳରେ ୭ ୱିକେଟ୍‌ରେ ୧୮୮ ରନ କରିଥିଲା। ଜବାବରେ ନର୍ଥୱେଷ୍ଟ ୧୩.୩ ଓଭରରେ ମାତ୍ର ୮୮ ରନ କରି ପରାସ୍ତ ହୋଇଥିଲା। କାମ୍ଫର ତାଙ୍କ ଦ୍ୱିତୀୟ ଓଭରର ଶେଷ ୨ ବଲ୍ ଓ ତୃତୀୟ ଓଭରର ପ୍ରଥମ ୩ଟି ବଲ୍‌ରେ ପ୍ରତିପକ୍ଷର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଏହି କୀର୍ତ୍ତିମାନ ହାସଲ କରିଥିଲେ। ପୂର୍ବରୁ ମହିଳା କ୍ରିକେଟ୍‌ରେ ଜିମ୍ବାୱେର କେଲିସ ଧଲୋଭୁ ୨୦୨୪ରେ ୧୯ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ୫ ବଲରେ ୫ ୱିକେଟ୍ ନେଇଥିଲେ।



## ଇଂଲଣ୍ଡ ମାଟିରେ ଭାରତର ଐତିହାସିକ ସିରିଜ ବିଜୟ

**ମହିଳା ଟି-୨୦ କ୍ରିକେଟ୍**



ଓଲ୍ଡ ଟ୍ରାଫୋର୍ଡ, ୧୦।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ୪ର୍ଥ ଟି-୨୦ ମ୍ୟାଚକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ୯୭ ରନ ଓ ୨୪ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ୩-୧ରେ ଆଗୁଆ କବ୍‌ଜା କରିନେଇଛି। ଫଳରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ ଜିତି ଐତିହାସିକ ସଫଳତା ପାଇଛି। ଏଥିପୂର୍ବରୁ ୨୦୨୨ରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଏକଦିବସୀୟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଥିଲା।

ଚତୁର୍ଥ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା ଦଳ ୭ ୱିକେଟ୍‌ରେ ମାତ୍ର ୧୨୬ ରନ କରିପାରିଥିଲା। ଦଳ ପକ୍ଷରୁ ଓପନର୍ ସୋଫି ଡଙ୍କଲୀ ସର୍ବାଧିକ ୨୨, ଅଧିନାୟିକା ଟାମି ବିଉମାଉଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ଶ୍ରୀ ଚରଣୀ ଓ ରାଧା ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩ ଓଭର ବଳକା ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ସ୍ମୃତି ମନ୍ଧାନା ୩୨, ଶେଫାଳି ବର୍ମା ୩୧, ଅଧିନାୟିକା ହର୍‌ମନପ୍ରୀତ୍ କୌର ୨୬, ଜେମିମା ରୋଡ୍ରିଗ୍ସେଜ ଅପରାଜିତ ୨୪ ରନ କରିଥିଲେ। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ଖେଳାଯିବ। ଘରୋଇ ଇଂଲଣ୍ଡ ୩ୟ ଟି-୨୦କୁ ୫ ରନରେ ଜିତିଥିଲା।

## ଜାତୀୟ ସିନିଅର ହକି ଶିବିରରେ ଓଡ଼ିଶାରୁ ୪

ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଓ ଏସିଆ କପ୍ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ଚଳିତ ମାସ ୧୪ରୁ ଜାତୀୟ ସିନିଅର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ସ୍ଥାନୀୟ ସାଇ ସେଣ୍ଟରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ ଜଣ ହକି ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ୍ ଲାକ୍ରା ଓ ଫର୍‌ୱାର୍ଡ ଶିଳାନନ୍ଦ ଲାକ୍ରା। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ଅଗଷ୍ଟ ୨୯ରୁ ବିହାରରେ ଆରମ୍ଭ ହେବାକୁ ଥିବା ଏସିଆ କପ୍‌ରେ ଭାଗନେବ।

## ଟେନିସ ଖେଳାଳି ରାଧିକାଙ୍କୁ ଗୁଳି କରି ହତ୍ୟା କଲେ ବାପା

ଗୁରୁଗ୍ରାମ, ୧୦।୭ (ଏଜେନ୍ସି): ଗୁରୁଗ୍ରାମର ପରିଚିତ ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁରୁବାର ସକାଳେ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ସେକ୍ଟର-୫୭ ଅନ୍ତର୍ଗତ ସୁଶାନ୍ତ ଲୋକ-ଫେଜ୍ ୨ ଅଞ୍ଚଳରେ ଏହି ଚାଞ୍ଚଲ୍ୟକାରୀ ଘଟଣା ଘଟିଛି। ୨୫ ବର୍ଷୀୟା ରାଧିକାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଯାଇଥିବାବେଳେ ସେଥିରୁ ୩ଟି ବୁଲେଟ୍ ତାଙ୍କ ଦେହରେ ବାଜିଥିଲା ଏବଂ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ରାଧିକାଙ୍କ ବାପା ଦୀପକ ଯାଦବଙ୍କୁ ଗିରଫ କରିଛି। ରାଧିକା ଇନ୍‌ଷ୍ଟାଗ୍ରାମରେ ଅତ୍ୟଧିକ ମାତ୍ରାରେ ରିଲ୍ସ କରୁଥିବାରୁ ଏଥିରେ ବିରକ୍ତ ହୋଇ ଦୀପକ ଝିଅକୁ ହତ୍ୟା କରିବା ଭଳି ଜଘନ୍ୟ ଘଟଣା ଘଟାଇଥିଲେ ବୋଲି କୁହାଯାଉଛି। କିନ୍ତୁ ରାଧିକାଙ୍କ ଭାଇ ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ରାଧିକା ଏକ ଟେନିସ ଏକାଡେମୀ କରିଥିଲେ। ଯାହାକୁ ନେଇ ବାପା ଦୀପକ ଖୁସି ନ ଥିଲେ। ଉଲ୍ଲେଖଯୋଗ୍ୟ, ରାଧିକା ଡବଲ୍ସ ଇଭେଣ୍ଟରେ ପ୍ରତିନିଧିତ୍ୱ କରୁଥିଲେ। ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ମାନ୍ୟତାରେ ସେ ଏକଦା ୧୧୩ତମ ସ୍ଥାନ ହାସଲ କରିଥିଲେ।



**ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ**

## ଓଡ଼ିଶାରୁ ଭାଗ ନେବେ ୭ ପ୍ରତିଯୋଗୀ

ଭୁବନେଶ୍ୱର,୧୦।୭ (ସମିସ): ବେଙ୍ଗାଲୁରୁର ଶ୍ରୀକାନ୍ତିରାଭା ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଦୁଇଦିନଧରି ୭ମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ପକ୍ଷରୁ ଘୋଷଣା କରାଯାଇଛି। ଏହି ଆଥ୍‌ଲେଟମାନେ ହେଲେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ଜାନକି ଓରାମ, ସ୍ୱାଧିନ ମାହାର, କମଳାକାନ୍ତ ନାୟକ, ରଞ୍ଜିତ ଚନ୍ଦ ଓ ପଙ୍କଜ ଭୁଏ। ସମସ୍ତଙ୍କଠାରୁ ପଦକ ଆଶା ରହିଛି ବୋଲି ପିଏସ୍‌ଏଓ ପକ୍ଷରୁ କୁହାଯାଇଛି।



**■ ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍**

## ୧୩-୦ ଗୋଲ୍‌ରେ ଜିତିଲା ଲାଠିକଟା

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ଖେଳ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଲାଠିକଟା ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ସଉନାମୁରାକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଅନ୍ୟ ମ୍ୟାଚ୍‌ରେ ଗୁରୁଣ୍ଡିଆ ଏଚ୍‌ଟିସି ୩-୨ ଗୋଲ୍‌ରେ କୁତ୍ରା ଏଚ୍‌ଟିସିକୁ, ବଡ଼ଗାଁ ଏଚ୍‌ଟିସି ୨-୧ ଗୋଲ୍‌ରେ ଯାଜପୁର ଏଚ୍‌ଟିସିକୁ, ବମ୍ରା ଏଚ୍‌ଟିସି ୬-୧ ଗୋଲ୍‌ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ପୁରୁଷରେ ରାଜଗାଙ୍ଗପୁର ଏଚ୍‌ଟିସି ୫-୧ ଗୋଲ୍‌ରେ ସବଡେଗାକୁ, ନୂଆଗାଁ ଏଚ୍‌ଟିସି ୩-୨ ଗୋଲ୍‌ରେ କରଡ଼ାପାଲକୁ, କଉରାମୁଣ୍ଡା ଏଚ୍‌ଟିସି ୩-୦ ଗୋଲ୍‌ରେ ଛତ୍ରପୁର ଏଚ୍‌ଟିସିକୁ ହରାଇଛି।

ନନ୍ଦିଘୋଷ

CAREER
Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ସମିସ):



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆଗାମୀ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ଏକାଧିକ ସହରରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ୍ ୪୦୭ ଜଣ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ଜଣ ଖେଳାଳି ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ବିଶ୍ୱବିଦ୍ୟାଳୟ ଉତ୍କଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଭାଗନେବେ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କିଟ୍‌ରୁ ସର୍ବାଧିକ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ସେହିଭଳି ରାଜ୍ୟ ହିସାବରେ ଦେଖିଲେ ପଞ୍ଜାବ ପରେ ଓଡ଼ିଶା ୨ୟ ସ୍ଥାନରେ ରହିଛି। କିଟ୍ ବ୍ୟତୀତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ୨୮ ଜଣ, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ଜଣ ଆଥ୍‌ଲେଟ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କିଟ୍‌ର ଏହି ୪୦ଜଣ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଭାଗନେବେ। ଅପରପକ୍ଷରେ ପ୍ରଶିକ୍ଷକ ଭାବେ ଅଲିମ୍ପିଆନ ଅର୍ଜୁନ ବାନାର୍ଜୀ, ସଞ୍ଜୟ ଗଡ଼ନାୟକ (ଦୌଡ଼କୁଦ), ଲୋତକ ବିନ୍ଦୁ ଦାଶ (ଭଲିବଲ୍) ଓ ଟଡ୍ କ୍ଲାର୍କ (ଟେନିସ) ଭାରତୀୟ ଦଳ ସହ ଗସ୍ତ କରିବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ ପ୍ରମୁଖ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS